# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୩୦/୨୦୧୮ (୨୦ ପୃଷ୍ଠା) | Bhubaneswar, Friday, November 30/ 2018 | ★★★★★★

୪୫ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ମୁମ୍ବାଇରେ ଦୀପିକାଙ୍କ ୱେଡ୍ଡିଂ ରିସେପ୍‌ଶନ୍**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ମୁମ୍ବାଇରେ ବିବାହ ଭୋଜି ଦେଇଛନ୍ତି। ଏଥିରେ ପାଖାପାଖି ୧୨୦୦ ଅତିଥି ଅଂଶଗ୍ରହଣ କରିଥିଲେ।

୧୦ ୧୭

**ବିମୁଦ୍ରୀକରଣ ଏକ କଠୋର ନିଷ୍ପତ୍ତି**

ବିମୁଦ୍ରୀକରଣ ଦେଶର ଅର୍ଥନୀତି ପାଇଁ ଏକ କଠୋର ନିଷ୍ପତ୍ତି ଥିଲା ବୋଲି ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ କହିଛନ୍ତି।



## ହକି ବିଶ୍ୱକପ୍ ଫଳାଫଳ

ODISHA HOCKEY MEN'S WORLD CUP BHUBANESWAR 2018

**ଗୁରୁବାର**

ପ୍ରଥମ ମ୍ୟାଚ

ଆର୍ଜେଣ୍ଟିନା-୪
ସ୍ପେନ-୩

ଦ୍ୱିତୀୟ ମ୍ୟାଚ

ନ୍ୟୁଜିଲାଣ୍ଡ-୨
ଫ୍ରାନ୍ସ-୧

## ଆଜିର ସମ୍ପାଦକୀୟ

**ବର୍ଦ୍ଧିତ ଏମ୍‌ଏସ୍‌ପି ଯଥେଷ୍ଟ ନୁହେଁ**

## ଆଜିର ମନ୍ତବ୍ୟ

ବ୍ରିଟେନର ବ୍ରେକ୍‌ଜିଟ୍ ଭବିଷ୍ୟତ ପାର୍ଲାମେଣ୍ଟ ନିଷ୍ପତ୍ତି ଉପରେ ନିର୍ଭର କରେ।

–ଥେରେସା ମେ, ବ୍ରିଟେନ ପ୍ରଧାନମନ୍ତ୍ରୀ

## କିଛି ତଥ୍ୟ

୨୦୧୬–୧୭ରେ ଦେଶର ଜିଡ଼ିପି ଅଭିବୃଦ୍ଧି ୭.୧% ରହିଥିବା ବେଳେ ୨୦୧୭–୧୮ରେ ୬.୭%କୁ ହ୍ରାସ ଘଟିଛି। – ନୀତି ଆୟୋଗ




ହକି ବିଶ୍ୱକପ୍‌ରେ ଗୁରୁବାର ଆର୍ଜେଣ୍ଟିନା ଓ ସ୍ପେନ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଏକ ଉଲ୍ଲେଖଯୋଗ୍ୟ ମୁହୂର୍ତ୍ତ।

■ ଉଦ୍‌ଯାପନୀ ସମାରୋହ ହେବ ଆହୁରି ଆକର୍ଷଣୀୟ

# ଅମିତାଭ, ସଚିନ୍ ଯୋଗଦେବା ନେଇ ଚର୍ଚ୍ଚା

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ପୁରୁଷ ହକି ବିଶ୍ୱକପ୍ ୨୦୧୮ର ଉଦ୍‌ଘାଟନୀ ସମାରୋହରେ ମାଧୁରୀ ଦୀକ୍ଷିତ, ଏ.ଆର୍. ରହମନ୍, ସଲ୍‌ମାନ୍ ଖାନ୍ ଓ ଶାହରୁଖ୍ ଖାନ୍‌ଙ୍କ ଭଳି ବହୁ ବଡ଼ ବଡ଼ ସେଲିବ୍ରିଟି ଯୋଗଦେବା ପରେ ଏବେ ସମସ୍ତଙ୍କ ନଜର ରହିଛି ଉଦ୍‌ଯାପନୀ





**ତାଲିକାରେ ଅଛନ୍ତି ଆମିର୍, ଶାହିଦ, ଗାଙ୍ଗୁଲି, ଦ୍ରାବିଡ**

ସମାରୋହ ଉପରେ। ଉଦ୍‌ଘାଟନୀଠାରୁ ଉଦ୍‌ଯାପନୀ ସମାରୋହକୁ ଆହୁରି ଆକର୍ଷଣୀୟ କରିବାକୁ ଆୟୋଜକ ପ୍ରସ୍ତୁତ ହେଉଥିବାବେଳେ ☞ପୃଷ୍ଠା–୪

# ଜନଶୁଣାଣି ପାଇଁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ପୋଲାଭରମ୍ ପ୍ରକଳ୍ପ ବିବାଦକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଓଡ଼ିଶା ଏବଂ ଛତିଶଗଡ଼ରେ ଜନଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ଉଭୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଡିସେମ୍ବର ୧ ତାରିଖ ସୁଦ୍ଧା ଜନଶୁଣାଣି ପାଇଁ ଟର୍ମସ ଆଣ୍ଡ୍ କଣ୍ଡିଶନ୍ସ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ସରକାରଙ୍କ ଏକ ଅନ୍ତରୀଣ ପିଟିଶନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟଙ୍କ ଏକ ୩ ଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ବେଳେ ଆନ୍ଧ୍ର ସରକାରଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରାଗଲେ ୩୦ ହଜାର କୋଟି ଟଙ୍କା କ୍ଷତି ହେବ। ଓଡ଼ିଶାକୁ ଜନଶୁଣାଣି ପାଇଁ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଦର୍ଶାଇଥିଲେ। ଅନ୍ୟପକ୍ଷରେ ଏହି ପ୍ରକଳ୍ପ ବନ୍ଦ ନ କଲେ କ୍ଷୟକ୍ଷତି ପରିମାଣ ବହୁ ଅଧିକ ହେବ ବୋଲି ଓଡ଼ିଶା ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା। କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ପୋଲାଭରମ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକମାନେ ନ୍ୟାୟ ପାଇବା ନେଇ ଆଶା ସଞ୍ଚାର ହୋଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୩ ତାରିଖରେ ହେବ।

ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାର ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ପ୍ରକଳ୍ପକୁ କେନ୍ଦ୍ର ସରକାର ଜାତୀୟ ପ୍ରକଳ୍ପ ମାନ୍ୟତା ଦେଇଛନ୍ତି। ଉଭୟ ରାଜ୍ୟରେ ଜନଶୁଣାଣି ହୋଇଥିବା ବିଷୟରେ ପୂର୍ବରୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ତେବେ କୋର୍ଟ ଓଡ଼ିଶା, ତେଲେଙ୍ଗାନା ଏବଂ ହାଇଦ୍ରାବାଦସ୍ଥିତ ଏକ ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥା ରେଡିନେସ ଫର୍ ଏମ୍ପାୱାରମେଣ୍ଟ ଥ୍ରୁ ଲେଜିଟିମେଟ ଆକ୍ସନ(ଆର୍‌ଇଏଲ୍‌ଏ) ପକ୍ଷରୁ ଦାଏର କରାଯାଇଥିବା ପିଟିଶନର ଶୁଣାଣି କରି ଜନଶୁଣାଣି ପାଇଁ ଟର୍ମସ୍ ଆଣ୍ଡ୍ କଣ୍ଡିଶନ୍ସ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ☞ପୃଷ୍ଠା–୪

**ପୋଲାଭରମ ବିବାଦ**



■ ଡିସେମ୍ବର ୩ରେ ପରବର୍ତ୍ତୀ ଶୁଣାଣି








| | 100ml | 200ml |
|---|---|---|
| Anmol Jasmine | ₹ 30 | ₹ 55 |
| *Nihar Jasmine | ₹ 44 | ₹ 84 |
| ଆପଣଙ୍କର ସଞ୍ଚୟ | ₹ 14 | ₹ 29 |

*Based on MRP of the pack as in September 2018




### ପିପିଲି ଗଣବଳାତ୍କାରକୁ ୭ ବର୍ଷ

# ତଦନ୍ତ ରିପୋର୍ଟକୁ ଚାପି ରଖାଯାଇଛି: କଂଗ୍ରେସ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

୨୯ ନଭେମ୍ବର, ୨୦୧୧ରେ ପିପିଲି ଥାନା ଅନ୍ତର୍ଗତ ଅର୍ଜ୍ଜୁନଗୋଦା ଗାଁରେ ବେବିନା ବେହେରାଙ୍କୁ ଗଣବଳାତ୍କାର କରାଯାଇଥିଲା। ଇତିମଧ୍ୟରେ ଏହାକୁ ୭ ବର୍ଷ ପୂରିଯାଇଛି। ହେଲେ ଏହି ଘଟଣାର ତଦନ୍ତ ରିପୋର୍ଟ ଏଯାଏ ସାର୍ବଜନୀନ ହୋଇନାହିଁ। ୨୦୧୬ ମାର୍ଚ୍ଚ ୩୦ରେ ଘଟଣାର ତଦନ୍ତ କରୁଥିବା ଜଷ୍ଟିସ୍ ପି.କେ. ମହାନ୍ତି କମିଶନ ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ। ଏହାକୁ ଅଢ଼େଇ ବର୍ଷ ବିତିଯାଇଥିଲେ ବି ରିପୋର୍ଟକୁ କ'ଣ ପାଇଁ ସାର୍ବଜନୀନ କରାଯାଉ ନାହିଁ, ଯାହାଦ୍ୱାରା ବିଚାର ଅଧାବାଟରେ ପଡ଼ିରହିଥିବା ପିସିସି ପକ୍ଷରୁ ଅଭିଯୋଗ କରାଯାଇଛି। ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ମୁଖା ଖୋଲିଯିବା ଭୟରେ ମୁଖ୍ୟମନ୍ତ୍ରୀ ତଦନ୍ତ ରିପୋର୍ଟକୁ ଚାପି ରଖିଛନ୍ତି। ବେବିନା ଗଣବଳାତ୍କାର ବିଚାରକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେଉନାହିଁ। କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ଏଥିପାଇଁ ଉତ୍ତରଦାୟୀ କିଏ। ପୋଲିସ ତା'ର ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରିଛି ନା ନାହିଁ ସେନେଇ ରିପୋର୍ଟ ଲୋକଲୋଚନକୁ ଆସିବା ଜରୁରୀ।

### ■ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ କର

# ଅର୍ଥମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

■ କେନ୍ଦ୍ରକୁ ରାଜ୍ୟର ପରାମର୍ଶ
■ ଆଦିବାସୀଙ୍କ ସ୍ୱାର୍ଥକୁ ବିପନ୍ନ କରନାହିଁ

କେନ୍ଦୁପତ୍ର ଉପରେ ରାଜ୍ୟର ଏକ ବଡ଼ ଭାଗ ଲୋକ ନିର୍ଭର କରୁଛନ୍ତି। ଏହା ସେମାନଙ୍କର ଜୀବନଜୀବିକା। ସେମାନଙ୍କ ଜୀବନ ଜୀବିକାକୁ ବିପନ୍ନ କରା ନ ଯାଉ। କେନ୍ଦୁପତ୍ର ଉପରେ ଲଗାଯାଇଥିବା ୧୮ ପ୍ରତିଶତ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)କୁ ତୁରନ୍ତ ହ୍ରାସ କରାଯାଉ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ଚିଠି ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, କେନ୍ଦୁପତ୍ର ଏକ ଲଘୁ ବନଜାତ ଦ୍ରବ୍ୟ। ଏହା ଆଦିବାସୀମାନଙ୍କର ଆର୍ଥିକ ଜୀବନରେଖା। ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ବନବାସୀ(ଜଙ୍ଗଲ ଅଧିକାରୀ ସ୍ୱୀକୃତି) ଆଇନ-୨୦୦୬ ଅନୁଯାୟୀ ଥିବା ଅଧିକାର ଅନୁସାରେ ଆଦିବାସୀମାନେ କେନ୍ଦୁପତ୍ର ତୋଳିଥାଆନ୍ତି। ୨୦୧୭ ଜୁଲାଇ ୧ ତାରିଖରେ ଜିଏସ୍‌ଟି ଲାଗୁ ହେବା ପରେ କେନ୍ଦୁପତ୍ର ଉପରେ ୧୮ ପ୍ରତିଶତ ଟିକସ ଲଗାଯାଇଛି। ଜିଏସ୍‌ଟି ଲାଗୁ ହେବା ପୂର୍ବରୁ ରାଜ୍ୟ ସରକାର କେନ୍ଦୁପତ୍ର ଉପରେ ମାତ୍ର ୫ ପ୍ରତିଶତ ମୂଲ୍ୟଯୁକ୍ତ ଟିକସ(ଭ୍ୟାଟ୍) ଲାଗୁ କରିଥିଲେ। ୫ରୁ ୧୮ ପ୍ରତିଶତ ଅତ୍ୟଧିକ ଟିକସ ବୃଦ୍ଧି ଆଦିବାସୀମାନଙ୍କ ଜୀବିକା ଉପରେ ବୋଝ ହୋଇଛି।

ଏହି ଟିକସ ବୃଦ୍ଧି ଯୋଗୁ ହଜାର ହଜାର କୁଇଣ୍ଟାଲ କେନ୍ଦୁପତ୍ର ବିକ୍ରି ହୋଇ ନ ପାରି ବିଭିନ୍ନ ଗୋଦାମରେ ପଡ଼ିରହିଛି। ଓଡ଼ିଶା ବନ ଉନ୍ନୟନ ନିଗମ ଏ ନେଇ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଛି। ଏହାର ପ୍ରଭାବ ରାଜ୍ୟର ୮.୫ ଲକ୍ଷ କେନ୍ଦୁପତ୍ର ତୋଳାଳି,ବନ୍ଧାଳି ଏବଂ ଋତୁକାଳୀନ ଶ୍ରମିକଙ୍କ ସାମାଜିକ ଓ କଲ୍ୟାଣକାରୀ ଯୋଜନା ଉପରେ ପଡ଼ିଛି। ଆଦିବାସୀ ଲୋକମାନଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ କରିବାକୁ ମୁଖ୍ୟମନ୍ତ୍ରୀ ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ନିଟ୍ ୟୁଜି ପରୀକ୍ଷା:୨୫ ବର୍ଷରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଆବେଦନ କରିପାରିବେ

ନୂଆଦିଲ୍ଲୀ,୨୯।୧୧(ପି.ଟି.)

ଡାକ୍ତରୀ ପଢ଼ିବା ଲାଗି ଆଗ୍ରହୀ ୨୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଛାତ୍ରୀଛାତ୍ର ଆସନ୍ତାବର୍ଷ ହେବାକୁ ଥିବା ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍) ଅଣ୍ଡରଗ୍ରାଜୁଏଟ ପରୀକ୍ଷା ପାଇଁ ଆବେଦନ କରିପାରିବେ। ଏଥିପାଇଁ ସୁପ୍ରିମକୋର୍ଟ ଗୁରୁବାର ଅନୁମତି ପ୍ରଦାନ କରିଛନ୍ତି। ତେବେ ସିବିଏସଇ ଧାର୍ଯ୍ୟ କରିଥିବା ସର୍ବୋଚ୍ଚ ବୟସସୀମାର ବୈଧତାକୁ ନେଇ ଚାଲିଥିବା ମାମଲାର ନିଷ୍ପତ୍ତି ଉପରେ ସେମାନଙ୍କ ପ୍ରାର୍ଥିତ୍ୱ ନିର୍ଭର କରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ନଭେମ୍ବର ୧ରେ ନିଟ୍ ୟୁଜି ୨୦୧୯ ପରୀକ୍ଷା ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ପ୍ରାର୍ଥୀଙ୍କ ସର୍ବୋଚ୍ଚ ବୟସ ପରୀକ୍ଷା ତାରିଖ ସୁଦ୍ଧା ୨୫ ବର୍ଷ ରଖାଯାଇଥିଲା। ଅର୍ଥାତ୍ ୨୦୧୯ ମେ' ୫ରେ ଯେଉଁମାନଙ୍କ ବୟସ ୨୫ ବର୍ଷରୁ ଅଧିକ ହୋଇଥିବ ସେମାନେ ପରୀକ୍ଷା ଦେବା ଲାଗି ଯୋଗ୍ୟ ବିବେଚିତ ହେବେ ନାହିଁ। ୨୦୧୯ରୁ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ଅଧିକାଂଶ ପ୍ରବେଶିକା ପରୀକ୍ଷା ପରିଚାଳନା କରିବ।

NATIONAL EGG CO-ORDINATION COMMITTEE 29.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 70 | 119 | 129 |
| BDK | 71 | 120 | 130 |
| BLS | 72 | 122 | 132 |
| ANG | 72 | 122 | 132 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers




Admission 2019-21
PGDM
An Industry Validated and Value Based
Post Graduate Diploma in Management
Approved & Recognised by AICTE, Ministry of HRD, Govt. of India with Global Accreditation from ACBSP, USA

ACBSP ACCREDITED
ASBM, as the only ACBSP (Accreditation Council for Business Schools & Programs) accredited B-School of Eastern India, recognised by Council for Higher Education Accreditation (CHEA), USA, has access to around 1200 University Campuses throughout the world for students and faculty exchange as a part of ACBSP's Global Network of Business Schools.

Specializations : HR | Finance | Marketing | IT | Operations, Logistics & Supply Chain | Banking Insurance and Financial Services | Retail Management | International Business

Apply Online : www.asbm.ac.in

Asian School of Business Management
Campus : Shiksha Vihar, Bhola, Chandaka, Bhubaneswar-754012
www.asbm.ac.in | E-mail : admission@asbm.ac.in |
TOLL FREE- 1800 3456 5855 | Tell: 0674 2744881/ 882/ 8763127020





ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଆର୍ଜେଣ୍ଟିନାରେ ପହଞ୍ଚିଛନ୍ତି। ଏହି ଅବସରରେ ସେ ଆର୍ଜେଣ୍ଟିନା ରାଜଧାନୀ ବୁଏନ୍ସ ଏୟାର୍ସଠାରେ ବିଶ୍ୱ ନେତାମାନଙ୍କ ସହ ଦୁଇଟି ତ୍ରିପାକ୍ଷିକ ଆଲୋଚନାରେ ସାମିଲ ହେବେ। ଏହି ବୈଠକରେ ବିଶ୍ୱ ସମ୍ମୁଖୀନ ହେଉଥିବା ବିଭିନ୍ନ ଚାଲେଞ୍ଜ ଏବଂ ବିକାଶ ସମ୍ପର୍କରେ ଆଲୋଚନା ହେବ। ଶୁକ୍ରବାର ପ୍ରଥମ ତ୍ରିପାକ୍ଷିକ ବୈଠକ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ମୋଦିଙ୍କ ମଧ୍ୟରେ ହେବାକୁ ଥିଲା ବେଳେ ଦ୍ୱିତୀୟ ବୈଠକ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ, ଚାଇନା ରାଷ୍ଟ୍ରପତି ଜି ଜିନପିଙ୍ଗ ଏବଂ ମୋଦିଙ୍କ ମଧ୍ୟରେ ହେବ।

## ସଂକ୍ଷେପରେ

### ୧୦ ବିଶ୍ୱବିଦ୍ୟାଳୟ, ୫୨ କଲେଜରେ ଖୋଲିଲା କ୍ୟାରିୟର କାଉନ୍‌ସେଲିଂ ସେଣ୍ଟର

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ):** ରାଜ୍ୟରେ ଉଚ୍ଚଶିକ୍ଷାର ପ୍ରସାର ପାଇଁ ୧୦ଟି ବିଶ୍ୱବିଦ୍ୟାଳୟ ଓ ୫୨ଟି କଲେଜରେ କ୍ୟାରିୟର କାଉନସେଲିଂ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଛାତ୍ରୀଛାତ୍ରଙ୍କ କ୍ୟାରିୟର ସମ୍ପର୍କରେ ପରାମର୍ଶ ଦେବା ପାଇଁ ପ୍ରତ୍ୟେକ କାଉନସେଲିଂ ସେଣ୍ଟରରେ ଜଣେ ଲେଖାଏ ନୋଡାଲ ଅଫିସର ରହିବେ। ରାଜ୍ୟରେ ନିଯୁକ୍ତି ସୁଯୋଗ ବୃଦ୍ଧି କରିବାରେ କ୍ୟାରିୟର କାଉନସେଲିଂ ସେଣ୍ଟର ବିଶେଷ ଉପଯୋଗୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ୧୩୫ ଜଣ ପ୍ରାର୍ଥୀଙ୍କୁ ସରକାରୀ କଲେଜରେ ଶିକ୍ଷକ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସୂଚନାଭବନଠାରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଶିକ୍ଷାର ଅନ୍ତର୍ଜାତୀୟକରଣ ଶୀର୍ଷକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଦୁଇ ଦଶନ୍ଧି ଧରି ଗବେଷଣା ଓ ଶିକ୍ଷା ହବ୍ ପାଇଁ ରାଜ୍ୟ ଧୀରେ ଧୀରେ ଅଗ୍ରସର ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଉଚ୍ଚ ଶିକ୍ଷାନୁଷ୍ଠାନ ଗଢି ଉଠିଥିବା ବେଳେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଅନ୍ତର୍ଜାତୀୟସ୍ତରର ପ୍ରତିଯୋଗିତା ସୃଷ୍ଟି କରିବା ସହ ନୂତନ ଜ୍ଞାନ ପ୍ରଦାନ କରିବା ଦିଗରେ ରାଜ୍ୟ ଆଗକୁ ମାଡି ଚାଲିଛି। ଗବେଷଣା, ଉଚ୍ଚ ଶିକ୍ଷାର ଆଦାନ ପ୍ରଦାନ ସକାଶେ ରାଜ୍ୟ ସରକାର ୧୮୨ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଆମର ପ୍ରତିବଦ୍ଧତା ଓଡ଼ିଶାକୁ ଦେଶର ଏକ ଶିକ୍ଷା ହବ୍‌ରେ ପରିଣତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କର୍ମଶାଳାରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି ଯେ ୫୨ଟି ସରକାରୀ କଲେଜରେ ଖାଲିଥିବା ୧୩୫ଟି ଅଧାପକ ପଦବୀ ପୂରଣ କରାଯାଇଛି। ଏଥିସହିତ ସରକାରୀ ଅନୁଦାନପ୍ରାପ୍ତ କଲେଜରେ ଖାଲିଥିବା ୮୩୩ ପଦବୀ ଖୁବଶୀଘ୍ର ପୂରଣ କରାଯିବ ବୋଲି ଅନନ୍ତ କହିଛନ୍ତି।

### ନିଆଁରେ ପୋଡ଼ିହୋଇ ଗୁରୁତର ଦମ୍ପତିଙ୍କ ମୃତ୍ୟୁ

**ନୟାଗଡ଼ ଅଫିସ/ ଖଣ୍ଡପଡ଼ା(ସ୍ୱ.ପ୍ର.), ୨୯।୧୧:** ନୟାଗଡ଼ ଜିଲା ଖଣ୍ଡପଡ଼ା ଏନ୍‌ଏସି ଅନ୍ତର୍ଗତ ୪ ନମ୍ବର ୱାର୍ଡ ମଙ୍ଗଳାସାହିରେ ବୁଧବାର ନିଆଁରେ ପୋଡ଼ିହୋଇ ଗୁରୁତର ହୋଇଥିବା ଦମ୍ପତିଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମୃତ ଦମ୍ପତି ହେଲେ ସଦାନନ୍ଦ ପ୍ରଧାନ ଓ ଋତୁପର୍ଣ୍ଣା ରଥ। ବୁଧବାର ଅପରାହ୍ଣରେ କୌଣସି କାରଣରୁ ସଦାନନ୍ଦ ଓ ଋତୁପର୍ଣ୍ଣାଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ଏଥିରେ ସଦାନନ୍ଦ ଉତ୍ତ୍ୟକ୍ତ ହୋଇ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏହା ଦେଖି ଋତୁପର୍ଣ୍ଣା ସଦାନନ୍ଦଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିବାବେଳେ ତାଙ୍କ ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲା। ଉଭୟଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗୁରୁବାର ସକାଳେ ଦମ୍ପତିଙ୍କ ମୃତ୍ୟୁ ଘଟିଛି।

### ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଅଟକ

**ଜଳେଶ୍ୱର, ୨୯।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଗୁରୁବାର ରାଇବଣିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଥାନାଧିକାରୀ ରବୀନ୍ଦ୍ରନାଥ ବେହେରା ପୋକ୍ସୋ ଆକ୍ଟ ଅନୁଯାୟୀ ଏକ ନାବାଳିକା ବଳାତ୍କାର ମାମଲା(ନଂ.୭୧/୧୮) ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛନ୍ତି। ଏହାସହ ପୀଡ଼ିତାଙ୍କୁ ଡାକ୍ତରୀମାଇନା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଗତ ରବିବାର ରାତି ପ୍ରାୟ ସାଢ଼େ ୧୨ଟାରେ ପୀଡ଼ିତାଙ୍କ ବାପା ଗ୍ରାମରେ ହେଉଥିବା କରମା ନାଚ ଦେଖିବାକୁ ଯାଇଥିଲେ। ପୀଡ଼ିତା ତାଙ୍କ ମା'ଙ୍କ ସହିତ ଶୋଇଥିବା ବେଳେ ଅଭିଯୁକ୍ତ ଜଣକ ତାଙ୍କୁ ଉଠାଇ ଡାକିନେଇ ମୁହଁରେ କପଡ଼ା ଦେଇ ବଳାତ୍କାର କରିଥିଲେ। ବଳାତ୍କାର ବିଷୟରେ କାହା ପାଖରେ ପ୍ରକାଶ କଲେ ଜୀବନରୁ ମାରିଦେବେ ବୋଲି ଅଭିଯୁକ୍ତ ପୀଡ଼ିତାଙ୍କୁ ଧମକ ଦେଇଥିଲେ।

## ଜିଡିପି ଡାଟା ସଂଶୋଧନ
# ବିରୋଧୀଙ୍କ ପ୍ରଶ୍ନ, ସରକାରଙ୍କ ସମର୍ଥନ

**ନୂଆଦିଲ୍ଲୀ,୨୯।୧୧**

### ନୀତି ଆୟୋଗର ଭୂମିକାକୁ ନେଇ ପ୍ରଶ୍ନବାଚୀ



- ଚାଲାକି କରିଛନ୍ତି ସରକାର : ଚିଦାମ୍ବରମ
- ଚ୍ୟାଲେଞ୍ଜ ଗ୍ରହଣ କଲେ ଉପାଧ୍ୟକ୍ଷ
- ସିଏସ୍‌ଓକୁ ଅର୍ଥମନ୍ତ୍ରୀଙ୍କ ସମର୍ଥନ

ବୁଧବାର କେନ୍ଦ୍ରୀୟ ପରିସଂଖ୍ୟାନ ପ୍ରତିଷ୍ଠାନ(ସିଏସ୍‌ଓ) ପକ୍ଷରୁ ସଂଶୋଧିତ ଜିଡିପି ଡାଟା ଜାରି କରାଯିବାରେ ନୀତି ଆୟୋଗର ଭୂମିକାକୁ ନେଇ ଏବେ ପ୍ରଶ୍ନ ଉଠିଛି। ସିଏସ୍‌ଓ ସଂଶୋଧିତ ଜିଡିପି ଡାଟା ପ୍ରସ୍ତୁତ କରିଥିଲେ ହେଁ ଏଥିରେ ନୀତି ଆୟୋଗ ହସ୍ତକ୍ଷେପ କରିଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ବିରୋଧୀ ଦଳ କଂଗ୍ରେସ ଓ ପୂର୍ବତନ ସିଏସ୍‌ଓ ଏହାକୁ ନେଇ ପ୍ରଶ୍ନ ଉଠାଇବା ପରେ ବିବାଦ ଅଧିକ ଘନୀଭୂତ ହୋଇଛି।

ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଓ ମୁଖ୍ୟ ପରିସଂଖ୍ୟାନବିଦ୍ ପ୍ରବୀଣ ଶ୍ରୀବାସ୍ତବ ବୁଧବାର ଖବରଦାତା ସମ୍ମିଳନୀରେ ସଂଶୋଧିତ ଜିଡିପି ଡାଟା ଜାରି କରିଥିଲେ। ଏଥିରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରଙ୍କ ଜିଡିପି ହ୍ରାସ ପାଇଥିବା ଦର୍ଶାଯାଇଛି। ୟୁପିଏ ସରକାର ବେଳେ ଜିଡିପି ହାରାହାରି ଅଭିବୃଦ୍ଧି ୬.୭% ଥିଲା ବେଳେ ବର୍ତ୍ତମାନର ଏନ୍‌ଡିଏ ସରକାରଙ୍କ ସମୟରେ ଏହା ୭.୩% ରହିଛି ବୋଲି ଉଲ୍ଲେଖ କରାଯାଇଛି। ପୂର୍ବତନ ସିଏସ୍‌ଓ ପ୍ରଣବ ସେନ୍‌ଙ୍କ କହିବାନୁଯାୟୀ ନୀତି ଆୟୋଗଙ୍କୁ ଜିଡିପି ଜାରିରୁ ଦୂରେଇ ରଖାଯାଇଥିଲେ ଅଯଥା ବିବାଦ ଉପୁଜି ନ ଥାନ୍ତା। ତାଙ୍କର କହିବାନୁଯାୟୀ, ଜିଡିପି ଗଣନାରେ ନୀତି ଆୟୋଗର କୌଣସି ଭୂମିକା ନାହିଁ। ଏହା ସିଏସ୍‌ଓର କାମ। ସିଏସ୍‌ଓ ଅତ୍ୟନ୍ତ ବିଶ୍ୱାସଯୋଗ୍ୟ ସଂଗଠନ ହୋଇଥିବା ବେଳେ ଅର୍ଥ ମନ୍ତ୍ରଣାଳୟ ଏହାଠାରୁ ବହୁ ଦୂରରେ ରହିଥାଏ। ସେନ କହିଛନ୍ତି ଯେ, ଲୋକଙ୍କ ନଜରରେ ସିଏସ୍‌ଓର ବିଶ୍ୱସନୀୟତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଜିଡିପି ଡାଟାକୁ ସଂଶୋଧନ କରିବା ନେଇ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ଗୁରୁବାର ପ୍ରଶ୍ନ ଉଠାଇଛନ୍ତି। ଏନ୍‌ଡିଏ ସରକାର ନିଜ ଅର୍ଥନୀତିର ଖରାପ ଅବସ୍ଥାକୁ ଘଣ୍ଟ ଘୋଡାଇବା ଲାଗି ଚାଲାକି କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପୂର୍ବେ ପରିସଂଖ୍ୟାନ ଗଣନା କେନ୍ଦ୍ରୀୟ ପରିସଂଖ୍ୟାନ ଆୟୋଗ କରୁଥିଲେ। ଏବେ କ'ଣ ଏହାକୁ ଭାଙ୍ଗି ଦିଆଯାଇଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ସଂଶୋଧିତ ଜିଡିପି ଡାଟାକୁ ନେଇ ଆଲୋଚନା କରିବାକୁ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ୍ ଦେଇଥିବା ଚ୍ୟାଲେଞ୍ଜକୁ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଗ୍ରହଣ କରିଛନ୍ତି। ସେ ମଧ୍ୟ ଏକାଧିକ ଟୁଇଟ୍ ଜରିଆରେ କହିଛନ୍ତି ଯେ, ଜିଡିପି ଡାଟା ସମ୍ପର୍କରେ ଆଲୋଚନା କରାଯାଉ। ସେ ଏଥିରେ ରାଜି। ଖବରଦାତାଙ୍କ ସମ୍ମୁଖରେ ସେ ୩ ଘଣ୍ଟା ଧରି ନିଜର ଉଦ୍‌ବୋଧନରେ ଜିଡିପି ଡାଟା ସମ୍ପର୍କରେ ଉଲ୍ଲେଖ କରିଥିବା କହିଛନ୍ତି। ଚିଦାମ୍ବରମ ନୂଆ ଡାଟା ସମ୍ପର୍କରେ ଅଧିକ କିଛି କହିବାକୁ ଚାହୁଁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସିଏସ୍‌ଓକୁ ସମର୍ଥନ କରିଛନ୍ତି। ୟୁପିଏ ସମୟର ଜିଡିପି ହ୍ରାସକୁ ଗୁରୁବାର ସମର୍ଥନ କରି ସେ କହିଛନ୍ତି ଯେ,ସିଏସ୍‌ଓ ଏକ ଭରସାଯୋଗ୍ୟ ସଂସ୍ଥା ଓ ଏହା ସ୍ୱାଧୀନ ଭାବେ କାର୍ଯ୍ୟ କରେ। ୟୁପିଏ ସରକାର ସମୟରେ କଂଗ୍ରେସ ଏହି ସିଏସ୍‌ଓକୁ ପ୍ରଶଂସା କରିଥିଲା ବୋଲି ଜେଟ୍‌ଲୀ ଉଲ୍ଲେଖ କରିଛନ୍ତି। ନୂଆ ପଦ୍ଧତିରେ ଜିଡିପି ଡାଟା ପ୍ରସ୍ତୁତ କରାଯାଇଛି, ଯାହା ଭରସାଯୋଗ୍ୟ।

## ବଢୁଛି ଶୀତ: ଫୁଲବାଣୀରେ ୮.୫ ଡିଗ୍ରୀ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ରାଜ୍ୟରେ ଶୀତ ଲହରି ଜାରି ରହିଛି। ଉପକୂଳଠାରୁ ଆଭ୍ୟନ୍ତରୀଣ ସବୁଠି ଶୀତର ପ୍ରକୋପ ଅନୁଭୂତ ହେଉଛି। ରାଜ୍ୟର ଅଧିକାଂଶ ଭାଗରେ ପାରଦ ୧୫ ଡିଗ୍ରୀ ତଳେ ରହୁଛି। କେତେକ ସ୍ଥାନରେ ଏହା ୧୨ ଡିଗ୍ରୀ ତଳକୁ ମଧ୍ୟ ଖସିଯାଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗିବାଡି ୧୧, ଅନୁଗୋଳ ୧୩, ଝାରସୁଗୁଡା ୧୪.୬, ସୁନ୍ଦରଗଡ ୧୩, ତାଳଚେର ୧୩.୩, ଭବାନୀପାଟଣା ୧୩.୨, ବଲାଙ୍ଗୀର ୧୪, କୋରାପୁଟ ୧୩, ଟିଟିଲାଗଡ ୧୩ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୩.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ଡିସେମ୍ବର ୨ ତାରିଖଠାରୁ ରାଜ୍ୟରେ ଶୀତ ପ୍ରକୋପ ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।















ନିଶ୍ଚିତ ଥାଅ– ବିଶ୍ୱଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ –ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି– ବିଜୟ ସୁନିଶ୍ଚିତ। –ଶ୍ରୀଅରବିନ୍ଦ

# ବର୍ଦ୍ଧିତ ଏମ୍ଏସ୍ପି ଯଥେଷ୍ଟ ନୁହେଁ

ଚଳିତବର୍ଷ ଜୁଲାଇ ମାସରେ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ୨୦୦ ଟଙ୍କା ବୃଦ୍ଧି କରିଥିଲେ, ଯାହା କୁଇଣ୍ଟାଲ ପିଛା ୨୯୦୦ ଟଙ୍କା ଦାବି କରୁଥିବା ରାଜ୍ୟ ସରକାରଙ୍କ ଦାବିଠାରୁ କମ୍। ଏହି ବୃଦ୍ଧି ସାମାନ୍ୟ ହେଲେ ମଧ୍ୟ ଖର୍ଚ୍ଚ ଉଠୁନାହିଁ ବୋଲି ଅଭିଯୋଗ କରୁଥିବା ଚାଷୀମାନଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ଦେବ ବୋଲି ଆଶା କରାଯାଉଥିଲା। ଧାନ ସଂଗ୍ରହରେ ଓଡ଼ିଶା ବିକେନ୍ଦ୍ରୀକରଣ ପଦ୍ଧତି ଆପଣାଇଥିବାରୁ ସର୍ବାଧିକ ସଂଖ୍ୟକ କୃଷକ କିପରି ସର୍ବନିମ୍ନ ସହାୟକ ମୂଲ୍ୟରେ ସେମାନଙ୍କ ଧାନ ବିକ୍ରି କରିପାରିବେ, ତାହା ସୁନିଶ୍ଚିତ କରିବାର ଦାୟିତ୍ୱ ହେଉଛି ଏକମାତ୍ର ରାଜ୍ୟ ସରକାରଙ୍କର। କାରଣ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ (ଓଏସ୍ସିଏସ୍ସି) ଜରିଆରେ ରାଜ୍ୟ ସରକାର ମଣ୍ଡିଗୁଡ଼ିକରୁ ୯୦ ପ୍ରତିଶତରୁ ଅଧିକ ଧାନ ସଂଗ୍ରହ କରନ୍ତି। ଖରିଫ ଧାନ ସଂଗ୍ରହ ଋତୁ ଅକ୍ଟୋବର ମାସରୁ ଆରମ୍ଭ ହେଉଥିବା ବେଳେ ମିଲରମାନଙ୍କ ଦ୍ୱାରା ଧାନ ବିତରଣ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ଅବ୍ୟାହତ ରହେ। ଓଡ଼ିଶାରେ ସର୍ବତ୍ର ସମାନ ପଦ୍ଧତିରେ ଧାନ ଅମଳ କରାଯାଏ ନାହିଁ। ବରଗଡ଼, କଳାହାଣ୍ଡି ଓ ସୋନପୁର ପରି କେତେକ ଜିଲାରେ ଏବଂ ସମ୍ବଲପୁର, ବାଲେଶ୍ୱର ଓ ଗଞ୍ଜାମର କିଛି ଅଂଶରେ କୃଷକମାନେ ଖରିଫ ଓ ଡାଲୁଅ ଦୁଇଟା ଫସଲ କରନ୍ତି। ଏହି ଜିଲାଗୁଡ଼ିକରେ ଚାଷୀମାନଙ୍କର ଅମଳ ଋତୁ ଜଲଦି ଆରମ୍ଭ ହୁଏ ଏବଂ ସେମାନଙ୍କ ଧାନ ମଣ୍ଡିରେ ପ୍ରଥମେ ପହଞ୍ଚେ। ତେଣୁ ଅକ୍ଟୋବର ଶେଷ ସୁଦ୍ଧା ଯେପରି ଧାନ ସଂଗ୍ରହ ପାଇଁ ମଣ୍ଡିଗୁଡ଼ିକ ଖୋଲା ରହେ, ତାହା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। ତେବେ ଏହିସବୁ ଜିଲାଗୁଡ଼ିକ ମଧ୍ୟରୁ ଅଧିକାଂଶ ଜିଲାରେ ଏ ପର୍ଯ୍ୟନ୍ତ ମଣ୍ଡି ଆରମ୍ଭ ହୋଇ ନାହିଁ। ମିଲରମାନେ ଏପର୍ଯ୍ୟନ୍ତ ପ୍ରଶାସନ ସହ ଚୁକ୍ତିନାମାରେ ଦସ୍ତଖତ କରି ନ ଥିବାରୁ ଧାନ ସଂଗ୍ରହ କେବେ ଆରମ୍ଭ ହେବ ସେ ନେଇ ଅନିଶ୍ଚିତତା ଦେଖାଦେଇଛି। ମଣ୍ଡି ଖୋଲିବାରେ ବିଳମ୍ବ ହେଲେ କୃଷକମାନେ ବାଧହୋଇ ବେପାରୀମାନଙ୍କୁ କମ୍ ମୂଲ୍ୟରେ ଧାନ ବିକ୍ରି କରିବେ। ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର କେତେକ ବେପାରୀ ଓଡ଼ିଶାର ସଂଲଗ୍ନ ଜିଲାଗୁଡ଼ିକରୁ ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣୁଥିବାର ଖବର ମଧ୍ୟ ପ୍ରକାଶ ପାଇଛି।

ଏହା ହେଉଛି ରାଜ୍ୟର ଏକ ନିୟମିତ ସମସ୍ୟା। ରାଜ୍ୟର ଚାଷୀମାନେ ପ୍ରତିବର୍ଷ ଏହିପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମଣ୍ଡି ବିଳମ୍ବରେ ଖୋଲିବା, ମଣ୍ଡିରେ ଚାଷୀମାନେ ଧାନ ଗଦା କରି ବିକ୍ରି ପାଇଁ ଦିନ ଦିନ ଧରି ଅପେକ୍ଷା କରିବା, ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ପାଇବା, ବିଳମ୍ବରେ ମୂଲ୍ୟ ପାଇବା, ମିଲରମାନେ ମନଇଚ୍ଛା କଟ୍ନି ଛଟ୍ନି କରିବା ଆଦି ସମସ୍ୟା ଚାଷୀମାନେ ପ୍ରତିବର୍ଷ ଭୋଗି ଆସୁଛନ୍ତି। ଏସବୁ ସମସ୍ୟା ପ୍ରତି ପ୍ରଶାସନ ମଧ୍ୟ ସଚେତନ। ତଥାପି ସେମାନେ ଏହା ଦୂରକରିବା ଲାଗି କୌଣସି ପଦକ୍ଷେପ ନେଉନାହାନ୍ତି। କୃଷି ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକଳାପ ଭିତରେ ଧାନ ସଂଗ୍ରହ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଯଦି ଏହି ପ୍ରକ୍ରିୟାକୁ ସରଳ କରା ନ ଯାଏ, ଚାଷୀମାନେ ସେମାନଙ୍କ ବାସ୍ତବ ମୂଲ୍ୟ ପାଇବାରୁ ସବୁବେଳେ ବଞ୍ଚିତ ହେବେ। ନଭେମ୍ବର ଆଦ୍ୟଭାଗରୁ ବି ସରକାର କାହିଁକି ମଣ୍ଡି ଖୋଲି ପାରୁନାହାନ୍ତି, ତାହାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ। ଧାନ ସଂଗ୍ରହରେ ରାଜ୍ୟ ସରକାର ଗ୍ରହଣ କରିଥିବା ବିକେନ୍ଦ୍ରୀକରଣ ପଦ୍ଧତିର ଉଦ୍ଦେଶ୍ୟ ହେଉଛି କିପରି ସର୍ବାଧିକ ସଂଖ୍ୟକ କୃଷକ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରି କରିପାରନ୍ତି, ତାକୁ ସୁନିଶ୍ଚିତ କରିବା। ଧାନବୁଣାଠାରୁ ଅମଳ ପର୍ଯ୍ୟନ୍ତ କୃଷକମାନେ ଅନୌପଚାରିକ ହାତଉଧାରି ଆଣିଥାନ୍ତି। ସଅଳ ଧାନ ବିକ୍ରି ହେଲେ ହିଁ ସେମାନେ ଏହି ଋଣ ପରିଶୋଧ କରିପାରିବେ। ଗରିବ କୃଷକମାନେ ଅମଳ ପରେ ସେମାନଙ୍କ ଧାନ ବେଶି ଦିନ ଘରେ ରଖିପାରନ୍ତି ନାହିଁ, କାରଣ ଧାନ ସାଇତି ରଖିବାକୁ ସେମାନଙ୍କର ଆବଶ୍ୟକ ଭଣ୍ଡାରଘର ନାହିଁ। ପୁଣି ଅଧିକ ଦିନ ଧାନ ରଖିଲେ ସେଥିରେ ଆର୍ଦ୍ରତାଜନିତ ଫିମ୍ପି ମାରିବା ଆଦି ଆଶଙ୍କା ମଧ୍ୟ ଥାଏ। ଏଥି ସହ ଋଣଦାତାମାନଙ୍କର ଋଣ ପରିଶୋଧ କରିବା ପାଇଁ ବାରମ୍ବାର ତାଗିଦ ସେମାନଙ୍କୁ ଅତିଷ୍ଠ କରେ। ତେଣୁ ମଣ୍ଡିରେ ଧାନ ବିକ୍ରିରେ ବିଳମ୍ବ ହେଲେ ସେମାନେ ଲାଭଖୋର ବେପାରୀମାନଙ୍କୁ ଏମ୍ଏସ୍ପିଠାରୁ ଯଥେଷ୍ଟ କମ୍ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ ହୁଅନ୍ତି। ଆନ୍ଧ୍ରପ୍ରଦେଶର ବେପାରୀମନେ ଭଦ୍ରକର ଆଗରପଡ଼ା, ବନ୍ତ, ଆରଡ଼ି ଓ ବରପଦାରେ ଶିବିରି ଖୋଲି ଧାନ କିଣୁଥିବାର ରିପୋର୍ଟ ପ୍ରକାଶ ପାଇଛି। କେତେକ ଜିଲାରେ ସେମାନେ ସ୍ଥାନୀୟ ମଧ୍ୟସ୍ଥ ବା ଦଲାଲମାନଙ୍କ ଜରିଆରେ ସେମାନଙ୍କୁ ଧାନ ବିକ୍ରି କରିବାକୁ ଚାଷୀମାନଙ୍କୁ ରାଜି କରାଉଥିବାର ମଧ୍ୟ ଦେଖାଯାଉଛି। ଯୋଗାଣ ବିଭାଗ, ମିଲର ଓ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଏବଂ ଧାନ ସଂଗ୍ରହ ତାରିଖ ବାରମ୍ବାର ଘୁଞ୍ଚାଇବା ଯୋଗୁ କୃଷକମାନେ ବେପାରୀମାନଙ୍କ ଜାଲରେ ପଡ଼ିବାକୁ ବାଧ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ପାଖରେ ରାଜ୍ୟ ସରକାର ବର୍ଦ୍ଧିତ ଏମ୍ଏସ୍ପି ପାଇଁ ଦାବି କରିବାରେ କୌଣସି ଭୁଲ୍ ନାହିଁ, କିନ୍ତୁ କେବଳ ତାହା କୃଷକମାନଙ୍କ ଦୁଃଖ ଦୂର କରିପାରିବ ନାହିଁ। ରାଜ୍ୟ ସରକାରଙ୍କ ସମୟୋଚିତ ସେବା ଯୋଗାଣ ମଧ୍ୟ ଏକାନ୍ତ ଆବଶ୍ୟକ।

## ଆଜିର ଅର୍ଥନୀତି

# ଶ୍ରୀଲଙ୍କାରେ ଅସ୍ଥିରତା



ଶରତ ଚନ୍ଦ୍ର ମିଶ୍ର

ଭାରତ ଉପମହାଦେଶରେ ଭାରତ ବ୍ୟତୀତ କେବଳ ଶ୍ରୀଲଙ୍କାରେ ସ୍ୱାଧୀନତା (୧୯୪୮) ପରଠାରୁ ନିରବଚ୍ଛିନ୍ନ ଭାବେ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଚାଲୁଛି। ୨୦୧୮ ଅକ୍ଟୋବର ୨୬ ତାରିଖରେ ପ୍ରଥମଥର ପାଇଁ ଏକ ଅଗଣତାନ୍ତ୍ରିକ ପଦ୍ଧତିରେ ଏଠାରେ ଶାସନକଳର ପରିବର୍ତ୍ତନ କରାହୋଇଛି। ରାଷ୍ଟ୍ରପତି ସିରିସେନା ପ୍ରଧାନମନ୍ତ୍ରୀ ବିକ୍ରମ ସିଂହଙ୍କୁ ଗାଦିଚ୍ୟୁତ କରି ପୂର୍ବତନ ରାଷ୍ଟ୍ରପତି ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି ଓ ୨୦୧୯ ଜାନୁୟାରୀରେ ନିର୍ବାଚନ ଘୋଷଣା କରିଛନ୍ତି । ସେ ପାର୍ଲାମେଣ୍ଟ ଭଙ୍ଗ ଘୋଷଣା କରିଛନ୍ତି। କିନ୍ତୁ ସୁପ୍ରିମ୍କୋର୍ଟ ହସ୍ତକ୍ଷେପ କରି ପାର୍ଲାମେଣ୍ଟ ଭଙ୍ଗକୁ ଅସାମ୍ବିଧାନିକ ଘୋଷଣା କରିଛନ୍ତି। ପାର୍ଲାମେଣ୍ଟରେ ନବନିଯୁକ୍ତ ପ୍ରଧାନମନ୍ତ୍ରୀ ରାଜପାକ୍ସେ ନିଜର ସଂଖ୍ୟାଗରିଷ୍ଠତା ପ୍ରମାଣ କରିପାରିନାହାନ୍ତି। ପାର୍ଲାମେଣ୍ଟରେ ବିକ୍ରମ ସିଂହଙ୍କ ୟୁନାଇଟେଡ୍ ନ୍ୟାଶନାଲ ପାର୍ଟି ଓ ରାଜପାକ୍ସେଙ୍କ ଶ୍ରୀଲଙ୍କା ଫ୍ରିଡମ୍ ପାର୍ଟିର ସଭ୍ୟମାନଙ୍କ ମଧ୍ୟରେ ମାର୍ପିଟ ଭଳି ଅଶୋଭନୀୟ କାଣ୍ଡ ଘଟିଛି। ଶ୍ରୀଲଙ୍କା ଫ୍ରିଡମ୍ ପାର୍ଟି ତୁରନ୍ତ ନିର୍ବାଚନ ଦାବି କରୁଛି। ରାଷ୍ଟ୍ରପତି ସିରିସେନା ତାଙ୍କୁ ହତ୍ୟା କରିବା ନିମନ୍ତେ ଷଡ଼ଯନ୍ତ୍ର ହେଉଛି ବୋଲି ଅଭିଯୋଗ କରି ସେଥିଯୋଗୁ ସରକାର ବଦଳାଇବା ଆବଶ୍ୟକ ହେଲା ବୋଲି ଯୁକ୍ତି ଦର୍ଶାଇଛନ୍ତି।

ନବନିଯୁକ୍ତ ପ୍ରଧାନମନ୍ତ୍ରୀ ରାଜପାକ୍ସେ ଶ୍ରୀଲଙ୍କା ଫ୍ରିଡମ୍ ପାର୍ଟିର ନେତା। ସେ ୨୦୦୫ରୁ ୨୦୧୫ ପର୍ଯ୍ୟନ୍ତ ଦେଶର ରାଷ୍ଟ୍ରପତି ଥିଲେ। ସେ ପ୍ରଭୁତ୍ୱବାଦରେ ବିଶ୍ୱାସୀ ଓ ତାମିଲ ବିଦ୍ରୋହକୁ ଦୃଢ଼ ହସ୍ତରେ ଦମନ କରିଥିଲେ (୨୦୦୯)। ତାଙ୍କ ବିରୋଧରେ ପାଶ୍ଚାତ୍ୟ ଦେଶଗୁଡ଼ିକ ମାନବିକ ଅଧିକାର ଉଲ୍ଲଂଘନର ଗୁରୁତର ଅଭିଯୋଗ ଆଣିଥିଲେ ମଧ୍ୟ ସେ ତାମିଲମାନଙ୍କ ଉପରେ ହୋଇଥିବା ଅତ୍ୟାଚାରର କୌଣସି ତଦନ୍ତ କରିବା ନିମନ୍ତେ ପ୍ରସ୍ତୁତ ନ ଥିଲେ। ପଶ୍ଚିମ ଜଗତ ସହିତ ସମ୍ପର୍କରେ ଅବନତି ଘଟିବାରୁ ସେ ଚାଇନା ସହିତ ସମ୍ପର୍କ ବୃଦ୍ଧି କଲେ। ଚାଇନାକୁ ଏକ ବନ୍ଦର ନିର୍ମାଣ କରିବାକୁ ଦେଇ ସେ ଋଣ ଶୁଝି ନ ପାରି ବନ୍ଦରଟିକୁ ୯୯ ବର୍ଷ ନିମନ୍ତେ ଚାଇନାକୁ ଲିଜ୍ ପ୍ରଦାନ କଲେ। ତାଙ୍କ ସମୟରେ ଦେଶ ଅତିମାତ୍ରାରେ ଚାଇନାଠାରୁ ଋଣଗ୍ରସ୍ତ ହୋଇଗଲା। ତାଙ୍କ ପରିବାରର ଅଧିକାଂଶ ସଦସ୍ୟ ଉଚ୍ଚ ପଦାଧିକାରୀ ଥିଲେ ଓ ଦେଶର ଅର୍ଥନୀତିର ଅର୍ଦ୍ଧେକ ନିୟନ୍ତ୍ରଣ କରୁଥିଲେ। ତାମିଲମାନଙ୍କୁ କଠୋର ହସ୍ତରେ ଦମନ କରିପାରିଥିବାରୁ ସେ ସିଂହଳୀମାନଙ୍କ ମଧ୍ୟରେ ଜନପ୍ରିୟ ଓ ବଳିଷ୍ଠ ନେତା ଭାବେ ପରିଚିତ। ସଂଖ୍ୟାଲଘୁ ତାମିଲ (୧୮ ଭାଗ), ମୁସଲମାନ (୮ ଭାଗ) ଓ ଖୀରସ୍ତାନ (୮ ଭାଗ)ମାନେ ତାଙ୍କ ଶାସନ କାଳରେ ନିଜକୁ ଅସୁରକ୍ଷିତ ମନେ କରୁଥିଲେ। ତାଙ୍କର ରାଜନୈତିକ ପ୍ରତ୍ୟାବର୍ତ୍ତନକୁ ଚାଇନା ସ୍ୱାଗତ ଜଣାଇଛି।

ତାଙ୍କ ଦଳରେ ବିଦ୍ରୋହ ଘଟି ତାଙ୍କ ଅଧୀନରେ ମନ୍ତ୍ରୀ ଥିବା ସିରିସେନା ତାଙ୍କଠାରୁ ଅଲଗା ହୋଇଯାଇ ୟୁନାଇଟେଡ୍ ନ୍ୟାଶ୍ନାଲ ପାର୍ଟିର ନେତା ରନିଲ ବିକ୍ରମ ସିଂହଙ୍କ ସହିତ ମିଳିତ ହେଲେ ଓ ଉଭୟେ ମିଶି ୨୦୧୫ ନିର୍ବାଚନରେ ରାଜପାକ୍ସେଙ୍କୁ ପରାସ୍ତ କଲେ। ସିରିସେନା ରାଷ୍ଟ୍ରପତି ଓ ବିକ୍ରମସିଂହ ପ୍ରଧାନମନ୍ତ୍ରୀ ହେଲେ। ଭାରତୀୟ ବୈଦେଶିକ ଗୋଇନ୍ଦା ସଂସ୍ଥା 'ର' ଏହି ରାଜନୈତିକ ପରିବର୍ତ୍ତନର ସୂତ୍ରପାତ କରାଇଥିଲା ବୋଲି ରାଜପାକ୍ସେ ଅଭିଯୋଗ କରନ୍ତି।

ସିରିସେନା ଓ ବିକ୍ରମ ସିଂହଙ୍କ ମଧୁଚନ୍ଦ୍ରିକା ବେଶି ଦିନ ତିଷ୍ଠିପାରିଲା ନାହିଁ। ଅଳ୍ପକାଳ ମଧ୍ୟରେ ଦୁର୍ନୀତି ଓ ଆର୍ଥିକ କୁପରିଚାଳନାର ଅଭିଯୋଗ ସରକାର ବିରୋଧରେ ହେଲା। ୨୦୧୭ରେ ବୈଦେଶିକ ବିଭାଗ ମନ୍ତ୍ରୀ ଭ୍ରଷ୍ଟାଚାର ଅଭିଯୋଗରେ ଛନ୍ଦିହୋଇ ଇସ୍ତଫା ଦେବାକୁ ବାଧ ହେଲେ। ୨୦୧୮ ଜାନୁୟାରୀରେ ଟ୍ରେଜେରି ବଣ୍ଡ ଘୋଟାଲା ଅଭିଯୋଗରେ ପାର୍ଲାମେଣ୍ଟରେ ମୁଷ୍ଟିଯୁଦ୍ଧ ହୋଇଥିଲା। ସରକାରଙ୍କ ଜନପ୍ରିୟତା ଦ୍ରୁତଗତିରେ ହ୍ରାସ ପାଇଲା। ୨୦୧୮ଫେବୃୟାରୀରେ ସ୍ଥାନୀୟ ନିର୍ବାଚନରେ ରାଜପାକ୍ସେଙ୍କ ଦଳ ବିପୁଳ ବିଜୟ ଲାଭ କଲା। ୨୦୨୦ ନିର୍ବାଚନକୁ ଅପେକ୍ଷା ନ କରି ବର୍ତ୍ତମାନ ନିର୍ବାଚନ ଅନୁଷ୍ଠିତ ହେଲେ ରାଜପାକ୍ସେ ଶାସନକଳ ଦଖଲ କରିପାରିବେ ବୋଲି ଆଶାକରି ରାଷ୍ଟ୍ରପତି ସିରିସେନାଙ୍କ ସହିତ ମିଳିତ ହୋଇ ନିର୍ବାଚନ କରାଇବାର ପରିସ୍ଥିତି ସୃଷ୍ଟି କରୁଛନ୍ତି।

ବିକ୍ରମ ସିଂହ ତାମିଲମାନଙ୍କ ପ୍ରତି ନରମ ମନୋଭାବ ପୋଷଣକରି ସେମାନଙ୍କର ସମସ୍ୟା ସମାଧାନ କରିବା ନିମନ୍ତେ କିଛିଟା ଉଦ୍ୟମ କରିଛନ୍ତି। ସେ ଭାରତ ସହିତ ଉତ୍ତମ ସମ୍ପର୍କ ସ୍ଥାପନରେ ବିଶ୍ୱାସୀ, ଯଦିଓ ତାଙ୍କର ତିନିବର୍ଷର ଶାସନକାଳ ମଧ୍ୟରେ ଦେଶରକ୍ଷା ସମ୍ବନ୍ଧୀୟ କୌଣସି ଚୁକ୍ତି ଭାରତ ସହିତ କରିନାହାନ୍ତି। ତାଙ୍କ ସମୟରେ ଶ୍ରୀଲଙ୍କାରେ ଚାଇନାର ପ୍ରଭାବ ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଚାଇନା ସବୁଠାରୁ ଅଧିକ ପୁଞ୍ଜି ନିବେଶକାରୀ ଓ ସବୁଠାରୁ ବଡ଼ ବାଣିଜ୍ୟ ସହଯୋଗୀ। ଶ୍ରୀଲଙ୍କାର ଏଇ ରାଜନୈତିକ ସଂକଟ ଭାରତ ଓ ଚାଇନା ମଧ୍ୟରେ ପ୍ରଭାବ ରକ୍ଷା ନିମନ୍ତେ ଛାୟାଯୁଦ୍ଧ ବୋଲି ବିବେଚନା କରାଯାଇପାରେ। ପକ୍ଷାନ୍ତରେ ଏହା ତାମିଲବିରୋଧୀ ସିଂହଳୀ ମନୋଭାବର ଏକ ସମ୍ପ୍ରସାରଣ।

ରାଷ୍ଟ୍ରପତି ସିରିସେନା ଜଣେ ସୁବିଧାବାଦୀ ରାଜନୈତିକ ନେତା। ରାଜପାକ୍ସେଙ୍କ ଜନପ୍ରିୟତା ହ୍ରାସ ସମୟରେ (୨୦୧୫) ସେ ରାଜପାକ୍ସେଙ୍କୁ ଛାଡି ବିକ୍ରମ ସିଂହଙ୍କ ସହିତ ହାତ ମିଳାଇ ଜଣେ ସାଧାରଣ ମନ୍ତ୍ରୀରୁ ରାଷ୍ଟ୍ରପତି ହୋଇପାରିଥିଲେ। ବର୍ତ୍ତମାନ ନିଜର ରାଷ୍ଟ୍ରପତି ପଦ ରକ୍ଷା ନିମନ୍ତେ ରାଜପାକ୍ସେଙ୍କ ଜନପ୍ରିୟତା ବୃଦ୍ଧି ଆକଳନ କରି ତାଙ୍କୁ ସାହାଯ୍ୟ କରିବାକୁ ଅଗଣତାନ୍ତ୍ରିକ ପନ୍ଥା ଅବଲମ୍ବନ କରିଛନ୍ତି। ସୁପ୍ରିମ୍କୋର୍ଟ ଓ ବାଚସ୍ପତି ଜୟସୁରିଆ ଗଣତନ୍ତ୍ରକୁ ରକ୍ଷା କରିବା ନିମନ୍ତେ ଉଦ୍ୟମ କରୁଛନ୍ତି।

ଦେଶ ବର୍ତ୍ତମାନ ଏକ ବିସ୍ଫୋରକ ସ୍ଥିତିରେ। ଚାରିଆଡ଼େ ଅସୁରକ୍ଷା ଓ ହିଂସାର ବାତାବରଣ। ବିକ୍ରମ ସିଂହ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ନିଜ ଦଳୀୟ କର୍ମୀଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ରହିଛନ୍ତି ଓ ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ସ୍ୱୀକାର କରୁନାହାନ୍ତି। ଏକ ନୂତନ ନିର୍ବାଚନ ଅବଶ୍ୟମ୍ଭାବୀ ହୋଇ ଉଠିଲାଣି ଓ ନିର୍ବାଚନ ସମାପ୍ତ ହୋଇ ଦେଶରେ ନୂତନ ପ୍ରଧାନମନ୍ତ୍ରୀ ଗାଦିନସୀନ ହେବା ପର୍ଯ୍ୟନ୍ତ ପରିସ୍ଥିତି ଜଟିଳ ରହିବ।

ସିଂହଳୀ ଭାଷାଭାଷୀମାନେ ଭାରତ ସହିତ ନିବିଡ଼ ସମ୍ପର୍କକୁ ସନ୍ଦେହ ଚକ୍ଷୁରେ ଦେଖନ୍ତି। ଶ୍ରୀଲଙ୍କାର ଦୂରତ୍ୱ ଭାରତଠାରୁ ମାତ୍ର ୨୯ କି.ମି.। ବାରଶହ ବର୍ଷ କାଳ ସିଂହଳୀ ଓ ତାମିଲ ଭାଷାଭାଷୀମାନଙ୍କ ମଧ୍ୟରେ ଯୁଦ୍ଧବିଗ୍ରହ ଲାଗି ରହିଥିଲା। ସିଂହଳର ଉତ୍ତର ଓ ଉତ୍ତରପୂର୍ବାଞ୍ଚଳରେ ବାସ କରୁଥିବା ତାମିଲମାନଙ୍କୁ ସିଂହଳୀମାନେ ଭାରତୀୟ ବୋଲି ମନେକରନ୍ତି। ଜଣେ ସାଧାରଣ ସିଂହଳୀର ବିବେଚନାରେ ତାମିଲନାଡୁ ହିଁ ଭାରତ। ସିଂହଳୀମାନଙ୍କ ଇତିହାସ, ଲୋକଗୀତ, ଗଳ୍ପ, ସାହିତ୍ୟ ଇତ୍ୟାଦି ଭାରତୀୟ ଆକ୍ରମଣ ଆଶଙ୍କାରେ ଭରପୂର। ସିଂହଳୀ ଭାଷା ପାଲି ଭାଷାରୁ ଜନ୍ମ ଓ ଏହା ଉତ୍ତରଭାରତୀୟ ଭାଷାର ବଂଶଜ ହେଲେ ମଧ୍ୟ କୌଣସି ଭାରତୀୟ ଭାଷା ଓ ସାହିତ୍ୟ ସହିତ ଏହା ସମ୍ପର୍କ ରକ୍ଷା କରିପାରିନାହିଁ। ସିଂହଳୀମାନଙ୍କ ପୂର୍ବସୂରୀ ଉତ୍ତର ଓ ପୂର୍ବ ଭାରତୀୟ ହେଲେ ମଧ୍ୟ ଉତ୍ତର ଓ ପୂର୍ବ ଭାରତ ସହିତ ସେମାନଙ୍କର କୌଣସି ଭାବଗତ, ସାଂସ୍କୃତିକ ଓ ଐତିହାସିକ ସମ୍ପର୍କ ବାସ୍ତବରୂପ ନେଇନାହିଁ। ଶ୍ରୀଲଙ୍କାର ସଂଖ୍ୟାଗରିଷ୍ଠ ସିଂହଳୀ ଭାଷାଭାଷୀମାନେ ଭାବଗତ ସ୍ତରରେ ନିଜକୁ ବୃହତ୍ତର ଭାରତର ଏକ ସଂଖ୍ୟାଲଘୁ ଗୋଷ୍ଠୀ ମନେକରି ଅବଚେତନ ସ୍ତରରେ ମାନସିକ ହୀନମନ୍ୟତାର ଶିକାର ହୋଇଛନ୍ତି। ପୃଥିବୀର ଅନ୍ୟ ସମସ୍ତ ବୌଦ୍ଧ ଧର୍ମାବଲମ୍ବୀ ରାଷ୍ଟ୍ର ମଙ୍ଗୋଲ ବଂଶୋଦ୍ଭବ ଓ ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟରେ ସିଂହଳୀମାନେ ହିଁ ବୌଦ୍ଧ ଧର୍ମାବଲମ୍ବୀ। ସିଂହଳରେ ଭାରତର ପ୍ରଭାବ ବୃଦ୍ଧି, ବୌଦ୍ଧଧର୍ମର ପ୍ରତିଷ୍ଠା ଓ ବିକାଶ ଦିଗରେ ବାଧା ସୃଷ୍ଟି କରିବ ବୋଲି ସେମାନଙ୍କର ଆଶଙ୍କା। ଏ ସବୁ କାରକମାନଙ୍କୁ ବିଚାରକୁ ନେଇ ଆମ ଦେଶରେ ଶ୍ରୀଲଙ୍କା ନୀତି ପ୍ରଣୟନ ହେବା ଜରୁରୀ।

ମୋ–୯୯୩୭୪୨୨୫୨୧

# ଓଡ଼ିଆ ସଂସ୍କୃତି ଓ ପ୍ରଥମାଷ୍ଟମୀ



ଡ. ଉଦ୍ଧବ ଚରଣ ନାୟକ

ଅକ୍ଷୟତୃତୀୟା, ରଜ, କୁମାରପୂର୍ଣ୍ଣିମା, ବଡ଼ଓଷା, ବାଲିଯାତ୍ରା ବା ବୋଇତ ବନ୍ଦାଣ, ମାଣବସା, ପ୍ରଥମାଷ୍ଟମୀ ଓ ଶାମ୍ବଦଶମୀ ହେଉଛି ଖାଣ୍ଟି ଓଡ଼ିଆ ପର୍ବ। ଏସବୁ ଓଡ଼ିଶାର ଏକାନ୍ତ ନିଜସ୍ୱ ତଥା ଅତି ଆପଣାର ପର୍ବ। ମାର୍ଗଶିର ମାସକୁ ବର୍ଷର ପ୍ରଥମ ମାସ ବୋଲି କୁହାଯାଏ। ଭଗବାନ ଶ୍ରୀକୃଷ୍ଣ ଗୀତାର ଦଶମ ଅଧ୍ୟାୟରେ ଅର୍ଜୁନଙ୍କୁ କହିଛନ୍ତି–'ମାସାନାଂ ମାର୍ଗଶୀର୍ଷୋଽହମୃତୁନାଂ କୁସୁମାକରଃ...' ଅର୍ଥାତ୍ ମୁଁ ମାସଗୁଡ଼ିକ ମଧ୍ୟରେ ମାର୍ଗଶିର ଓ ଋତୁଗୁଡ଼ିକ ମଧ୍ୟରେ ବସନ୍ତ। ଏଣୁ ମାର୍ଗଶିର ମାସଟି ଶ୍ରେଷ୍ଠ ବା ଆଦ୍ୟମାସ ଭାବରେ ଗ୍ରହଣୀୟ। ଆମର ପ୍ରାଚୀନ ଓଡ଼ିଆ କବି ଅଚ୍ୟୁତାନନ୍ଦ ଦାସ (ଷୋଡ଼ଶ ଶତାବ୍ଦୀ) ତାଙ୍କର ବାରମାସୀ ଗୀତିକାରେ ଆଦ୍ୟରେ ଏହି ମାର୍ଗଶିର ମାସର ନାମ ଉଚ୍ଚାରଣ କରିଛନ୍ତି–

''ଆଦ୍ୟ ମାର୍ଗଶିର ଶିଶିରେ ଶୀତ,
ଶ୍ରୀକୃଷ୍ଣ ଜାଣନ୍ତି ରାଧିକା ଚିତ୍ତ।
ଦୁଃଖର ଭାବନା ଦୁଃଖୀ ସଙ୍ଗୀତ,
କାହୁଁ ଆଣିଦେବି କମଳାକାନ୍ତ,
ମୋ କାହ୍ନୁରେ...।''

ଏହି ମାର୍ଗଶିର ମାସର କୃଷ୍ଣ ଅଷ୍ଟମୀ ବା ପ୍ରଥମ ଅଷ୍ଟମୀଟିକୁ ସୌନ୍ଦର୍ଯ୍ୟ ଓ ସମ୍ପଦର ଦେବୀ ମା' ମହାଲକ୍ଷ୍ମୀଙ୍କର ଆବିର୍ଭାବ ତିଥି ଭାବରେ ଗ୍ରହଣ କରାଯାଏ। କାରଣ ଏହାକୁ ଅନୁକରଣ କରି ଆମ ଓଡ଼ିଆ ଘରର ବୋହୂ ସାଆନ୍ତାଣୀମାନେ ଲକ୍ଷ୍ମୀ ପୂଜନ ଆରମ୍ଭ କରିଥାଆନ୍ତି। ପ୍ରଥମାଷ୍ଟମୀ ପରେ ପରେ ସେମାନେ ମାଣବସାଇ ମା' ଲକ୍ଷ୍ମୀଙ୍କର ପୂଜା ଅର୍ଚ୍ଚନା କରନ୍ତି, ଯାହାକି 'ମାଣବସା ଓଷା' ଭାବରେ ଖ୍ୟାତ। ଏହି ପ୍ରଥମ ଅଷ୍ଟମୀଠାରୁ ନୂଆଧାନ, ନୂଆ ବିରି ତଥା ଅନ୍ୟାନ୍ୟ ନୂତନ ଶସ୍ୟର ବ୍ୟବହାର ଆରମ୍ଭ ହୁଏ। ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଏହି ଦିବସ ଉପଲକ୍ଷେ ପ୍ରତ୍ୟେକ ଓଡ଼ିଆ ପରିବାରରେ ଜ୍ୟେଷ୍ଠ ସନ୍ତାନ, ପୁଅ ହେଉ କି ଝିଅ, ସେମାନଙ୍କୁ 'ପୋଇହାଁ' ବା 'ପୋଢୁଆଁ' କରାଯାଏ। ତେଣୁ ଏହି ଅଷ୍ଟମୀଟି ପୋଇହାଁ 'ଅଷ୍ଟମୀ' ବା 'ପ୍ରଥମାଷ୍ଟମୀ' ଭାବରେ ଖ୍ୟାତ। ଏହି ପରମ୍ପରାରୁ ସ୍ପଷ୍ଟ ସୂଚିତ ହୁଏ ଯେ, ଓଡ଼ିଆ ଜାତି ବହୁ ପ୍ରାଚୀନକାଳରୁ ପୁଅ–ଝିଅଙ୍କ ଭିତରେ ପ୍ରଭେଦ ନ ରଖି ଦୁହିଁଙ୍କୁ ସମାନ ଦୃଷ୍ଟିରେ ଦେଖିଆସିଛି। ଆଜି ଯାହାକି 'ନାରୀ–ପୁରୁଷ ସମାନତା' ଶୀର୍ଷକରେ ଜାତୀୟ ମୂଲ୍ୟବୋଧ ଭାବରେ ଶିକ୍ଷା ପ୍ରଦାନ କରାଯାଉଛି।

ଦ୍ୱିତୀୟ ସନ୍ତାନକୁ ମଧ୍ୟ ପ୍ରଥମାଷ୍ଟମୀରେ ପ୍ରଥମ ସନ୍ତାନ ସହ 'ଦୁହାଁ' ବା 'ଦୁଆ' ଭାବରେ ମାନ୍ୟତା ପ୍ରଦାନ କରାଯାଏ। ଏହି ଦିନରେ ଜ୍ୟେଷ୍ଠ ସନ୍ତାନ ବା ପୋଇହାଁ ସନ୍ତାନମାନଙ୍କ ପରିଧାନ ନିମନ୍ତେ ନୂତନ ବସ୍ତ୍ର–ପୋଷାକ ସହ ପିଠା ପ୍ରସ୍ତୁତି ନିମନ୍ତେ ନୂଆ ଅରୁଆଚାଉଳ ଓ ନୂଆ ବିରି ମାମୁଘରୁ ଆସିଥାଏ। ମାମୁମାନେ ଭଉଣୀର ଜ୍ୟେଷ୍ଠ ସନ୍ତାନକୁ ପୋଇହାଁ କରିବାର ବିଧି ରହିଛି। ଆମ ଓଡ଼ିଆ ଘରେ ପିଲାର ମାମୁଙ୍କୁ ଥଟ୍ଟା ମଜାରେ 'ଅଷ୍ଟମୀ ବନ୍ଧୁ' ବୋଲି କୁହାଯାଏ। ପୋଇହାଁ ଓ ଦୁଆଙ୍କୁ ନୂତନ ପୋଷାକ ପିନ୍ଧାଇ ମା' ଲକ୍ଷ୍ମୀଙ୍କ ପୂଜା ପରେ ସେମାନଙ୍କୁ ବନ୍ଦାପନା କରାଯାଏ। ସେମାନେ ଚିର ଆରୋଗ୍ୟ ରହିବେ। ଦୀର୍ଘଜୀବୀ ହେବେ– ଏହି କାମନା ମା' ଲକ୍ଷ୍ମୀଙ୍କ ପାଖରେ କରାଯାଏ। ପ୍ରଥମାଷ୍ଟମୀରେ ଜ୍ୟେଷ୍ଠ ସନ୍ତାନକୁ ନୂତନ ବେଶ ପରିପାଟୀରେ ସଜାଇ ପୂଜା ବନ୍ଦାପନା କରିବା ପଛରେ ଥାଏ ଏକ ସାମାଜିକ ପରମ୍ପରା ଓ ପ୍ରତିବଦ୍ଧତା– ଜ୍ୟେଷ୍ଠ ସନ୍ତାନ ହେବ ପିତାଙ୍କ ପରେ ପରିବାରର ମୁଖ୍ୟ। ସାରା ପରିବାରର ପାଳନପୋଷଣ ଦାୟିତ୍ୱ ରହିବ ତା' ଉପରେ। ତେଣୁ ଜ୍ୟେଷ୍ଠ ସନ୍ତାନ ପ୍ରତି ଏହା ହେଉଛି ଏକ ସମ୍ମାନ। ଏହି ପରମ୍ପରା ଭାରତବର୍ଷର ଅନ୍ୟ କୌଣସି ରାଜ୍ୟରେ ଦେଖିବାକୁ ମିଳେନାହିଁ।

ଏହି ପରମ୍ପରା ମଧ୍ୟ ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ କେନ୍ଦ୍ର ଶ୍ରୀଜଗନ୍ନାଥ ମନ୍ଦିରରେ ଯଥାବିଧି ପାଳନ କରାଯାଏ। ଠାକୁରମାନେ ପ୍ରଥମାଷ୍ଟମୀ ତିଥିରେ ନୂତନ ବେଶପୋଷାକ ପରିଧାନ କରି ପୋଇହାଁ ହୁଅନ୍ତି। ପ୍ରଥମାଷ୍ଟମୀରେ ପ୍ରତ୍ୟେକ ଓଡ଼ିଆ ପରିବାରରେ ଏକ ସ୍ୱତନ୍ତ୍ର ପିଠା ପ୍ରସ୍ତୁତ କରାଯାଏ। ସେହି ପିଠାର ନାମ 'ଏଣ୍ଡୁରି ପିଠା'। ଏଣ୍ଡୁରି ପିଠା ନୂଆ ଚାଉଳ ପିଠଉରେ ହଳଦୀପତ୍ର ଭିତରେ ଅଥାର ବାମ୍ଫ ହାଣ୍ଡିରେ ସିଝା ହୁଏ। ଅଥାର ହାଣ୍ଡିଟି ଓଡ଼ିଆ ଗ୍ରାମୀଣ ବୈଜ୍ଞାନିକ କୌଶଳରେ ନିର୍ମିତ ଏକ ପିଠା ତିଆରି ଯନ୍ତ୍ର। ଏହି ଯନ୍ତ୍ର ସାହାଯ୍ୟରେ ଏଣ୍ଡୁରି ପିଠା ବ୍ୟତୀତ ମଣ୍ଡା ଓ ମୁଆଁପିଠା ମଧ୍ୟ ପ୍ରସ୍ତୁତ କରାଯାଏ। ଅଥାର ହାଣ୍ଡିରେ ପ୍ରସ୍ତୁତ ଏହି ପିଠା ଅତ୍ୟନ୍ତ ରୁଚିକର ଓ ପୁଷ୍ଟିକର ମଧ୍ୟ। ହଳଦୀପତ୍ରରେ ସିଝା ହେଉଥିବାରୁ ଏଥିରୁ ହଳଦୀର ଭୁରୁଭୁରୁ ବାସ୍ନା ବାହାରେ ଓ ଖାଇବାକୁ ସୁସ୍ୱାଦୁ ଲାଗେ। ଏଣ୍ଡୁରି ପିଠା ସହ ପ୍ରଥମାଷ୍ଟମୀରେ ଚକୁଳି, କାକରା, ଆରିସା ପିଠା ମଧ୍ୟ ଓଡ଼ିଆ ଘରେ ପ୍ରସ୍ତୁତ ହୁଏ। ଏହିଦିନ ପ୍ରସ୍ତୁତ ଏଣ୍ଡୁରି ପିଠା ସ୍ୱାସ୍ଥ୍ୟପକ୍ଷେ ହିତକାରକ। ଶିଶିର ଶେଷରେ ଶୀତ ଆଗମନରେ ଚର୍ମରୋଗ ଯଥା– କାଛୁ, କୁଣ୍ଡିଆ ଇତ୍ୟାଦି ହେବାର ବହୁ ସମ୍ଭାବନା ଥାଏ। ଏଣ୍ଡୁରି ପିଠା ହଳଦୀପତ୍ରରେ ନୂଆ ଚାଉଳରେ ପ୍ରସ୍ତୁତ ହୋଇଥିବାରୁ ଚର୍ମରୋଗ ପ୍ରତିଷେଧକ ବୋଲି କହନ୍ତି ଆୟୁର୍ବେଦାଚାର୍ଯ୍ୟମାନେ। ପ୍ରଥମାଷ୍ଟମୀ ସାମାଜିକ ମୂଲ୍ୟବୋଧ ତଥା କୃଷିଭିତ୍ତିକ ମହାନ୍ ସାଂସ୍କୃତିକ ପରମ୍ପରାର ନିଦର୍ଶନ, ଯାହା ଭାରତରେ ଅନ୍ୟତ୍ର ବିରଳ।

ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର, ମୋ–୯୪୩୮୨୯୯୧୭୪

## ଏଇ ଭାରତରେ

କେତେକ ବ୍ୟକ୍ତି ଅସାଧାରଣ କାର୍ଯ୍ୟକରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଆନ୍ତି। ବାବା ଆଖ୍ୟା ପାଇଥିବା କେତେକ ବ୍ୟକ୍ତି ଅଲୌକିକତା ପ୍ରଦର୍ଶନ କରୁଥିବାର ଅନେକ ନଜିର ରହିଛି। ଆମ ଓଡିଶାରେ ମଧ୍ୟ କଂକ୍ରିଟ ଗାଈ କ୍ଷୀର ଦେବାକଥା ଅନେକେ ଜାଣନ୍ତି। ଏଭଳି ଅଲୌକିକତା ଅଥବା ମିଥ୍ୟା ଭେଲିକି ଦେଖାଇ ଦୁର୍ବଳ ମାନସିକତାର ଭକ୍ତଙ୍କୁ ବିମୋହିତ କରାଯାଇପାରେ। ଭକ୍ତମାନେ ବାବାଙ୍କ ଅଲୌକିକତାରେ ଆକୃଷ୍ଟ ହୋଇ ତାଙ୍କୁ ଭକ୍ତି କରନ୍ତି ଏବଂ ଦାନଦକ୍ଷିଣାରେ ପୋତିପକାନ୍ତି। ଏପରି ଘଟଣାକ୍ରମରେ ଜଣେ ବାବା ନାମଧାରୀ ବ୍ୟକ୍ତି ୧୦୦ଫୁଟ ଉଚ୍ଚ ଗଛରେ ଚଢ଼ି ପୂଜାର୍ଚ୍ଚନା କରୁଛନ୍ତି। ଉତ୍ତରପ୍ରଦେଶର ବହରାଇଚ୍ରେ ଏହି ବାବାଙ୍କ କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ହରଦୀ ଅଞ୍ଚଳର ବଳାସରାୟ ଗାଁରେ ଥିବା ହନୁମାନ ମନ୍ଦିରରେ ବାବା ରହୁଛନ୍ତି। ସେ କେଉଁଠାରୁ ଆସିଛନ୍ତି କେହି ଜାଣନ୍ତି ନାହିଁ। କିନ୍ତୁ ବାବାଙ୍କ ଚମତ୍କାର କାର୍ଯ୍ୟ ଲୋକଙ୍କୁ ଚକିତ କରିଛି। ଏଇ କିଛିଦିନ ହେଲା ବାବା ମନ୍ଦିର ପରିସରରେ ଥିବା ଅଶୋକ ଗଛରେ ଚଢ଼ି ଏହା ଉପରେ ପୂଜାର୍ଚ୍ଚନା କରୁଛନ୍ତି। ଏପରି କି ଆରତି, ହବନ ଆଦି କରିବା ସହିତ ସେଠାରେ ଶୟନ କରୁଛନ୍ତି। ସେ କିପରି ଗଛରେ ଚଢୁଛନ୍ତି ଓ ଓହ୍ଲାଉଛନ୍ତି ତାହା କାହାରିକୁ ଜଣାନାହିଁ। ପ୍ରଶାସନ ପାଖରେ ଏହି ଖବର ପହଞ୍ଚିବା ପରେ ଏଠାରେ ସୁରକ୍ଷାବଳ ମୁତୟନ କରାଯାଇଛି।

## ଚିରନ୍ତନୀ

ଜୀବନ–ବେଳା ପରେ ଖେଳିଲା କେତେ ବୀଚି
ଲାଗିଲା ନବ ନବ ଆଘାତ
ପାରିବି ନାହିଁ କହି ସକଳ ଆଜି ଫେଇ
ଗୋପନ କଥା ଆରେ ସଙ୍ଗାତ!
(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ



ଜିଲା ଡାଏରୀ

## ବଲାଙ୍ଗୀର

### କୃଷିବୀମା ପ୍ରଦାନରେ ଚଞ୍ଚକତା

ଚଳିତବର୍ଷ ବଲାଙ୍ଗୀର ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। କିନ୍ତୁ ବୀମା କମ୍ପାନୀ କ୍ଷତିଗ୍ରସ୍ତ କୃଷକଙ୍କୁ ଅତି କମ୍ ପରିମାଣର ବୀମାରାଶି ପ୍ରଦାନ କରୁଥିବାରୁ ଅସନ୍ତୋଷ ଦେଖାଦେଇଛି । ଜିଲାର ମୁଖ୍ୟ ପ୍ରଶାସକ ମଧ୍ୟ ସ୍ୱୀକାର କରିଛନ୍ତି ଯେ, କୃଷକମାନଙ୍କୁ ବୀମା କମ୍ପାନୀ ଧୋକା ଦେଇଛି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଯାଇ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପରିଷଦ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଉ ନ ଥିବା ଦେଖାଯାଉଛି। ନିୟମାନୁସାରେ କୃଷି ବିଭାଗ ସହ ରାଜସ୍ୱ ଓ ପରିସଂଖ୍ୟାନ ବିଭାଗ ମିଶି କ୍ରପ୍କଟିଂ ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। କିନ୍ତୁ ଏହି ବିଭାଗତ୍ରୟ ମଧ୍ୟରେ ସମନ୍ୱୟ ଅଭାବରୁ ଚାଷୀମାନେ ହକ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଗତବର୍ଷ ରାଜସ୍ୱ ବିଭାଗର ରିପୋର୍ଟ ଗୋଟିଏ ତଥ୍ୟ ଦେଉଥିବା ବେଳେ କମ୍ପାନୀ ପାଖରେ ପହଞ୍ଚିଲା ବେଳେ ତାହା ଓଲଟି ଯାଇଥିଲା। ଏହାକୁ ଧ୍ୟାନରେ ରଖି ତଦନ୍ତ କରାଗଲେ ଅନେକ ତଥ୍ୟ ପଦାକୁ ଆସିବ।

**–ସୁବାସ ଚନ୍ଦ୍ର ପଣ୍ଡା**

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | A | 1 | | | 8 | | E | | | 3 | | | |
| | 1 | | | | 0 | | | | | A | | | | D |
| 7 | | | | | 2 | | 5 | | | | E | 4 | | 6 |
| | 4 | 2 | E | | 7 | | 0 | | | 5 | | B | A | |
| | | E | | | A | 6 | B | | C | 9 | 2 | | 5 | |
| | | 6 | | | | B | 2 | | | C | | | | 0 |
| | | 8 | 3 | 0 | | | | | | | | 1 | | |
| | | | | 9 | 4 | E | | 6 | 3 | B | | A | | |
| 2 | | B | | | | | | | | | | 9 | D | C |
| | | 0 | | 5 | E | | | | | 2 | | | | |
| | 5 | 9 | | | | | | | 7 | | | E | | B |
| | B | | 0 | 1 | 6 | | | 4 | | | | | | 9 |
| | | | | | | 3 | | 8 | | 1 | | 0 | | |
| | | | B | | | | 7 | | | | 5 | | | 2 |
| | 2 | | | | 5 | | | | 8 | | | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | B | A | 5 | 0 | 9 | 2 | 3 | C | 1 | D | 6 | E | 7 | 4 |
| D | 9 | E | 3 | 2 | 7 | 0 | B | 1 | 8 | C | 4 | 5 | 6 | A |
| C | 1 | 5 | 4 | 8 | D | 6 | 7 | A | 3 | B | E | 2 | 9 | 0 |
| 0 | 2 | 6 | 1 | B | C | 5 | 4 | E | 9 | 7 | A | 8 | D | 3 |
| 7 | 4 | 3 | 6 | A | E | 8 | D | 9 | 5 | 2 | 0 | B | 1 | C |
| 1 | 6 | 4 | E | 7 | 5 | A | 9 | B | D | 8 | C | 3 | 0 | 2 |
| B | A | 8 | 2 | D | 0 | 1 | 6 | 3 | 7 | 4 | 5 | 9 | C | E |
| 9 | 3 | D | B | 6 | 4 | 7 | C | 0 | A | E | 2 | 1 | 5 | 8 |
| 2 | E | 0 | 8 | C | 3 | D | 5 | 4 | 6 | 9 | 1 | A | B | 7 |
| 5 | 7 | C | A | 9 | 1 | E | 2 | 8 | B | 0 | 3 | 6 | 4 | D |
| 3 | D | 7 | 9 | E | B | 4 | 1 | 6 | 0 | A | 8 | C | 2 | 5 |
| 4 | 0 | 2 | D | 3 | A | B | E | 5 | C | 6 | 9 | 7 | 8 | 1 |
| E | 5 | B | C | 1 | 2 | 9 | 8 | 7 | 4 | 3 | D | 0 | A | 6 |
| A | 8 | 1 | 7 | 4 | 6 | C | 0 | 2 | E | 5 | B | D | 3 | 9 |
| 6 | C | 9 | 0 | 5 | 8 | 3 | A | D | 2 | 1 | 7 | 4 | E | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନେତାଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ରହୁ

ମହାଶୟ,

ସ୍ୱାଧୀନତାର ସତୁରିବର୍ଷ ବିତିଯାଇଥିଲେ ମଧ୍ୟ ଆଜି ସବୁପ୍ରକାର ସରକାରୀ ଯୋଜନା ଥାଇ ବି ଗଛତଳେ କିମ୍ବା କାହା ବାରଣ୍ଡାରେ ଶିକ୍ଷା, ଡାକ୍ତରଙ୍କ ଅନୁପସ୍ଥିତିରେ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ରୋଗଚିକିତ୍ସା, ଦଉଡ଼ିରେ ଓହଳି ଅଥବା ପହଁରି ଯିବା ରାସ୍ତା, ପୂଜାସ୍ଥଳର ଅଗଣାଗୁଡ଼ିକରେ ଭିକ୍ଷାଥାଳରେ ଜୀବନ, ପଲିଥିନ୍ ବା କୁଡ଼ିଆରେ ବସତି ଆଦି ଦୃଶ୍ୟ ଦେଖିବାକୁ ମିଳୁଛି। ନିକଟ ଅତୀତରେ ସୁପ୍ରିମକୋର୍ଟ ତିନୋଟି ସନ୍ତାନର ଜନକଜନନୀ ପଞ୍ଚାୟତ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ରାୟ ଶୁଣାଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ମାତ୍ର କେବଳ ପଞ୍ଚାୟତ ନିର୍ବାଚନ କାହିଁକି, ବିଧାନସଭା ଓ ଲୋକ ସଭା ନିର୍ବାଚନ ପାଇଁ ବି ସମାନ ନିୟମ ହେବା ଉଚିତ। ତା'ଛଡ଼ା ପ୍ରତ୍ୟେକ ରାଜନୈତିକ ପ୍ରାର୍ଥୀଙ୍କର ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା ରହିଲେ ସମ୍ପୃକ୍ତ ଅଞ୍ଚଳର ଉନ୍ନତି ଦିଗରେ ବିଚାର କରିବାକୁ ସେମାନେ ସମର୍ଥ ହୁଅନ୍ତେ।

ଭୋଳାନାଥ ପ୍ରଧାନ, ସରକାରୀ ଉଚ୍ଚ ବିଦ୍ୟାଳୟ, ସିକରପାଇ, ରାୟଗଡ଼ା

### ହୃଦୟ ବି ବଦଳିଯାଉଛି

ଡ. ନରହରି ବେହେରାଙ୍କ ପ୍ରବନ୍ଧ 'ଏଣିକି ଘର ବଦଳିଯିବ' ଅତ୍ୟନ୍ତ ହୃଦୟସ୍ପର୍ଶୀ। ଘର ବଦଳିଯିବା ସହିତ ମନ ଏବଂ ହୃଦୟ ବି ବଦଳିଯାଉଛି। ଆଗର କଚ୍ଚା ଘର ତଥା ଚାଳ ଘରେ ଦାରିଦ୍ର୍ୟ ଥିଲେ ବି ଆତ୍ମୀୟତା ଥିଲା। ପକ୍କା ଘର ଅତ୍ୟନ୍ତ ମଜଭୁତ ହେଲେ ବି ଆତ୍ମୀୟତା ନାହିଁ। ଯେଉଁ ଝିଅପୁଅଙ୍କୁ ମା'ବାପାମାନେ ଯେତିକି ଆଧୁନିକ, ପାଠୁଆ ଏବଂ ସ୍ୱାବଲମ୍ବୀ କରିବାକୁ ନିଜ ଜୀବନକୁ ବାଜି ଲଗେଇ ଦେଲେ, ସେମାନେ ସେତିକି ଦୂରତା ରକ୍ଷା କରୁଛନ୍ତି। ପକ୍କା ଘର କଠିନ ହେଲାପରି ସେମାନଙ୍କର ହୃଦୟ ମଧ୍ୟ କଠୋର ହୋଇଯାଉଛି।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଫ୍ରାନ୍ସଜନ୍ମିତ ପୂର୍ବତନ କୂଟନୀତିଜ୍ଞ ସାଲୋମେ ଜୁରାବିଶ୍ୱିଲି ଗୁରୁବାର ଜର୍ଜିଆର ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସେ ଜର୍ଜିଆର ପ୍ରଥମ ମହିଳା ରାଷ୍ଟ୍ରପତି ଜର୍ଜିଆନ ଡ୍ରିମ୍ ପାର୍ଟି ସମର୍ଥିତ ଜୁରାବିଶ୍ୱିଲିଙ୍କୁ ୫୯.୫୨ ପ୍ରତିଶତ ଭୋଟ ମିଳିଛି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୧୧ ଦଳିଆ ମେଣ୍ଟର ପ୍ରାର୍ଥୀ ଗ୍ରିଗୋଲ ଭାଶାଦ୍‌ଜେ ୪୦.୪୮ ପ୍ରତିଶତ ଭୋଟ ପାଇଛନ୍ତି।






# ୨୪ ଘଣ୍ଟା ପଶ୍ଚିମ ଓଡ଼ିଶା ମହାବନ୍ଦ

## ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

- ସାଧାରଣ ଜୀବନଯାତ୍ରା ପ୍ରଭାବିତ
- ଦୋକାନ ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ
- ୧୭ ଟ୍ରେନ ବାତିଲ, ୧୦ର ପଥ ପରିବର୍ତ୍ତନ
- ବଲାଙ୍ଗୀର ଜିଲା ବାଦ୍, ବରଗଡ଼ରେ ମିଶ୍ରିତ ପ୍ରଭାବ

ସମ୍ବଲପୁର,୨୯।୧୧(ବ୍ୟୁରୋ)

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋରଦାର ହୋଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗୁରୁବାର ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ ୨୪ ଘଣ୍ଟା ପଶ୍ଚିମ ଓଡ଼ିଶାରେ ମହାବନ୍ଦ ପାଳିତ ହୋଇଛି । ଏହି ମହାବନ୍ଦ ପାଳନ ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି(ସିଏସି) କହିଛି । ମହାବନ୍ଦକୁ ମହାସମର୍ଥନ ମିଳିଛି ବୋଲି ସିଏସି ଦାବି କରିଛି। ଏହି ଆନ୍ଦୋଳନରେ କେବଳ ଓକିଲମାନେ ନୁହନ୍ତି, ବିଭିନ୍ନ ରାଜନୈତିକ ଦଳ, ଚାଷୀ ମୂଲିଆ, ଶ୍ରମିକ, ଗୃହିଣୀ ତଥା ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଛନ୍ତି। ଆନ୍ଦୋଳନକାରୀମାନେ ରେଳରୋକୋ କରିବା ସହ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଟ୍ରେନ ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏପରି କି ଦୋକାନ, ବଜାର, ବ୍ୟାଙ୍କ, ସରକାରୀ, ବେସରକାରୀ ଅନୁଷ୍ଠାନ, ସ୍କୁଲ କଲେଜ ମଧ୍ୟ ବନ୍ଦ ରହିଥିଲା। ଆନ୍ଦୋଳନକାରୀମାନେ ସମ୍ବଲପୁର ରେଳ ମଣ୍ଡଳ ଅଧୀନ ସମ୍ବଲପୁର ଷ୍ଟେଶନ (କ୍ଷେତରାଜପୁର), ସିଟି ଷ୍ଟେଶନ, ଫାଟକ ଷ୍ଟେଶନରେ ରେଳ ରୋକୋ କରିଥିଲେ। ଫଳରେ ସମ୍ବଲପୁର-ପୁରୀ, ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟି ଟ୍ରେନ ଅଟକି ରହିଥିଲା। ସେହିପରି ସିଟି ଷ୍ଟେଶନରେ ପୁରୀ-ଇନ୍ଦୋର ହମ୍‌ସଫର ଏକ୍ସପ୍ରେସ ଟ୍ରେନକୁ ଆନ୍ଦୋଳନକାରୀମାନେ ଅଟକ ରଖିଥିଲେ। ପ୍ରାୟ ୬ ଘଣ୍ଟା ଅଟକ ପରେ ଟ୍ରେନ ଭୁବନେଶ୍ୱର ଫେରିଯାଇଥିଲା। ଏହି ମହାବନ୍ଦ ଯୋଗୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ରେଳ ଚଳାଚଳ ପ୍ରଭାବିତ ହୋଇଥିଲା। ଗୁରୁବାର ୧୭ଟି ଟ୍ରେନ ବାତିଲ କରାଯିବା ସହ ୧୦ଟି ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଷ୍ଟେଶନ ଓ ରାସ୍ତାରେ ଫସି ରହିଥିବା ଯାତ୍ରୀମାନଙ୍କୁ ଓକିଲ ସଂଘ ପକ୍ଷରୁ ରନ୍ଧାଖାଦ୍ୟ, ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ଏପରି କି ଜିଲା ଜଜଙ୍କ ସମେତ ଅନ୍ୟ ବିଚାରପତିମାନେ ଚାଲି ଚାଲି କୋର୍ଟକୁ ଆସିଥିଲେ । ହେଲେ ଓକିଲମାନେ ସେମାନଙ୍କୁ କାର୍ଯ୍ୟ ନ କରିବାକୁ ଅନୁରୋଧ କରିବାରୁ ବିଚାରପତିମାନେ ଫେରିଯାଇଥିଲେ ।


ଆନ୍ଦୋଳନକାରୀମାନେ ରେଳଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ସୋନପୁର ଜିଲାରେ ମହାବନ୍ଦର ସମ୍ପୂର୍ଣ୍ଣ ପ୍ରଭାବ ପଡ଼ିଥିଲା। ସୁନ୍ଦରଗଡ଼ ଜିଲାର ବଣାଇ ଓ ସୁନ୍ଦରଗଡ଼ ସବଡିଭିଜନ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ରାଉରକେଲାରେ ବନ୍ଦ ପ୍ରଭାବ ଶୂନ ରହିଥିଲା। ବରଗଡ଼ ଜିଲାରେ ପଦ୍ମପୁର ସବ୍‌ଡିଭିଜନର ଅତାବିରା ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ବରପାଲିରେ ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଥିଲା। ତେବେ ବଲାଙ୍ଗୀର ଜିଲାବାସୀ ଏହି ମହାବନ୍ଦରେ ସାମିଲ ହୋଇ ନ ଥିଲେ। ଏହି ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଦଳ ବି ସାମିଲ ହୋଇଥିଲେ । ଜିଲା ଜାତୀୟ କଂଗ୍ରେସ କମିଟି, ବିଜେଡି, ଭାଜପା, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଆମ୍ ଆଦମୀ ପାର୍ଟି, ବହୁଜନ ସମାଜ ପାର୍ଟି କର୍ମୀ ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓକିଲ ସଂଘ କର୍ମକର୍ତ୍ତା ବିଭିନ୍ନ ଛକରେ ପିକେଟିଂ କରି ବନ୍ଦ ପାଳନ କରିଥିଲେ। ବନ୍ଦକୁ ଆଖି ଆଗରେ ରଖି ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସୂଚନାଯୋଗ୍ୟ, ୬୦ ଦଶକରୁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡ଼ିଶାବାସୀ ବିଭିନ୍ନ ଉପାୟରେ ଆନ୍ଦୋଳନ କରି ଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।

■ ୧ରୁ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ

# ଫୋକସ୍‌ରେ ହକି ବିଶ୍ୱକପ୍

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

**ପ୍ରଥମ ଥର ପାଇଁ ଭାଗନେବେ ଶହେରୁ ଊର୍ଦ୍ଧ୍ୱ ବାଲୁକା ଶିଳ୍ପୀ**

ମହାଆଡ଼ମ୍ବରରେ ହକି ବିଶ୍ୱକପ୍ ୨୦୧୮ର ଦୁଇଟି ଉଦ୍‌ଘାଟନୀ ସମାରୋହ କରି ସମଗ୍ର ବିଶ୍ୱ ନଜରରେ ରହିଥିବା ଓଡ଼ିଶା ଏବେ ପୁଣି ଏକ ଅନ୍ତର୍ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯାଉଛି। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ କୋଣାର୍କ ମହୋତ୍ସବ ସହ ସମାନ୍ତରାଳ ଭାବେ ଡିସେମ୍ବର ୧ରୁ ଅନୁଷ୍ଠିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ। ଚନ୍ଦ୍ରଭାଗା ବେଳାଭୂମି ଶଯ୍ୟାରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଦେଶ ଏବଂ ଦେଶ ବାହାରୁ ପ୍ରଥମ ଥର ପାଇଁ ଶହେରୁ ଊର୍ଦ୍ଧ୍ୱ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରିବେ। ଗତବର୍ଷ ୬୫ଜଣ ଶିଳ୍ପୀ ଅଂଶଗ୍ରହଣ କରିଥିବା ବେଳେ ଏଥର ୧୦୧ଜଣ ଅଂଶଗ୍ରହଣ କରିବେ। ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ନେଦରଲାଣ୍ଡ, ସ୍ପେନ୍, ଶ୍ରୀଲଙ୍କା ଓ ଇଟାଲୀରୁ ୬ଜଣ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀଙ୍କ ସହ ୨୫ଜଣ ମହିଳା ଶିଳ୍ପୀ ଉତ୍ସବରେ ଯୋଗଦେବେ। ଏଥର ମଧ୍ୟ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜନ ହେବ। ୫ଦିନ ଧରି ଚାଲିବାକୁ ଥିବା ଉତ୍ସବରେ ୫ଟି ଥିମ୍‌କୁ ନେଇ ଶିଳ୍ପୀମାନେ ବାଲୁକା କଳା ତିଆରି କରିବେ। ପ୍ରଥମ ଦିନ ହକି ବିଶ୍ୱକପ୍‌କୁ ଫୋକସ୍ କରି ବାଲୁକା କଳା ପ୍ରଦର୍ଶନୀ ଆୟୋଜନ ହେବାକୁ ଥିବାବେଳେ ଏଥିପାଇଁ କ୍ରୀଡ଼ାବିତ୍‌ମାନଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଛି। ସେହିଭଳି ଦ୍ୱିତୀୟ ଦିନ 'ଐତିହ୍ୟ', ୩ୟ ଦିନ 'ପରିବେଶ', ୪ର୍ଥ ଦିବସରେ 'ମହିଳା ସଶକ୍ତୀକରଣ' ଏବଂ ପଞ୍ଚମ ତଥା ଅନ୍ତିମ ଦିବସରେ 'ସଂସ୍କୃତି ଓ ପର୍ବପର୍ବାଣି' ଥିମ୍ ରହିବ। ଏଥର ଏକକ, ଦ୍ୱୈତ, ମହିଳା, ପୁରୁଷ ଓ ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗୀଙ୍କୁ ନେଇ ଭିନ୍ନ ଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ସୁଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି।




ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

## ଶତ ପ୍ରତିଶତ ଶିଳ୍ପ ସଂସ୍କାର ଲାଗୁ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ): ରାଜ୍ୟ ସରକାର ଆଣିଥିବା ବିଭିନ୍ନ ଶିଳ୍ପ ସଂସ୍କାରକୁ ଶତ ପ୍ରତିଶତ ଲାଗୁ କରାଯାଉ। ଏଥିପାଇଁ ସମସ୍ତ ସମ୍ପୃକ୍ତ ସଚିବ ଏବଂ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ପୂର୍ବ ପ୍ରସ୍ତୁତ ଗାଇଡ୍ ଲାଇନକୁ ପାଳନ ପାଇଁ କଡ଼ା ନିର୍ଦ୍ଦେଶ ରହିଛି। ଆଦିତ୍ୟ ପ୍ରସାଦ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଶିଳ୍ପ ସଂସ୍କାର ସମ୍ପର୍କରେ ଯେପରି ଲୋକମାନେ ଭଲ ଭାବରେ ଅବଗତ ହେବେ, ସେଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉ। ଅନ୍‌ଲାଇନ ପ୍ରକ୍ରିୟା ମାଧମରେ ଆସନ୍ତା ଜାନୁୟାରୀ ୩୧ ସୁଦ୍ଧା ବିଭିନ୍ନ କ୍ଲିୟରାନ୍ସ, ଅନୁମତି ପତ୍ର, ନୋ ଅବ୍‌ଜେକ୍ସନ ଏବଂ ଲାଇସେନ୍ସ ଆଦି ଆବେଦନର ଅନୁମତି ପ୍ରଦାନ କରାଯିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଧାର୍ଯ୍ୟ ଲକ୍ଷ୍ୟର ପ୍ରାୟ ୯୭.୮୩% ସଂସ୍କାର କାର୍ଯ୍ୟକାରୀ କରାଯାଇଥିବା ବୈଠକରୁ ସୂଚନା ମିଳିଛି। ପରିବେଶ, ଶ୍ରମ ନିୟମ, ଟିକସ ସମ୍ବନ୍ଧୀୟ ଏବଂ ସିଙ୍ଗଲ ୱିଣ୍ଡୋ ସିଷ୍ଟମକୁ ଅଗ୍ରାଧିକାର ଦିଆଯାଉଛି। ଖୋର୍ଦ୍ଧା, ବ୍ରହ୍ମପୁର ଏବଂ ସମ୍ବଲପୁରରେ ଶିଳ୍ପ ସମ୍ବନ୍ଧୀୟ ଆବଶ୍ୟକ ନିଷ୍ପତ୍ତି ନେବା ପାଇଁ ୩ଟି ବାଣିଜ୍ୟିକ ଅଦାଲତ ସ୍ଥାପନ କରାଯାଇଛି।

## ଏନ୍‌କାଉଣ୍ଟରରେ ମାଓବାଦୀ ନିହତ

ମାଲକାନଗିରି, ୨୯।୧୧ (ଡି.ଏନ୍.ଏ): ଛତିଶଗଡ ସୁକ୍‌ମା ଏବଂ ଦନ୍ତେୱାଡା ଜିଲା ସୀମାନ୍ତରେ ଗୁରୁବାର ପୋଲିସ ଏନ୍‌କାଉଣ୍ଟରରେ ଜଣେ ମାଓବାଦୀ ପ୍ରାଣ ହରାଇଥିବା ସୁକ୍‌ମା ଏସ୍‌ପି ଅଭିଷେକ ମୀନା ସୂଚନା ଦେଇଛନ୍ତି। ଗୁରୁବାର ସକାଳେ ପୁଲ୍‌ବଗଡ୍ ଥାନା ମିଲେରୁ ଗ୍ରାମ ନିକଟରେ ମାଓବାଦୀଙ୍କ ଏକ ମେଳି ଚାଲିଥିବା ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉକ୍ତ ଅଞ୍ଚଳକୁ ଘେରିଥିଲା। ମାଓବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ଏହାପରେ ପୋଲିସ ପକ୍ଷରୁ ମଧ ପାଲଟା ଗୁଳି ଚାଳନା ହୋଇଥିଲା।




CLASSIFIED DISPLAY

















ଆତଙ୍କବାଦୀ ସଂଗଠନଗୁଡିକୁ କାବୁ କରିବାରେ ବିଫଳ ପାକିସ୍ତାନକୁ ଆମେରିକା ଚଳିତବର୍ଷ ମୋଟ ୩ ବିଲିୟନ ଡଲାର ସୁରକ୍ଷା ସହାୟତା ବନ୍ଦ କରିଛି। ୧.୩ ବିଲିୟନ ଡଲାର ସହାୟତା ବନ୍ଦ କରିବା କଥା ପୂର୍ବରୁ ଟ୍ରମ୍ପ ପ୍ରଶାସନ କହିଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ମଧ୍ୟରେ ଟୁଇଟର ବିବାଦ ପରେ ଏହି ସହାୟତା ବନ୍ଦ କରାଯାଇଥିବା ଜଣାପଡିଛି।

## ସଂକ୍ଷେପରେ

### ୭ରେ ଲୋଡାଯିବ ଚାଷୀଙ୍କ ପରାମର୍ଶ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ): ଚାଷ ସଂକ୍ରାନ୍ତରେ ଯେଉଁ ସମସ୍ୟା ଉପୁଜିଛି ସେ ସମ୍ପର୍କରେ ଚାଷୀମାନଙ୍କ ସହ ଆଲୋଚନା କରାଯିବ। ଆସନ୍ତା ୭ରେ ଏକ ବୈଠକ ଡକାଯାଇ ଚାଷୀ ସଙ୍ଗଠନ ଏବଂ ବିଶେଷଜ୍ଞମାନଙ୍କ ପରାମର୍ଶ ନିଆଯିବ ବୋଲି ଗୁରୁବାର ସଚିବାଳୟଠାରେ ବସିଥିବା ମନ୍ତ୍ରୀସ୍ତରୀୟ ବୈଠକ ପରେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏହା କହିଛନ୍ତି।

### ମହାପ୍ରସାଦ ଦର ତାଲିକା ପ୍ରସଙ୍ଗ
### ରବିବାର ପରୀକ୍ଷାମୂଳକ ରୋଷେଇ

ପୁରୀ ଅଫିସ,୨୯।୧୧: ଖୁବ୍‌ଶୀଘ୍ର ଶ୍ରୀମନ୍ଦିରରେ ଲାଗିବ ମହାପ୍ରସାଦ ଦର ତାଲିକା। ଆସନ୍ତା ରବିବାର ପରୀକ୍ଷାମୂଳକ ଭାବେ ମହାପ୍ରସାଦ ରୋଷେଇ କରାଯିବ। କୋଠ ରୋଷରେ ହେବାକୁ ଥିବା ଏହି ରୋଷେଇ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଚାଉଳ, ଡାଲି, କୁଡୁଆ ଇତ୍ୟାଦି ଆବଶ୍ୟକ ସାମଗ୍ରୀ ଯୋଗାଇଦେବ। ସାମଗ୍ରୀ କିଣାରେ କେତେ ଟଙ୍କା ଖର୍ଚ୍ଚ ହେଉଛି, ସୁଆର ସେବକ କେତେ ଲାଭ ପାଇବେ, ତାହାକୁ ଦେଖି ଦର ନିର୍ଦ୍ଧାରଣ ହେବ। ଏହାପରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଦର ତାଲିକା ଆନନ୍ଦ ବଜାର ଓ ଶ୍ରୀମନ୍ଦିରର ବିଭିନ୍ନ ଦୃଷ୍ଟି ଆକର୍ଷଣ କରୁଥିବା ସ୍ଥାନରେ ଲଗାଯିବ। ଏହି ରୋଷେଇ ସମୟରେ ଶ୍ରୀମନ୍ଦିରର ଦେଉଳକରଣ ଏବଂ ସୁପରଭାଇଜର ଉପସ୍ଥିତ ରହି ନିରୀକ୍ଷଣ କରିବେ ବୋଲି ସ୍ଥିର ହୋଇଛି। ଗୁରୁବାର ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସୁଆର ମହାସୁଆର ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି।

## ହକି ବିଶ୍ୱକପ୍ ପାଇଁ କୋଣାର୍କ ମହୋତ୍ସବ ହେବ ଅଧିକ ଆକର୍ଷଣୀୟ

# ଅପେକ୍ଷାରେ ମୁକ୍ତାକାଶ ରଙ୍ଗମଞ୍ଚ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ଡିସେମ୍ବର ୧ରୁ ଆରମ୍ଭ ହେବାକୁ ଥିବା କୋଣାର୍କ ମହୋତ୍ସବ ଓ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ହକି ବିଶ୍ୱକପ୍ ୨୦୧୮ର ଉଦ୍‌ଘାଟନୀ ଉତ୍ସବ ପରେ ଏବେ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚକୁ ପର୍ଯ୍ୟଟକ ଏବଂ ଦର୍ଶକଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଚଳିତବର୍ଷ ୫ଟି ଶାସ୍ତ୍ରୀୟ ନୃତ୍ୟର ସମାହାର ହେବ। ଓଡ଼ିଶୀ ନୃତ୍ୟ ସହ ଭାରତନାଟ୍ୟମ୍, କଥକ, କୁଚିପୁଡ଼ି ଏବଂ ସତ୍ରୀୟା ନୃତ୍ୟ ମୁଖ୍ୟ ଆକର୍ଷଣ ରହିବ। ଏପଟେ ଭୁବନେଶ୍ୱରରେ ହକି ବିଶ୍ୱକପ୍ ଚାଲୁଥିବାରୁ ଏହାକୁ ନଜରରେ ରଖି ଏଥର ମହୋତ୍ସବକୁ ପୂର୍ବବର୍ଷ ଅପେକ୍ଷା ଅଧିକ ବ୍ୟାପକ ତଥା ଆକର୍ଷଣୀୟ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ଦେଶ ଏବଂ ଦେଶ ବାହାରୁ ଆସିଥିବା କ୍ରୀଡ଼ାବିତ୍ ଓ ସେମାନଙ୍କ ଅଫିସିଆଲ୍‌ଙ୍କ ପାଇଁ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା ହୋଇଥିବା ବେଳେ ପର୍ଯ୍ୟଟକଙ୍କ ଲାଗି ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍ କରାଯାଇଥିବା ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

କଳିଙ୍ଗ ଷ୍ଟାଡିୟମ୍‌ରେ ହକି ବିଶ୍ୱକପ୍ ଚାଲୁଥିବାରୁ କୋଣାର୍କ ମହୋତ୍ସବ ଦେଖିବାକୁ ଦେଶ, ବିଦେଶରୁ ଆସିଥିବା କ୍ରୀଡ଼ାବିତ୍‌ଙ୍କୁ ନିମନ୍ତ୍ରଣ କରାଯାଇଥିବା ବିଭାଗୀୟ ଶାସନ ସଚିବ ବିଶାଲ ଦେବ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଅଧ୍ୟକ୍ଷ ଦିଲୀପ ତିର୍କୀ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଉପସ୍ଥିତ ଥିଲେ।




ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ 'କୋଣାର୍କ ଫେଷ୍ଟିଭଲ୍' ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ସଲ୍‌ମାନଙ୍କ ପାଇଁ ଖର୍ଚ୍ଚ କରିଛି ହକି ଇଣ୍ଡିଆ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ବଲିଉଡ୍ ଅଭିନେତା ସଲମାନ୍ ଖାନ୍‌ଙ୍କୁ ରାଜ୍ୟ ସରକାର ନିଜ ଖର୍ଚ୍ଚରେ ଓଡ଼ିଶା ଆଣିନାହାନ୍ତି। ହକି ଇଣ୍ଡିଆର ପ୍ରାୟୋଜକମାନେ ତାଙ୍କୁ ଆଣିବା ପାଇଁ ଅର୍ଥ ଖର୍ଚ୍ଚ କରିଛନ୍ତି। ତେଣୁ ଏ ନେଇ ବିରୋଧୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ହକି ଇଣ୍ଡିଆ ଓ ବିଜେଡି ପକ୍ଷରୁ କୁହାଯାଇଛି। ହକି ବିଶ୍ୱକପ୍ ଶୁଭାରମ୍ଭ ଅବସରରେ ବୁଧବାର କଟକସ୍ଥିତ ବାରବାଟୀ ଷ୍ଟାଡିୟମ୍‌ରେ ସଲ୍‌ମାନଙ୍କ ଏକ ଶୋ' ଆୟୋଜନ କରାଯାଇଥିଲା। ଏଥିରେ କେବଳ ସଲ୍‌ମାନଙ୍କ ପାଇଁ ୧.୮୯ କୋଟି ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିଥିବା ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଟୁଇଟ୍ କରିଥିଲେ। ଏହାକୁ ଭାଜପା ନେତା ଓ କର୍ମକର୍ତ୍ତାଙ୍କ ଦ୍ୱାରା ବହୁଳ ଭାବରେ ରିଟୁଇଟ୍ କରାଗଲା। ଏମିତି କି ସଲମାନଙ୍କ ଫଟୋ ଏବଂ ଏକ ଘରୋଇ ବ୍ୟାଙ୍କ୍‌ର ଚେକ୍ ଫଟୋ ମଧ୍ୟ ଭାଇରାଲ ପରେ ବିଜେଡି ଏବଂ ହକି ଇଣ୍ଡିଆ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ, କେତେକ ଗଣମାଧ୍ୟମରେ ଭୁବନେଶ୍ୱର ଏବଂ କଟକରେ ହୋଇଥିବା ହକି ବିଶ୍ୱକପ୍ ଶୁଭାରମ୍ଭ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସରକାର ଅର୍ଥ ଖର୍ଚ୍ଚ କରିଥିବା କୁହାଯାଇଛି। ଏହାର କୌଣସି ସତ୍ୟତା ନାହିଁ। ଉପରୋକ୍ତ ଦୁଇଟି ସ୍ଥାନରେ ହୋଇଥିବା କାର୍ଯ୍ୟକ୍ରମ ପାଇଁ ହକି ଇଣ୍ଡିଆର ପ୍ରାୟୋଜକମାନେ ଖର୍ଚ୍ଚ କରିଥିଲେ। ବିଜେଡି ମୁଖପାତ୍ର ସୁଲୋଚନା ଦାସ କହିଛନ୍ତି, ଏପରି ବିଶ୍ୱସ୍ତରୀୟ କ୍ରୀଡ଼ା କାର୍ଯ୍ୟକ୍ରମର ସଫଳ ଆୟୋଜନକୁ ଭାଜପା ସହିପାରୁନାହିଁ। ଚର୍ଚ୍ଚାରେ ରହିବା ପାଇଁ ଏପରି ମିଛ ପ୍ରଚାର କରାଯାଇଛି।

## ପେଟ୍ରୋଲ ୯.୬, ଡିଜେଲ ୭.୫୬ ଟଙ୍କା କମିଛି

ନୂଆଦିଲ୍ଲୀ,୨୯-୧୧

ଗତ ୬ ସପ୍ତାହ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୯.୬ ଟଙ୍କା ,ଡିଜେଲ ଲିଟର ପିଛା ୭.୬୫ ଟଙ୍କା ହ୍ରାସ ଘଟିଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ଗୁରୁବାର ସୂଚନା ଦେଇଛନ୍ତି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ହେବା ଯୋଗୁ ଇନ୍ଧନ ଦରରେ ଏଭଳି ହ୍ରାସ ହୋଇଥିବା ଜଣାପଡିଛି। ଅକ୍ଟୋବର ୧୭ ବେଳକୁ ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୨.୮୩ ଟଙ୍କା ଥିବା ବେଳେ ଏହା ୭୩.୨୪ ଟଙ୍କାକୁ ହ୍ରାସ ଘଟିଛି। ସେହିଭଳି ଡିଜେଲ ୭୫.୬୯ ଟଙ୍କାରୁ ୬୮.୧୩ ଟଙ୍କାକୁ ଖସି ଆସିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶନି ସାତ, ମଙ୍ଗଳ ତିନି**
**ଆଉ ସବୁ ଦିନେ ଦିନ୍ ଦିନ୍ ।**

ବର୍ଷାଦିନେ ବାର ଅନୁସାରେ ବର୍ଷାର ଗତି। ଶନିବାର ଦିନ ଆରମ୍ଭ ହୋଇଥିଲେ ବର୍ଷା ସାତଦିନ, ମଙ୍ଗଳବାର ଦିନ ଆରମ୍ଭ ହୋଇଥିଲେ ତିନିଦିନ ଲାଗି ରହେ। ସେହିପରି ଅଲଗା ଦିନମାନଙ୍କରେ ଆରମ୍ଭ ହୋଇଥିଲେ କେବଳ ଗୋଟିଏ ଦିନ ଲେଖାଏ ବର୍ଷା ହୁଏ ବୋଲି ଅନୁମାନ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶାଗ ଭାଜିଦେବି ତରକାରି କରିବି**
**ଖାଇବୁ ନାଦି ଖା ।**
**ରାଗିବୁ ଯଦି ନ ଖାଇବୁ ଏଠି**
**ବେଗି ପଳେଇ ଯା ।**

କ୍ରୋଧ ବା ରାଗ ସମ୍ପର୍କର ମଧୁରତାକୁ ନଷ୍ଟ କରିଦିଏ। କିଛି ବ୍ୟକ୍ତି ରାଗିଗଲେ ଘରେ ଖିଆପିଆ କରି ନ ଥାନ୍ତି। ଏଭଳି ବ୍ୟକ୍ତିଙ୍କୁ ବୁଝାଶୁଝା କରାଇବା କାଠିକର ପାଠ ହୋଇଯାଇଥାଏ। ଏପରିସ୍ଥଳେ ମନ ଜାଣି ରୋଷେଇ କରିଥିବା ସତ୍ତ୍ୱେ ଖାଦ୍ୟ ଖାଉ ନ ଥିବା ବ୍ୟକ୍ତି ପ୍ରତି ବିରକ୍ତି ଭାବ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଅନ୍ତରୀଣ ଆଦେଶ ମାଧ୍ୟମରେ ଛତିଶଗଡ଼ରେ ପ୍ରକଳ୍ପ ବନ୍ଦ ହେବ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ମହାନଦୀ ଟ୍ରିବ୍ୟୁନାଲ ସଂକ୍ରାନ୍ତରେ ଗୁରୁବାର ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଆୟୋଜିତ ଏହି ସଭାରେ ବିଶେଷଜ୍ଞ, ରାଜନେତା ଓ ସାମାଜିକ ଅନୁଷ୍ଠାନ ପ୍ରତିନିଧିମାନେ ଯୋଗଦେଇଛନ୍ତି। ଟ୍ରିବ୍ୟୁନାଲ ସମୟସୀମା ଭିତରେ ଚୂଡାନ୍ତ ରାୟ ଦେବା ସହ ଏକ ଅନ୍ତରୀଣ ଆଦେଶ ମାଧ୍ୟମରେ ଛତିଶଗଡ ନିର୍ମାଣ କରୁଥିବା ପ୍ରକଳ୍ପ କାମକୁ କାର୍ଯ୍ୟକ୍ଷମ ନ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ମହାନଦୀ ପ୍ରବାହିତ ଜିଲାଗୁଡ଼ିକରେ ବୈଠକ ହେବାପରେ ସେଥିରୁ ଯେଉଁ ନିଷ୍କର୍ଷ ବାହାରିବ ତା'ର ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ଦିଆଯିବ।

### ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା

## ସୁପ୍ରିମ୍‌କୋର୍ଟରେ ଶୁଣାଣି ଆଜି

ପୁରୀ ଅଫିସ,୨୯।୧୧

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାର ଶୁଣାଣି ଶୁକ୍ରବାର ସୁପ୍ରିମ୍‌କୋର୍ଟରେ ହେବ। ଆଇଟମ୍ ନମ୍ବର ୬୫ରେ ଥିବା ଏହି ମାମଲା କୋର୍ଟ ନମ୍ବର ୨ରେ ଶୁଣାଣି ହେବ। ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ଆଇନଜୀବୀ ମୃଣାଳିନୀ ପାଢୀ ଗତ ଜୁନ୍ ୭ରେ ସୁପ୍ରିମ୍‌କୋର୍ଟରେ ମାମଲା ଦାଖଲ କରିଥିଲେ। ଜୁନ୍ ୮ରେ ୨ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଦାନ, ଦକ୍ଷିଣା ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସୁପ୍ରିମ୍‌କୋର୍ଟ ପୁରୀ ଜିଲାଜଜ୍‌ଙ୍କୁ ରିପୋର୍ଟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେବା ସହ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଜୁଲାଇ ୫ରେ ସୁପ୍ରିମ୍‌କୋର୍ଟ ଏହାର ଶୁଣାଣି କରି ପୁରୀ ଜିଲା ଜଜ୍‌ଙ୍କ ସୁପାରିସ ଆଧାରରେ ୧୨ଟି ପ୍ରସ୍ତାବ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ୨ ଜଣିଆ ଖଣ୍ଡପୀଠରେ ଶୁଣାଣି ହେଉଥିବା ବେଳେ ସେପ୍ଟେମ୍ବର ୫ରେ ଉପରୋକ୍ତ ତିନିଜଣିଆ ଖଣ୍ଡପୀଠରେ ଏହାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଶୁଣାଣି ବାତିଲ ହୋଇଥିଲା। ଏହାପରେ ଅକ୍ଟୋବର ୨୪ରେ ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲାର ଶୁଣାଣି ହୋଇଥିଲା। ଏଥିରେ ପୁରୀ ହିଂସା ଓ ଚପଲ ପିନ୍ଧି ପୋଲିସ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବା ପ୍ରସଙ୍ଗ ଉପରେ ଶୁଣାଣି କରି ସୁପ୍ରିମ୍‌କୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଶୁଣାଣି ୨ ଜଣିଆ ଖଣ୍ଡପୀଠରେ ହୋଇଥିଲା। ତେବେ ଗତ ଅକ୍ଟୋବର ୩୧ରେ ପୁନଶ୍ଚ ତିନିଜଣିଆ ଖଣ୍ଡପୀଠରେ ହେବ ବୋଲି ଧାର୍ଯ୍ୟ ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର
ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
New India Corporation
ପର୍ସନାଲ, ଏଜୁକେସନ୍, ପ୍ରପର୍ଟି, ଏଗ୍ରିକଲଚର, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିଷ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

M. GROUP FINANCE CO.
DIWALI OFFER
(Govt. Approved)



• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

■ ପାରାଦୀପ ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ପାରାଦୀପ ତୈଳ ବିଶୋଧନାଗାର ନିକଟରେ ପ୍ରସ୍ତାବିତ ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତଭାବେ ହସ୍ତକ୍ଷେପ କରନ୍ତୁ। ଆସନ୍ତା ଫେବୃୟାରୀ ସୁଦ୍ଧା ପାରାଦୀପ ତୈଳ ବିଶୋଧନାଗାରରୁ ପଲିପ୍ରପିଲିନ ଉତ୍ପାଦନ ଆରମ୍ଭ ହେବ। ପାରାଦୀପ ପ୍ଲାଷ୍ଟିକ ପାର୍କ କଞ୍ଚାମାଲ ପାଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏନେଇ କେନ୍ଦ୍ରମନ୍ତ୍ରୀ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କହିଛନ୍ତି ଯେ, ଫେବୃୟାରୀ ସୁଦ୍ଧା ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ନ ହେଲେ ପୁଞ୍ଜି ନିବେଶ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଭାରତୀୟ ତୈଳ ନିଗମ ଏବଂ ଇଡ୍‌କୋର ମିଳିତ ଉଦ୍ୟମରେ ତୁରନ୍ତ



ପ୍ରସ୍ତୁତ ହେଲେ ଯାଇ ପୁଞ୍ଜିନିବେଶକାରୀମାନଙ୍କର ଆବଶ୍ୟକତାକୁ ପୂରଣ କରାଯାଇପାରିବ। ପୁଞ୍ଜି ନିବେଶକାରୀଙ୍କୁ ଆକର୍ଷିତ କରିବାକୁ ଭାରତୀୟ ତୈଳ ନିଗମ ଓଡ଼ିଶା ସରକାରଙ୍କୁ ସାମିଲ କରି ଚେନ୍ନାଇ, କୋଲକାତା, ହାଇଦ୍ରାବାଦ ଓ ଭୁବନେଶ୍ୱର ଆଦି ସ୍ଥାନରେ ରୋଡ ଶୋ'ର ଆୟୋଜନ କରିଛନ୍ତି। ଏହାଦ୍ୱାରା ଅନେକ ନିବେଶକାରୀ ପାରାଦୀପ ପ୍ଲାଷ୍ଟିକ ପାର୍କରେ ନିବେଶ ପାଇଁ ଇଚ୍ଛାବ୍ୟକ୍ତ କରିଛନ୍ତି । ଏମାନଙ୍କ ମଧ୍ୟରେ ଛଅଟି କମ୍ପାନୀ ପ୍ରକଳ୍ପ ପାଇଁ ଭୂମି ଯୋଗାଇ ଦେବାକୁ ଆବେଦନ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

**ଦିଲୀପ, ବିଜୟ ଭାଜପା ଛାଡ଼ିବା ପ୍ରସଙ୍ଗ**

# ଆଜି କରିପାରନ୍ତି ଘୋଷଣା

■ସୂଚନା ଦେଲେ ଦିଲୀପଙ୍କ ପ୍ରତିନିଧି
■ଭାଜପା କହିଲା ବ୍ୟକ୍ତିଗତ ନିଷ୍ପତ୍ତି

ଭୁବନେଶ୍ୱର,(ବ୍ୟୁରୋ)/ ରାଉରକେଲା ଅଫିସ,୨୯। ୧୧

ରାଉରକେଲା ବିଧାୟକ ଦିଲୀପ ରାୟ ବିଧାୟକ ପଦ ଏବଂ ଭାଜପାରୁ ଇସ୍ତଫା ଦେବେ। ନିଜର ରାଜନୈତିକ ସହଯୋଗୀ ବିଜୟ ମହାପାତ୍ରଙ୍କ ସହ ଆଲୋଚନା କରିବା ପରେ ସେ ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏ ନେଇ ଉଭୟ ଶୁକ୍ରବାର ଗଣମାଧ୍ୟମକୁ ନିଜର ପରବର୍ତ୍ତୀ ରାଜନୈତିକ ରଣନୀତି ସମ୍ପର୍କରେ ସୂଚନା ଦେବେ ବୋଲି ବିଜୟ କହିଛନ୍ତି। ଦିଲୀପଙ୍କ ସହ ବିଜୟ ମଧ୍ୟ ଭାଜପା ସହ ଆନୁଷ୍ଠାନିକ ସମ୍ପର୍କ ଛିନ୍ନ କରି ପାରନ୍ତି ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି। ସେହିପରି ବିଧାୟକଙ୍କ ପ୍ରତିନିଧି ରମେଶ ବଳ ଗୁରୁବାର ଦେଇଥିବା ମନ୍ତବ୍ୟ ଏହି ଆଲୋଚନାକୁ ଆହୁରି ଶକ୍ତ କରିଛି।

ରମେଶ କହିଛନ୍ତି ଯେ, ୨ୟ ବ୍ରାହ୍ମଣୀ ସେତୁ ନିର୍ମାଣ ଏବଂ ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟିରେ ପରିଣତ କରିବା ପାଇଁ ଦିଲୀପ ରାୟ ଯଥାସମ୍ଭବ ଚେଷ୍ଟା ଜାରି ରଖିଥିଲେ। ଏ ନେଇ ଦିଲୀପ ଗସ୍ତକରି ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ହେଲେ ଏଥିରୁ କୌଣସି ସୁଫଳ ମିଳିନାହିଁ। ଆସନ୍ତା ୪ ଡିସେମ୍ବରରୁ ବ୍ରାହ୍ମଣୀ ସେତୁ କାର୍ଯ୍ୟ ଆରମ୍ଭ ହେବା ନେଇ ମଧ୍ୟ ଦିଲୀପ ଆଶଙ୍କା ବ୍ୟକ୍ତ କରିଥିବା ରମେଶ କହିଛନ୍ତି।

ଅପରପକ୍ଷେ ଦିଲୀପଙ୍କ ଇସ୍ତଫା ନେଇ ତାଙ୍କ ସହ କୌଣସି ଆଲୋଚନା କରି ନ ଥିବା କହିଛନ୍ତି ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା। ସେ କହିଛନ୍ତି, କିଏ ଦଳରେ ରହିବେ ଅବା ନ ରହିବେ, ତାହା ସେମାନଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଶ୍ରୁତି ବୃଥା ଯାଏନି। ବ୍ରାହ୍ମଣୀ ସେତୁ କାର୍ଯ୍ୟ ଏବଂ ଆଇଜିଏଚ୍‌କୁ ନିଶ୍ଚୟ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରାଯିବ। ଦଳରେ କେବେ କାହାକୁ ଅଣଦେଖା କରାଯାଇନାହିଁ।

# ଓଡ଼ିଶା ଫେରିଲେ ଅପରାଜିତା

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ନିକଟରେ ଭାଜପାରେ ଯୋଗଦେଇଥିବା ପୂର୍ବତନ ଆଇଏଏସ୍ ଅଧିକାରୀ ଅପରାଜିତା ଷଡ଼ଙ୍ଗୀ ଗୁରୁବାର ଓଡ଼ିଶା ଫେରିଛନ୍ତି। ପୂର୍ବାହ୍ନ ୧୧ଟାରେ ଦିଲ୍ଲୀରୁ ଫେରି ବିମାନବନ୍ଦରରେ ପହଞ୍ଚିବାପରେ ଅପରାଜିତାଙ୍କୁ ଦଳ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାଜପାର ଶତାଧିକ କର୍ମୀ ଓ ନେତା ତାଙ୍କୁ ବିମାନବନ୍ଦରରୁ ଲିଙ୍ଗରାଜ ମନ୍ଦିର ପାଛୋଟି ନେଇଥିଲେ। ସେଠାରେ ସେ ପୂଜାର୍ଚ୍ଚନା କରିଥିଲେ। ପରେ ସେ ରାସ୍ତାରେ ଯାଉଥିବା ଏକ ଅଟୋକୁ ଅଟକାଇ ବ୍ୟବସାୟ କିଭଳି ଚାଲିଛି ବୋଲି ପଚାରି ବୁଝିଥିଲେ। କେତେଜଣ ଦୋକାନୀଙ୍କୁ ଭଲ, ମନ୍ଦ ପଚାରି ବୁଝିଥିଲେ। ପରେ ଅପରାଜିତା ଦଳୀୟ କର୍ମୀମାନଙ୍କ ସହ ଚା' ପିଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଜଣେ ସାମାନ୍ୟ କର୍ମୀଭାବେ ଦଳରେ ସାମିଲ ହୋଇଥିବା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଭାଜପାରେ ଯୋଗଦେବା ଏକ ବିଚାରସମ୍ମତ ନିଷ୍ପତ୍ତି। ଯେତେବେଳେ ଜଣେ ଗୋଟିଏ ଦଳକୁ ଯାଇଥାଏ କିମ୍ବା ସଦସ୍ୟତା ଗ୍ରହଣ କରେ ସେ ନିଶ୍ଚିତଭାବେ ୨ଟି ଜିନିଷକୁ ଗୁରୁତ୍ୱ ଦେଇଥାଏ। ଦଳର ଆଭିମୁଖ୍ୟ, ବିଚାରଧାରା ଏବଂ ନେତୃତ୍ୱ ଦେଖି ଆସିଥାଏ। ଏସବୁକୁ ଭଲରେ ଦେଖି ଭାଜପାରେ ସାମିଲ ହୋଇଥିବା ସେ କହିଛନ୍ତି। ଏହି ଅବସରରେ ଅପରାଜିତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।





































ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ନଭେମ୍ବର, ୨୦୧୮



"ଭାରତ ବିରୋଧରେ ପାକିସ୍ତାନ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଯାଏ କର୍‌ତାରପୁର କରିଡରର କିଛି ମୂଲ୍ୟ ନାହିଁ ।
- ହରଦୀପ ସିଂ ପୁରୀ, କେନ୍ଦ୍ରମନ୍ତ୍ରୀ



## ମୋଦିଙ୍କୁ ଭେଟିବାକୁ ଚାହାନ୍ତି ଇମ୍ରାନ୍
# ଆଲୋଚନା ପାଇଁ ଆଗ୍ରହୀ

ଇସ୍‌ଲାମାବାଦ,୨୯।୧୧(ପି.ଟି.)

କର୍‌ତାରପୁର କରିଡର ଶିଳାନ୍ୟାସର ଦିନକ ପରେ ଭାରତ ଆଡକୁ ପାକିସ୍ତାନ ବନ୍ଧୁତାର ହାତ ବଢ଼ାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପାକିସ୍ତାନ ବାହାରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଅନୁମତି ଦେଲେ ଇସ୍‌ଲାମାବାଦର କୌଣସି ସ୍ୱାର୍ଥସାଧନ ହେଉନାହିଁ ବୋଲି ଇମ୍ରାନ୍ ଏହି ପରିପ୍ରେକ୍ଷୀରେ ସ୍ପଷ୍ଟ କରିଛନ୍ତି।

ଆତଙ୍କବାଦ ଓ ଆଲୋଚନା ଏକସଙ୍ଗେ ହୋଇପାରିବ ନାହିଁ। ତେଣୁ ପାକିସ୍ତାନ ସୀମାପାର ଆତଙ୍କବାଦକୁ ଲଗାମ ଲଗାଇ ଆତଙ୍କବାଦୀଙ୍କ ବିରୋଧରେ ବିଶ୍ୱସନୀୟ ତଥା ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଭାରତ ବାରମ୍ବାର ତା'ର ଆଭିମୁଖ୍ୟ ଦୋହରାଇ ଆସିଛି। ଏହି ପରିପ୍ରେକ୍ଷୀରେ



ଇମ୍ରାନ୍ ଖାନ୍ ନରେନ୍ଦ୍ର ମୋଦି

ଇସ୍‌ଲାମାବାଦରେ ଗୁରୁବାର କେତେଜଣ ଭାରତୀୟ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଇମ୍ରାନ୍ କହିଛନ୍ତି, ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବାକୁ ପାକିସ୍ତାନ ଚାହେଁନାହିଁ। ଏପରି କରିବା ଦ୍ୱାରା ଇସ୍‌ଲାମାବାଦର କିଛି ସ୍ୱାର୍ଥ ସାଧନ ହେଉନାହିଁ। ପାକିସ୍ତାନୀମାନେ ଭାରତ ସହ ଶାନ୍ତି ଚାହାନ୍ତି। ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିବାକୁ ଆଗ୍ରହୀ। ଇମ୍ରାନ୍ ଆହୁରି କହିଛନ୍ତି, ଭାରତ ପ୍ରତି ଏଠାକାର ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିଛି। କଶ୍ମୀର ପ୍ରସଙ୍ଗର ସମାଧାନ ମଧ୍ୟ ସମ୍ଭବ। କଶ୍ମୀର ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ସମାଧାନର ପନ୍ଥା ନୁହେଁ। ସେ ସବୁ ପ୍ରସଙ୍ଗରେ ମୋଦିଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ। ତେବେ ଶାନ୍ତି ପାଇଁ ଏକତରଫା ଉଦ୍ୟମ ସଫଳ ହେବ ନାହିଁ। ତେଣୁ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ନୂଆଦିଲ୍ଲୀକୁ ଇସ୍‌ଲାମାବାଦ ଅପେକ୍ଷା କରିବ। ସେହିପରି ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜମାତ୍-ଉଦ୍-ଦାଓ୍ୱା (ଜେୟୁଡି) ମୁଖ୍ୟ ହାଫିଜ୍ ସୟିଦ୍‌ଙ୍କୁ ଦଣ୍ଡିତ କରିବା ନେଇ ଗଣମାଧ୍ୟମର ଉତ୍ତର ମଧ୍ୟ ଇମ୍ରାନ୍ ଦେଇଛନ୍ତି। ସେ କହିଛନ୍ତି, ସୟିଦ୍‌ଙ୍କ ବିରୋଧରେ ଜାତିସଂଘ କଟକଣା ଜାରି କରିଛି। ତାଙ୍କ ଉପରେ ପୂର୍ବରୁ ଲଗାମ ଲାଗିସାରିଛି।

# ପୁଣି ବିବାଦରେ ସିଦ୍ଧୁ

ନୂଆଦିଲ୍ଲୀ,୨୯।୧୧

ପାକିସ୍ତାନରୁ ସଦ୍ୟ ଫେରିଥିବା ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ପୁଣିଥରେ ବିବାଦରେ ଛନ୍ଦି ହୋଇଛନ୍ତି। ଖଲିସ୍ତାନୀ ନେତା ଗୋପାଳ ସିଂ ଚାଓ୍ୱଲାଙ୍କ ସହ ତାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ପାକିସ୍ତାନ ଶିଖ୍ ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ପିଏସ୍‌ଜିପିସି) ସାଧାରଣ ସମ୍ପାଦକ ଗୋପାଳ ଜଣେ ଖଲିସ୍ତାନୀ ନେତା। ସିଦ୍ଧୁଙ୍କ ନିର୍ବାଚନମଣ୍ଡଳୀ ଅମୃତସର ନିକଟସ୍ଥ ନିରଙ୍କାରୀ ଭବନରେ ଗତ ୧୮ରେ ଆକ୍ରମଣ ସହ ସମ୍ପୃକ୍ତ ଆତଙ୍କବାଦୀଙ୍କ ସହିତ ଗୋପାଳଙ୍କ ସମ୍ପର୍କ ରହିଥିବା କୁହାଯାଉଛି। ଗୋପାଳ ବୁଧବାର କର୍‌ତାରପୁର କରିଡର ଶିଳାନ୍ୟାସ ଉତ୍ସବରେ ଯୋଗଦେଇଥିବାବେଳେ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ କମାର ଜାଭେଦ୍ ବାଜ୍‌ଓ୍ୱାଙ୍କୁ ଆଲିଙ୍ଗନ କରିଥିଲେ। ସେ ସିଦ୍ଧୁଙ୍କ ସହ ଉଠାଇଥିବା ଏକ ଫଟୋକୁ ଗୁରୁବାର ନିଜ ଫେସ୍‌ବୁକ୍ ପେଜ୍‌ରେ ଶେୟାର କରିଛନ୍ତି। ଏହାକୁ ନେଇ ବିବାଦ ଉଠିଛି। ଅନ୍ୟପକ୍ଷରେ ଗୋପାଳ କିଏ ତାଙ୍କୁ ଜାଣନ୍ତି ନାହିଁ ବୋଲି ଗୁରୁବାର କଂଗ୍ରେସ ନେତା ସିଦ୍ଧୁ କହିଛନ୍ତି। ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଗୁଡ଼ିକ ଭାରତରେ ଆତଙ୍କବାଦ ବିସ୍ତାର ପାଇଁ ସକ୍ରିୟ ହୋଇଉଠିଥିବାବେଳେ ପାକିସ୍ତାନରେ ଗୋପାଳଙ୍କ ଉପସ୍ଥିତି ଦେଖିବାକୁ ମିଳିଛି।

ଖଲିସ୍ତାନୀ ନେତା ଗୋପାଳ ଚାଓ୍ୱଲାଙ୍କ ସହ ଫଟୋ ଭାଇରାଲ୍



ପ୍ରକାଶ ଯେ, ଆସନ୍ତାବର୍ଷ ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ କରାଯିବ। ଏହି ଅବସରରେ ଆମେରିକାର ଶିଖ୍‌ସ ଫର ଜଷ୍ଟିସ୍ (ଏସ୍‌ଏଫ୍‌ଜେ) ଘୋଷଣା କରିଛି ଯେ, ପାକିସ୍ତାନରେ ଆସନ୍ତା ନଭେମ୍ବରରେ ଏହି ବିଚ୍ଛିନ୍ନତାବାଦୀ ସଙ୍ଗଠନ କର୍‌ତାରପୁର ସାହିବ୍ ସମ୍ମିଳନୀ ଆୟୋଜନ କରି ଭାରତ ବିରୋଧୀ ଅଭିଯାନ ଚଳାଇବ। ଏହାକୁ 'ଖଲିସ୍ତାନକୁ ସେତୁ' ଭାବେ ଏସ୍‌ଏଫ୍‌ଜେ ଅଭିହିତ କରିଛି। ଏହି ପରିପ୍ରେକ୍ଷୀରେ ଗୋପାଳଙ୍କ ସହ ସିଦ୍ଧୁଙ୍କ ଫଟୋ ନୂଆ ବିବାଦକୁ ଜନ୍ମ ଦେଇଛି। ଗତ ଅଗଷ୍ଟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଅବସରରେ ସିଦ୍ଧୁ ସେଠାକାର ସେନାମୁଖ୍ୟ ବାଜ୍‌ଓ୍ୱାଙ୍କୁ ଆଲିଙ୍ଗନ କରି ବିବାଦୀୟ ହୋଇଥିଲେ।

## ସଂକ୍ଷେପରେ

### ଅରବିନ୍ଦ ସାକ୍ସେନା ୟୁପିଏସ୍‌ସି ଅଧ୍ୟକ୍ଷ



ନୂଆଦିଲ୍ଲୀ,୨୯।୧୧(ପି.ଟି.)-ଅରବିନ୍ଦ ସାକ୍ସେନା ଗୁରୁବାର କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ସେ ୨୦୨୦ ଅଗଷ୍ଟ ୭ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ପ୍ରଶାସନିକ ସେବା, ବିଦେଶ ସେବା ଏବଂ ପୋଲିସ ଅଧିକାରୀ ଚୟନ ପରୀକ୍ଷା ପରିଚାଳନା କରୁଥିବା ୟୁପିଏସ୍‌ସିରେ ସାକ୍ସେନା ଗତ ଜୁନ୍ ୨୦ରୁ କାର୍ଯ୍ୟକାରୀ ମୁଖ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୨୦୧୫ ମେ ୮ରେ ୟୁପିଏସ୍‌ସିରେ ଯୋଗଦେବା ପୂର୍ବରୁ ସାକ୍ସେନା ବିମାନ ଚଳାଚଳ ଗବେଷଣା କେନ୍ଦ୍ର (ଏଆର୍‌ସି) ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଦିଲ୍ଲୀ ଆଇଆଇଟିରୁ ସିଷ୍ଟମ ମ୍ୟାନେଜମେଣ୍ଟରେ ଏମ୍.ଟେକ୍ କରିଥିବା ସାକ୍ସେନା ୧୯୭୮ରେ ଭାରତୀୟ ଡାକସେବାରେ ଯୋଗଦେଇଥିଲେ। ୧୯୮୮ରୁ ସେ କ୍ୟାବିନେଟ ସଚିବାଳୟରେ କାର୍ଯ୍ୟ କରୁଥିଲେ।

### ନୌସେନା ଅଧିକାରୀଙ୍କ ନାଁରେ ମାମଲା

ପୁଣେ,୨୯।୧୧(ପି.ଟି.)- ସ୍ତ୍ରୀଙ୍କ ଆପତ୍ତିଜନକ ଫଟୋ ଅନଲାଇନ୍ ଆପ୍ଲିକେଶନ୍‌ରେ ଅପ୍‌ଲୋଡ କରିବା ଅଭିଯୋଗରେ ନୌସେନା କମାଣ୍ଡରଙ୍କ ବିରୋଧରେ ପୁଣେ ପୋଲିସ ମାମଲା ରୁଜୁ କରିଛି। ଅଶ୍ଳୀଳ ଚିତ୍ର ପ୍ରତି ସ୍ୱାମୀଙ୍କର ଦୁର୍ବଳତା ରହିଥିବା ମହିଳା ଜଣଙ୍କ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ସ୍ୱାମୀ ତାଙ୍କ ଅଭ୍ୟାସ ତ୍ୟାଗ କରୁ ନ ଥିବାରୁ ସେ ଏବେ ପିଲାଙ୍କ ସହ ବାପଘରେ ରହୁଥିବା କହିଛନ୍ତି। ମହିଳା ଜଣକ ମଧ ଜଣେ ପୂର୍ବତନ ସେନା ଅଧିକାରୀ। ସେ ଗତ ମାସରେ ପରିବାର ଅଦାଲତରେ ଛାଡ଼ପତ୍ର ଲାଗି ଆବେଦନ କରିଛନ୍ତି। ନୌସେନା କମାଣ୍ଡର କେବଳ ତାଙ୍କ ସ୍ତ୍ରୀଙ୍କ ନୁହେଁ, ବରଂ ବନ୍ଧୁପତ୍ନୀ ଓ ଅନ୍ୟ ମହିଳାମାନଙ୍କ ଫଟୋ ମଧ ଅନ୍‌ଲାଇନରେ ଅପ୍‌ଲୋଡ କରିଛନ୍ତି।

### ରବର ପ୍ଲାଣ୍ଟରେ ନିଆଁ: ୩ ଦଗ୍ଧ

ବଡ଼ୋଦରା,୨୯।୧୧(ପି.ଟି.)-ଗୁଜରାଟର ବଡ଼ୋଦରାସ୍ଥିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ କମ୍ପ୍ଲେକ୍ସର ରବର ପ୍ଲାଣ୍ଟରେ ନିଆଁ ଲାଗି ୩ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗୁରୁବାର ସକାଳେ ପଲିବୁଟାଡିଏନ୍ ରବର (ପିବିଆର୨) ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଘଟିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ। ଗୁରୁତର ଆହତ ୩ ଠିକା କର୍ମଚାରୀଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ଏହାର ତଦନ୍ତ କରାଯିବ ବୋଲି କମ୍ପାନୀ କହିଛି।

### ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୨୯।୧୧(ପି.ଟି.)- ଜମ୍ମୁ-କଶ୍ମୀରର ପୁଲ୍‌ଓ୍ୱାମା ଜିଲାରେ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଉଭୟେ ହିଜବୁଲ କମାଣ୍ଡର ରିୟାଜ ନାଇକୁଙ୍କ ଘନିଷ୍ଠ ସହଯୋଗୀ। ଅଓ୍ୱନ୍ତିପୋରା ଅଞ୍ଚଳର ଶର୍ଶାଲିରେ ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ଲୁଚିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରି ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଗୁଳିବର୍ଷା କରିଥିଲେ। ପାଲଟା ଜବାବରେ ଆତଙ୍କବାଦୀ ଅଦନାନ୍ ଅହମଦ ଲୋନ୍ ଓରଫ୍ ଉକାବ ଏବଂ ଆଦିଲ ବିଲାଲ ଭଟ ଓରଫ ଉମାଇର ଅଲ ହିଜବି ଟଳି ପଡ଼ିଥିଲେ।

## ଦିଲ୍ଲୀରେ ବିଶାଳ ଚାଷୀ ସମାବେଶ
# ଅଧିକାର ଲାଗି ଆନ୍ଦୋଳନ

ନୂଆଦିଲ୍ଲୀ,୨୯।୧୧(ପି.ଟି.)

କୃଷିଋଣ ଛାଡ଼ ଓ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଦାବିରେ ଦିଲ୍ଲୀରେ ବିଶାଳ ଚାଷୀ ସମାବେଶ ଆୟୋଜିତ ହୋଇଛି। ଏଥିରେ ଆନ୍ଧ୍ରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଚାଷୀ ଯୋଗଦେଇଛନ୍ତି। ନୂଆଦିଲ୍ଲୀର ରାମଲିଲା ମଇଦାନରୁ ଗୁରୁବାର ଦୁଇଦିନିଆ ବିକ୍ଷୋଭ ସମାବେଶ ଆରମ୍ଭ ହୋଇଛି। ଅଖିଳ ଭାରତୀୟ କିଷାନ ସଂଘର୍ଷ ସମନ୍ୱୟ ସମିତି (ଏଆଇକେଏସ୍‌ସିସି) ବ୍ୟାନରରେ ଏକାଠି ହୋଇଥିବା ୨୦୭ ସଙ୍ଗଠନର ଚାଷୀମାନେ ଶୁକ୍ରବାର



ପାର୍ଲାମେଣ୍ଟ ଷ୍ଟ୍ରିଟ୍‌କୁ ଶୋଭାଯାତ୍ରାରେ ଯାଇ ସେମାନଙ୍କ ଦାବି ନେଇ ସ୍ୱର ଉଠାଇବେ। ତାମିଲନାଡୁର ଚାଷୀମାନେ ଆତ୍ମହତ୍ୟା କରିଥିବା ୨ ସାଥୀ କୃଷକଙ୍କ ଖପୁରି ଧରି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଶୁକ୍ରବାର ପାର୍ଲାମେଣ୍ଟକୁ ଯିବାକୁ ଦିଆ ନ ଗଲେ ସେମାନେ ଉଲଗ୍ନ ଶୋଭାଯାତ୍ରା କରିବାକୁ ଚେତାବନୀ ଦେଇଛନ୍ତି।

## ଲୋକ ସଭା ସହ କଶ୍ମୀର ବିଧାନସଭା ନିର୍ବାଚନ

ନୂଆଦିଲ୍ଲୀ,୨୯।୧୧(ପି.ଟି.)

ନିର୍ବାଚନ କମିଶନ(ଇସି) ଆସନ୍ତାବର୍ଷ ଲୋକ ସଭା ନିର୍ବାଚନ ସହ ଜମ୍ମୁ-କଶ୍ମୀର ବିଧାନସଭା ଭୋଟ୍ କରାଇପାରନ୍ତି। ଭିନ୍ନ ନୀତି ଆଦର୍ଶର ବିରୋଧୀ ରାଜନୈତିକ ଦଳ ଏକାଠି ସ୍ଥାୟୀ ସରକାର ଗଢ଼ିବା ସମ୍ଭବ ନ ଥିବା ଏବଂ ରାଜ୍ୟରେ ନିରାପତ୍ତା ସ୍ଥିତି ସଙ୍ଗିନ ଥିବା ଦର୍ଶାଇ ଗତ ୨୧ରେ ରାଜ୍ୟପାଳ ସତ୍ୟପାଲ୍ ମଲିକ ବିଧାନସଭା ଭଙ୍ଗ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଧାନସଭା ଭଙ୍ଗ ହେବାର ୬ ମାସ ମଧ୍ୟରେ ଅର୍ଥାତ ଆସନ୍ତାବର୍ଷ ମେ' ୨୧ ସୁଦ୍ଧା ସେଠାରେ ନିର୍ବାଚନ କରିବାକୁ ହେବ। ତେଣୁ ଇସି ଲୋକ ସଭା ସହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ କରାଇପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ପିଡିପି ଅଧ୍ୟକ୍ଷା ମେହବୁବା ମୁଫତି କଂଗ୍ରେସ ଏବଂ ଏନ୍‌ସି ସମର୍ଥନରେ ସରକାର ଗଢ଼ିବାକୁ ଦାବି କରିବା ପରେ ରାଜ୍ୟପାଳ ବିଧାନସଭା ଭଙ୍ଗ କରିଦେଇଥିଲେ।

# ମରାଠା ସଂରକ୍ଷଣ ବିଲ୍ ପାସ୍

ମୁମ୍ବାଇ,୨୯।୧୧(ପି.ଟି.)

ସାମାଜିକ ଏବଂ ଅର୍ଥନୈତିକ ପଛୁଆ ବର୍ଗର ମରାଠାମାନଙ୍କ ଲାଗି ପ୍ରସ୍ତାବିତ ୧୬ ପ୍ରତିଶତ ସ୍ଥାନ ସଂରକ୍ଷଣ ବିଲ୍ ଗୁରୁବାର ମହାରାଷ୍ଟ୍ର ବିଧାନସଭାରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଏହି ବିଲ୍ ଆଗତ କରିଥିଲେ। ଏହାକୁ ଗୃହୀତ କରାଇବାରେ ବିରୋଧୀ ଦଳର ସମର୍ଥନ ଲାଗି ସେ ଧନ୍ୟବାଦ ଜଣାଇଛନ୍ତି। ଶିକ୍ଷାନୁଷ୍ଠାନରେ ନାମଲେଖା ଏବଂ ସରକାରୀ ଚାକିରି କ୍ଷେତ୍ରରେ ପଛୁଆ ବର୍ଗର ମରାଠାମାନଙ୍କୁ ଏହି ସ୍ଥାନ ସଂରକ୍ଷଣ ସୁବିଧା ମିଳିବ। ମହାରାଷ୍ଟ୍ରରେ ମରାଠାମାନେ ସାମାଜିକ ଏବଂ ଶିକ୍ଷାଗତ କ୍ଷେତ୍ରରେ ପଛୁଆ ଘୋଷିତ ହୋଇଛନ୍ତି। ରାଜ୍ୟରେ ଚାକିରି କ୍ଷେତ୍ରରେ ସେମାନଙ୍କର ଯଥେଷ୍ଟ ପ୍ରତିନିଧିତ୍ୱ ନ ଥିବା ରାଜ୍ୟ ପଛୁଆ ବର୍ଗ ଆୟୋଗ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ସମ୍ବିଧାନର ଧାରା ୧୫(୪) ଏବଂ ୧୬(୪) ଅନୁଯାୟୀ ସେମାନେ ସଂରକ୍ଷଣ ସୁବିଧା ପାଇବା ଲାଗି ହକ୍‌ଦାର ବୋଲି ଉକ୍ତ ଆୟୋଗ ମତ ଦେଇଥିଲେ। ମହାରାଷ୍ଟ୍ର ଜନସଂଖ୍ୟାର ୩୦ ପ୍ରତିଶତ ମରାଠା ହୋଇଥିଲାବେଳେ ସେମାନେ ଦୀର୍ଘଦିନରୁ ସରକାରୀ ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦାବି କରିଆସୁଥିଲେ। ଏଥିପାଇଁ ଗତ ଜୁଲାଇ ଓ ଅଗଷ୍ଟରେ ହୋଇଥିବା ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା।

## ଫୁରସତ

# ଦେଶର ପ୍ରଥମ ପେଚା ଉତ୍ସବ

ପୁଣେ:



ପ୍ରଥମ କରି ଦେଶରେ ଏକ ପେଚା ଉତ୍ସବ ଗୁରୁବାର ପୁଣେର ପୁରନ୍ଦର ତାଲୁକା ଅନ୍ତର୍ଗତ ପିଙ୍ଗୋରି ଗାଁରେ ପାଳିତ ହୋଇଛି। ଏହା ନଭେମ୍ବର ୨୯ ଓ ୩୦ ଦୁଇଦିନ ଧରି ଚାଲିବ। ପ୍ରକୃତି ସଂରକ୍ଷଣ ପାଇଁ କାର୍ଯ୍ୟକରୁଥିବା ଏକ ସ୍ୱେଚ୍ଛାସେବୀ ସଂଗଠନ 'ଏଲା ଫାଉଣ୍ଡେଶନ୍' ଦ୍ୱାରା ଏହା ଆୟୋଜିତ ହୋଇଛି। ପେଚା ସଂରକ୍ଷଣ ଉପରେ ଏହା ସୂଚନା ପ୍ରଦାନ କରିବ। ଏଥିପାଇଁ ପେଚାର ଛବି, ଚିତ୍ରକଳା, ଲଣ୍ଠନ, ବିଜୁଳିବତି, ପୋଷ୍ଟର, ବିଭିନ୍ନ ଲେଖା, କବିତା ଓ ଗପ ଆଦି ସ୍ଥାନ ପାଇଛି। ପ୍ରଥମ କରି ପାଳନ କରାଯାଉଥିବା ଏଭଳି ଉତ୍ସବର ଉଦ୍ଦେଶ୍ୟ ପେଚା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ପେଚା ଏକ ଅଶୁଭ ସଂକେତ ବୋଲି ଲୋକଙ୍କ ମନରେ ଅନ୍ଧବିଶ୍ୱାସ ରହିଛି। ଏହା ଏକ ପକ୍ଷୀ। ଏହାର ସଂରକ୍ଷଣ ଜରୁରୀ ବୋଲି ଏଲା ଫାଉଣ୍ଡେଶନ୍ ନିର୍ଦ୍ଦେଶକ ତଥା ସାବିତ୍ରୀବାଇ ଫୁଲେ ପୁଣେ ୟୁନିଭର୍ସିଟିର ଅର୍ନିଥୋଲୋଜି ପ୍ରଫେସର ଡକ୍ଟର ସତୀଶ ପାଣ୍ଡେ ପ୍ରକାଶ କରିଛନ୍ତି।

## ପିଏସ୍‌ଏଲ୍‌ଭି-ସି-୪୩ ରକେଟ୍ ଉତ୍‌କ୍ଷେପଣ
# କକ୍ଷପଥରେ 'ହାଇସିସ୍'

ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ):

ଭାରତ ପୁଣିଥରେ ରଚିଛି ଇତିହାସ। ଗୁରୁବାର ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାଓ୍ୱନ ମହାକାଶ ଗବେଷଣା କେନ୍ଦ୍ରରୁ ସଫଳତାର ସହିତ ବିରଳ ଉପଗ୍ରହ ହାଇସିସ୍(ହାଇପର୍ ଇମେଜିଂ ସାଟେଲାଇଟ୍)ର ଉତ୍‌କ୍ଷେପଣ କରିଛି। ପିଏସ୍‌ଏଲ୍‌ଭି-ସି-୪୩ ରକେଟ ସହାୟତାର ଏହାକୁ ଉତ୍‌କ୍ଷେପଣ କରାଯାଇଛି। ଏହା ସହିତ ଅନ୍ୟ ୩୦ଟି ଉପଗ୍ରହ ମଧ୍ୟ ଉତ୍‌କ୍ଷେପଣ ହୋଇଛି। ସେଥିମଧ୍ୟରେ ଆମେରିକାର ୨୩ଟି ଉପଗ୍ରହ ରହିଛି। ଏହାର ସୁପର ଶାର୍ପ ଆଇ ରହିଛି। ଆଗାମୀ ୫ ବର୍ଷ ପାଇଁ ଏହା କାର୍ଯ୍ୟକରିବ ବୋଲି ଇସ୍ରୋ ଅଧ୍ୟକ୍ଷ ଡ. କେ. ଶିବନ୍ ସୂଚନା ଦେଇଛନ୍ତି।



ପିଏସ୍‌ଏଲ୍‌ଭି ପ୍ରଥମେ ହାଇସିସ୍‌କୁ ଏବଂ ପରେ ୩୦ଟି ବିଦେଶୀ ଉପଗ୍ରହକୁ କକ୍ଷପଥରେ ସ୍ଥାପନ କରିଥିଲା। ପୂର୍ବାହ୍ନ ୯ଟା ୫୮ ମିନିଟ୍‌ରେ ୪୪.୪ମିଟର ଲମ୍ବ ଏବଂ ୨୩୦ଟନ୍ ଓଜନ ବିଶିଷ୍ଟ ପିଏସ୍‌ଏଲ୍‌ଭି ରକେଟ୍ ଶ୍ରୀହରିକୋଟାର ପ୍ରଥମ ଲଞ୍ଚପ୍ୟାଡ୍‌ରେ ଅଗ୍ନିସଂଯୋଗ କରାଯିବା ପରେ ଏହା କମଳାରଙ୍ଗର ଅଗ୍ନିଶିଖା ଛାଡି ଉପରକୁ ଉଠିଥିଲା। ହାଇସିସ୍‌କୁ ୬୩୬କିଲୋମିଟର ପୋଲାର ସନ୍ ସାଇକ୍ରୋନସ୍ ଅର୍‌ବିଟ୍‌ରେ ସ୍ଥାପନ କରାଯାଇଛି। ଅନ୍ୟ ୩୦ଟି ବିଦେଶୀ ଉପଗ୍ରହକୁ ୫୦୪କି.ମି. କକ୍ଷପଥରେ ଅବସ୍ଥାନ କରାଯାଇଥିଲା। ତନ୍ମଧ୍ୟରୁ ଆମେରିକାର ୨୩ଟି ଉପଗ୍ରହ ହୋଇଥିବାବେଳେ ଅନ୍ୟଗୁଡ଼ିକ ଅଷ୍ଟ୍ରେଲିଆ, କାନାଡା, କଲମ୍ବିଆ, ଫିନ୍‌ଲ୍ୟାଣ୍ଡ, ମାଲେସିଆ, ନେଦରଲାଣ୍ଡ ଏବଂ ସ୍ପେନ୍‌ର। ପୃଥିବୀର ପୃଷ୍ଠଭୂମି ବିଷୟରେ ତଥ୍ୟ ସଂଗ୍ରହ କରିବା ହାଇସିସ୍‌ର ପ୍ରଥମ ଲକ୍ଷ୍ୟ। ଏହା ବୈଜ୍ଞାନିକଙ୍କ ବିଶେଷ ଉଦ୍ଦେଶ୍ୟସାଧନ କରିପାରିବ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୯ | ୧୬.୧ |
| ଚାନ୍ଦବାଲି | ୨୯.୫ | ୧୮.୦ |
| କଟକ | ୩୦.୦ | ୧୬.୨ |
| ପାରାଦ୍ୱୀପ | ୨୯.୬ | ୧୮.୭ |
| ଭୁବନେଶ୍ୱର | ୩୧.୧ | ୧୭.୦ |
| ଗୋପାଳପୁର | ୩୧.୬ | ୧୭.୬ |
| ପୁରୀ | ୩୦.୪ | ୧୮.୬ |
| ଅନୁଗୋଳ | ୨୮.୩ | ୧୩.୦ |
| ବାରିପଦା | ୨୭.୪ | ୧୬.୪ |
| ଝାରସୁଗୁଡ଼ା | ୨୯.୦ | ୧୪.୬ |
| କେନ୍ଦୁଝର | ୨୬.୫ | ୧୩.୫ |
| ସମ୍ବଲପୁର | ୩୦.୨ | ୧୪.୬ |
| ସୁନ୍ଦରଗଡ଼ | ୨୮.୦ | ୧୩.୦ |
| ହୀରାକୁଦ | ୨୯.୨ | ୧୫.୧ |
| ତାଳଚେର | ୩୧.୮ | ୧୩.୩ |
| ଭବାନୀପାଟଣା | ୩୦.୦ | ୧୩.୨ |
| ବଲାଙ୍ଗୀର | ୨୯.୫ | ୧୪.୦ |
| କୋରାପୁଟ | ୨୭.୬ | ୧୩.୦ |
| ଫୁଲବାଣୀ | --- | ୦୮.୫ |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୨୯.୮ | ୧୩.୪ |
| ଦାରିଙ୍ଗିବାଡ଼ି | ୨୬.୦ | ୧୧.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଦୀପିକାଙ୍କ ଓ୍ୱେଡିଂ ରିସେପ୍‌ଶନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ମୁମ୍ବାଇରେ ବିବାହ ଭୋଜି ଦେଇଛନ୍ତି। ଫୁଲ ଓ ଆଲୋକମାଳାର ଝଲକ, ବଲିଉଡ୍‌ର ପୁରୁଣା ଗୀତ ଓ ନୃତ୍ୟର ଆଡମ୍ବରରେ ଦୀପିକା-ପାଦୁକୋନ୍‌ଙ୍କ ହସହସ ମୁହଁ ରିସେପ୍‌ଶନ୍ ପାର୍ଟିକୁ କରିଥିଲା ଆହୁରି ସୌନ୍ଦର୍ଯ୍ୟମୟ। ନବବିବାହିତ ଦମ୍ପତି ରିସେପ୍‌ଶନ ପାର୍ଟିରେ ହଜାରରୁ ଊର୍ଦ୍ଧ୍ୱ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଉକ୍ତ ଦମ୍ପତି ଦୀର୍ଘ ୫ଘଣ୍ଟା ଦଣ୍ଡାୟମାନ ହୋଇ ପ୍ରାୟ ୧୨୦୦ ଆଗନ୍ତୁକଙ୍କୁ ସାକ୍ଷାତ କରୁଥିଲେ। ଏଥିରେ ଉଭୟଙ୍କ ପରିବାର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ସାମିଲ ହୋଇଥିଲେ।

ନଭେମ୍ବର ୧୪ ଓ ୧୫ରେ ଇଟାଲିର ଲେକ୍ କୋମୋରେ ଟେନିସ୍ ଖେଳାଳି ପ୍ରକାଶ ପାଦୁକୋନ୍‌ଙ୍କ କନ୍ୟା ଦୀପିକା ଏବଂ ଅଭିନେତା ରଣବୀର ସିଂଙ୍କ ମଧ୍ୟରେ ଶୁଭ ପରିଣୟ ଅନୁଷ୍ଠିତ ହୋଇଥିଲା। ଏହାର ସପ୍ତାହକ ପରେ ବେଙ୍ଗାଲୁରୁଠାରେ ବିବାହ ଭୋଜି ଆୟୋଜିତ ହୋଇଥିଲା। ଡିସେମ୍ବର ୧ରେ ବଲିଉଡ୍ କଳାକାରଙ୍କ ନିମନ୍ତେ ଏକ ପୃଥକ୍ ଭୋଜି ଆୟୋଜନ କରାଯାଉଛି। ପରଦାରେ ଅଭିନୟ କରୁଥିବା ଏବଂ ପ୍ରଚ୍ଛଦପଟରେ ରହୁଥିବା କଳାକାରଙ୍କୁ ମଧ୍ୟ ଏଥିପାଇଁ ନିମନ୍ତ୍ରଣ କରାଯାଇଛି। ଡିସେମ୍ବରରେ ରଣବୀର କର୍ମକ୍ଷେତ୍ରକୁ ଫେରି ରୋହିତ ଶେଟ୍ଟୀଙ୍କ 'ସିମ୍ବା'ରେ କାର୍ଯ୍ୟ କରିବେ। ସେହିପରି ଦୀପିକା ଜାନୁୟାରୀରେ ପୁଣି ଅଭିନୟ ଦୁନିଆକୁ ଫେରିବେ। ଏହି ଯୋଡ଼ି ଏକାଧିକ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିପାରିଛନ୍ତି।



## ଇତିହାସର ଆଇନାରେ
### ନଭେମ୍ବର ୩୦ର ପ୍ରମୁଖ ଘଟଣା

୧୯୬୬ ମସିହା ନଭେମ୍ବର ୩୦ରେ ବାର୍ବାଡୋସ ଏକ ସ୍ୱାଧୀନ କମନଓ୍ୱେଲ୍‌ଥ ରାଷ୍ଟ୍ରର ପରିଚୟ ହାସଲ କରିଥିଲା। ରାଣୀ ଏଲିଜାବେଥ ଦ୍ୱିତୀୟ ଏହାର ରାଷ୍ଟ୍ରମୁଖ୍ୟ ହୋଇଥିଲେ। ବାର୍ବାଡୋସର ଲୋକସଂଖ୍ୟା ୨,୮୪,୯୯୬ ଜଣ। ଏମାନେ ମୁଖ୍ୟତଃ ଆଫ୍ରିକୀୟ।

୧୯୬୭ ନଭେମ୍ବର ୩୦ରେ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଗଠନ ହୋଇଥିଲା। ଜୁଲ୍ ଫିକର ଅଲି ଭୁଟ୍ଟୋ ଏହି ବାମପନ୍ଥୀ ସୋସିଆଲ ପ୍ରୋଗ୍ରେସିଭ ପାର୍ଟିର ପ୍ରତିଷ୍ଠାତା। ଏହି ଦଳ ଗଠନ ପରେ ୫ ଥର କ୍ଷମତାକୁ ଆସିଛି।



ମୁଁ ଜଣେ ଅସହାୟ ମହିଳା। ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ମତେ ଖଣ୍ଡେ ବିଜୁ ପକ୍କାଘର ଦେଲେ। ଘର ଠିକ୍ ସମୟରେ ସାରି ୧୦ ହଜାର ଟଙ୍କାର ପୁରସ୍କାର ବି ପାଇଲି।

ମୁଁ ଆଜି ବହୁତ ଖୁସି। ଆମ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ।

- ଢେଙ୍କାନାଳ ଜିଲ୍ଲାର ଅଲ୍ଲି ସାହୁ

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର



୪ ବର୍ଷରେ ଗ୍ରାମାଞ୍ଚଳରେ ୨୦ ଲକ୍ଷ ପକ୍କାଘର

ସାରା ଦେଶରେ ଅଗ୍ରଣୀ ଆମ ରାଜ୍ୟ ଓଡ଼ିଶା

@CMO_Odisha | CMO.Odisha | @Naveen_Odisha

# ବାଜୁଛି ଓଡ଼ିଆ, ହିନ୍ଦୀ ଗୀତ

## ଗୋଲ୍ ହେଲେ ଆତସବାଜି

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ହକି ମ୍ୟାଚ୍‌ର ମାହୋଲକୁ ମଜାଦାର ଏବଂ ମନୋରଞ୍ଜନଧର୍ମୀ କରିବାକୁ ଆୟୋଜକଙ୍କ ପକ୍ଷରୁ ବାଜୁଛି ଓଡ଼ିଆ ଓ ହିନ୍ଦୀ ଗୀତର ଧୁନ୍। ଯେଉଁ ଟିମ୍‌ର ମ୍ୟାଚ୍ ହେଲେ ବି ଦର୍ଶକଙ୍କୁ ଉତ୍ସାହିତ କରିବାକୁ ଗୀତ ବଜାଯାଉଛି। ଏହାସହ ଗୀତର ତାଳେ ତାଳେ ଚାରିକୋଣରେ ଛିଡ଼ାହୋଇଥିବା ଚିୟର୍ ଗର୍ଲମାନେ ନାଚୁଛନ୍ତି। ପ୍ରତିକୋଣରେ ଦୁଇଜଣ ଲେଖାଏ ଚିୟର୍ ଗର୍ଲ ଥିବାବେଳେ ଗୋଲ୍ ହେଲେ ସେମାନେ ନିଜର ନୃତ୍ୟ ପ୍ରତିଭା ଦେଖାଉଛନ୍ତି। ସେହିଭଳି କୌଣସି ଟିମ୍ ଗୋଲ୍ କଲେ ଷ୍ଟାଡିୟମ୍‌ରୁ ଆତସବାଜି ଛଡ଼ାଯାଉଛି। ବାଣ ଫୁଟାଇବା ପାଇଁ ନର୍ଥ ଓ ସାଉଥ୍ ଷ୍ଟାଣ୍ଡରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି, ଯାହାକି କେବଳ ଦେଖଣାହାରୀଙ୍କ ପାଇଁ ନୁହେଁ, ଖେଳାଳିଙ୍କ ପାଇଁ ମଧ୍ୟ ଆକର୍ଷଣ ସାଜୁଛି। କେବଳ ସେତିକି ନୁହେଁ, ଓଡ଼ିଶାର କ୍ରୀଡ଼ା ମାସ୍କଟ୍ 'ଓଲି' ମଧ୍ୟ ଗ୍ୟାଲେରିରେଛିଡ଼ାହୋଇଖେଳାଳିଙ୍କୁଚିୟର୍‌କରୁଥିବାଦେଖିବାକୁମିଳୁଛି।

### କମିଲା କଏନ୍

ହକି ବିଶ୍ୱକପ୍ ଉଦ୍‌ଘାଟନୀ ସମାରୋହରେ କଳିଙ୍ଗ ଷ୍ଟାଡିୟମ୍‌ର ପ୍ରତି ଗେଟ୍ ବାହାରେ ଗଦା ଗଦା କଏନ୍ ଦେଖିବାକୁ ମିଳିଥିଲା। ଏପରି କି ଜାଗା ନ ହେବାରୁ ପୋଲିସକୁ ଡଷ୍ଟବିନ୍‌ରେ କଏନ୍ ରଖିବାକୁ ପଡ଼ିଥିଲା। ଷ୍ଟାଡିୟମ୍ ଭିତରକୁ କଏନ୍ ନେବା ଉପରେ କଟକଣା ଥିବା ପ୍ରଥମ ଦିନରେ ଅନେକେ ଜାଣିପାରି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ହେଲେ ଦ୍ୱିତୀୟ ଦିନରେ ଲୋକେ କିଛିଟା ସଚେତନ ହେବା ପରେ ଗୁରୁବାର ତୃତୀୟ ଦିନ ଆଉ ସେତେ କଏନ୍ ନ ଥିଲା। ଅନ୍ୟପକ୍ଷରେ ଅଧିକ ପରିମାଣର କଏନ୍‌କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ପ୍ରତି ଗେଟ୍ ବାହାରେ କଏନ୍ ବକ୍ସ ଲଗାଯାଇଛି। ସେହିଭଳି ମହିଳାମାନେ ମଧ୍ୟ ସାମାନ୍ୟ ସଚେତନ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରସାଧାନ ସାମଗ୍ରୀ ସହ ଖାଦ୍ୟ ଓ ପାଣି ବୋତଲ ଆଣିଥିବା କେତେଜଣ ମହିଳା ନିଜ ସାମଗ୍ରୀକୁ ବାହାରେ ରଖି ଭିତରକୁ ପ୍ରବେଶ କରିଥିଲେ।

### ଗାଡ଼ି ଉଠାଇଲା କ୍ରେନ୍

ଜୟଦେବ ବିହାରରୁ ଦି ୱାର୍ଲ୍ଡ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱକୁ ନୋ ପାର୍କିଂ ଜୋନ୍ କରାଯାଇଥିଲେ ମଧ୍ୟ ଲୋକେ ଏଠାରେ ପାର୍କିଂ କରିଥିଲେ। ଏ ନେଇ ପୋଲିସ ଓ ପ୍ରଶାସନ ପକ୍ଷରୁ ବାରମ୍ବାର କୁହାଯାଇଥିବା ବେଳେ ଲୋକେ ତାହା ଶୁଣି ନ ଥିଲେ। ତେଣୁ ଷ୍ଟାଡିୟମ୍‌କୁ ଲାଗିଥିବା ରାସ୍ତାର ଦୁଇକଡ଼ରେ ପାର୍କିଂ ଥିବା ଗାଡ଼ିକୁ ଶେଷରେ କ୍ରେନ୍ ଲଗାଇ ଉଠାଯାଇଥିଲା। ଉକ୍ତ ରାସ୍ତାରେ ଖେଳାଳିଙ୍କ ଗାଡ଼ି ଯିବାଆସିବା କରୁଥିବା ବେଳେ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଧାରିବାକୁ ପୋଲିସ ପକ୍ଷରୁ ଏହାକୁ ନୋ ପାର୍କିଂ ଜୋନ୍ କରାଯାଇଛି।





### ଉତ୍ସାହିତ କରୁଛି ଭାରତୀୟଙ୍କ କରତାଳି

କେବଳ ଇଣ୍ଡିଆ ମ୍ୟାଚ୍ ନୁହେଁ, ଅନ୍ୟ ଦେଶର ମ୍ୟାଚ୍‌ରେ ବି ଭାରତୀୟ ହକି ପ୍ରଶଂସକଙ୍କ ଉପସ୍ଥିତି ବହୁଳ ଭାବେ ଦେଖିବାକୁ ମିଳୁଛି। ଯେକୌଣସି ପୁଲ୍ ମ୍ୟାଚ୍ ହେଲେ ବି ସବୁବେଳେ ଷ୍ଟାଡିୟମ୍‌ଫୁଲ୍ ଦର୍ଶକ ରହୁଛନ୍ତି। ବୁଧବାର ପ୍ରଥମ ଦିବସରେ ଭାରତ ଓ ଦକ୍ଷିଣ ଆଫ୍ରିକା ମ୍ୟାଚ୍‌ରେ ଷ୍ଟାଡିୟମ୍ ପୂର୍ଣ୍ଣ ହୋଇଯାଇଥିବା ବେଳେ ବେଲ୍‌ଜିୟମ୍ ଓ କାନାଡା ମ୍ୟାଚ୍‌ରେ ବହୁ ଭାରତୀୟ ଦର୍ଶକ ଉପସ୍ଥିତ ରହି ଉଭୟ ଟିମ୍‌କୁ ଚିୟର୍ କରିଥିଲେ। ସେହିଭଳି ଗୁରୁବାର ଆର୍ଜେଣ୍ଟିନା-ସ୍ପେନ୍ ଏବଂ ନ୍ୟୁଜିଲାଣ୍ଡ-ଫ୍ରାନ୍ସ ମ୍ୟାଚ୍‌ରେ ଭାରତୀୟଙ୍କ ହୋହଲ୍ଲା ଓ କରତାଳି ବିଦେଶୀ ଖେଳାଳିଙ୍କୁ ଭଲ ଖେଳିବାକୁ ଏନର୍ଜି ଯୋଗାଇଥିଲା। ବିଶେଷକରି ଓଡ଼ିଆମାନଙ୍କ ଉପସ୍ଥିତି ଓଡ଼ିଶାର ଲୋକଙ୍କ ମଧ୍ୟରେ ଥିବା ହକି କ୍ରେଜ୍‌କୁ ଦର୍ଶାଇଥିଲା।

### ତ୍ରିରଙ୍ଗା, ଷ୍ଟିକରିଂର ଡିମାଣ୍ଡ

ଗୁରୁବାର ଭାରତ ମ୍ୟାଚ୍ ନ ଥିଲେ ମଧ ଭାରତର ଜାତୀୟ ପତାକା ଏବଂ ତ୍ରିରଙ୍ଗା ଷ୍ଟିକରିଂ କରିବାକୁ ଲୋକେ ଭୁଲି ନ ଥିଲେ। ଅନ୍ୟ ଟିମ୍‌ର ମ୍ୟାଚ୍ ଚାଲିଥିଲେ ବି ଲୋକେ ଷ୍ଟାଣ୍ଡରେ ବସି ତ୍ରିରଙ୍ଗା ଉଡ଼ାଇଥିଲେ। ଅଧିକାଂଶ ନିଜ ଗାଲରେ ତ୍ରିରଙ୍ଗା ଷ୍ଟିକରିଂ କରିବା ସହ ଭାରତୀୟ ହକି ଦଳ ପୋଷାକ ପିନ୍ଧିଥିଲେ। ଭାରତୀୟ ହକି ଦଳ ପୋଷାକ, ପତାକା ଓ ହେଡ୍ ଷ୍ଟିକର୍ ଆଦି ବିକ୍ରି କରିବାକୁ କୋଲକାତାରୁ ପ୍ରାୟ ୨୦ରୁ ୩୦ଜଣ ବ୍ୟବସାୟୀ ଷ୍ଟାଡିୟମ୍ ବାହାରେ ଡେରା ପକାଇଥିଲେ। ସେହିଭଳି ଭିତରକୁ ପଶିବା ପୂର୍ବରୁ ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ, ସମସ୍ତେ ନିଜ ନିଜ ଗାଲକୁ ତ୍ରିରଙ୍ଗାରେ ରଙ୍ଗାଇଥିଲେ। ଏହାବ୍ୟତୀତ କେତେଜଣ ଆର୍ଜେଣ୍ଟିନା ଓ ସ୍ପେନ୍‌ର ପ୍ରଶଂସକ ମଧ ନିଜ ନିଜ ପସନ୍ଦର ଦଳକୁ ସମର୍ଥନ ଦେବାକୁ ସେମାନଙ୍କ ଜାତୀୟ ପତାକା ଚିତ୍ରିତ କରିଥିଲେ।



ହକି ବିଶ୍ୱକପ୍‌ର ଗୁରୁବାର ମ୍ୟାଚ୍ ଅବସରରେ ଆର୍ଜେଣ୍ଟିନା ଖେଳାଳିଙ୍କ ସହ ସେଲ୍‌ଫି ନେଉଛନ୍ତି ଜଣେ ପ୍ରଶଂସକ।

## ମ୍ୟାଚ୍ ଦେଖିଲେ ୬,୨୮୦ ସ୍କୁଲ ପିଲା

ହକି ମ୍ୟାଚ୍‌କୁ ଉପଭୋଗ କରିଥିଲେ ଭୁବନେଶ୍ୱରର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ୬,୨୮୦ ଛାତ୍ରୀଛାତ୍ର। ଗୁରୁବାର ଓଡ଼ିଶାର ୧୭ଟି ସରକାରୀ ବିଦ୍ୟାଳୟର ପ୍ରାୟ ୩ ହଜାର ପିଲା ମ୍ୟାଚ୍ ଦେଖିବାକୁ ଯାଇଥିବା କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୋନାମିକା ରାୟ ସୂଚନା ଦେଇଛନ୍ତି। ସେହିଭଳି କିସ୍ ସହ ବିଭିନ୍ନ ଇଂଲିଶ ମିଡିୟମ୍ ସ୍କୁଲରୁ ପ୍ରାୟ ୩,୨୮୦ ପିଲାଙ୍କୁ ହକି ମ୍ୟାଚ୍ ଦେଖାଇବାକୁ ନିଆଯାଇଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା କରାଯାଇଥିଲା। ନିଜ ନିଜ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନେତୃତ୍ୱରେ ପିଲାମାନେ ଭିତରକୁ ଯାଇ ସ୍ୱତନ୍ତ୍ର ଗ୍ୟାଲେରିରେ ବସି ମ୍ୟାଚ୍ ଉପଭୋଗ କରିଥିଲେ।





ହକି ବିଶ୍ୱକପ୍‌ର ମ୍ୟାଚ୍ ଅବସରରେ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଚିୟର ଗର୍ଲଙ୍କ ନୃତ୍ୟ।

## ବଢୁଛି ବିଦେଶୀ ଦର୍ଶକଙ୍କ ସଂଖ୍ୟା



ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ସମାରୋହରେ ସେତେସଂଖ୍ୟକ ବିଦେଶୀ ଦର୍ଶକଙ୍କୁ ଷ୍ଟାଡିୟମ୍‌ରେ ଦେଖିବାକୁ ମିଳି ନ ଥିବା ବେଳେ ଏବେ କିନ୍ତୁ ସେମାନଙ୍କ ସଂଖ୍ୟା ଧୀରେ ଧୀରେ ବୃଦ୍ଧିପାଉଛି। ନିଜ ନିଜ ଟିମ୍‌କୁ ଚିୟର୍ କରିବାକୁ ବହୁ ବିଦେଶୀ ଓଡ଼ିଶା ଆସିଛନ୍ତି। ଗୁରୁବାର ପୁଲ୍ 'ଏ'ର ସ୍ପେନ୍ ଓ ଆର୍ଜେଣ୍ଟିନା ମଧ୍ୟରେ ମ୍ୟାଚ୍ ଚାଲିଥିବା ବେଳେ ଉଭୟ ଦଳର ବହୁ ଦର୍ଶକ ଷ୍ଟାଡିୟମ୍‌ରେ ବସି ନିଜ ନିଜ ଟିମ୍‌କୁ ଚିୟର୍ କରୁଥିଲେ। ଅନ୍ତର୍ଜାତୀୟ ଟୁରିଷ୍ଟଙ୍କ ପାଇଁ ଷ୍ଟାଡିୟମ୍‌ରେ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷିତ ରଖାଯାଇଥିଲା। ହେଲେ ବିଭିନ୍ନ ଷ୍ଟାଣ୍ଡରେ ଭାରତୀୟଙ୍କ ମଧ୍ୟରେ ବି କେତେଜଣ ବିଦେଶୀ ଦର୍ଶକ ବସିଥିବା ଦେଖିବାକୁ ମିଳିଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ୍ ଫ୍ରାନ୍ସ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଥିବା ବେଳେ ଏହି ମ୍ୟାଚ୍‌କୁ ବହୁ ବିଦେଶୀ ଉପଭୋଗ କରିଥିଲେ।



## ଭବିଷ୍ୟତ ହୋଷ୍ଟ ପାଇଁ ଚ୍ୟାଲେଞ୍ଜ୍

ଚଳିତବର୍ଷ ବେଶ୍ ଶୃଙ୍ଖଳିତ ଓ ଆଡ଼ମ୍ବରପୂର୍ଣ୍ଣ ହକି ବିଶ୍ୱକପ୍‌ର ଆୟୋଜନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ଓଡ଼ିଶା। ମୁମ୍ବାଇ, ଦିଲ୍ଲୀ ପରେ ଭାରତର ତୃତୀୟ ସହର ଭାବେ ଭୁବନେଶ୍ୱର ଏହି ବିଶ୍ୱସ୍ତରୀୟ ଇଭେଣ୍ଟର ଆୟୋଜନ କରିଥିବା ବେଳେ କ୍ରୀଡ଼ା ଇତିହାସରେ ଏହା ଏକ ନୂଆ ବେଞ୍ଚମାର୍କ ପ୍ରତିଷ୍ଠା କରିଛି। ସୁରକ୍ଷାରୁ ଆରମ୍ଭ କରି ଶୃଙ୍ଖଳା ପର୍ଯ୍ୟନ୍ତ, ସବୁକିଛି ବ୍ୟବସ୍ଥିତ ହୋଇଥିବାରୁ ଦର୍ଶକ ଏବଂ ଅତିଥିମାନେ ଆୟୋଜକଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ମ୍ୟାଚ୍ ଚାଲିଥିବା ଷ୍ଟାଡିୟମ୍‌ର ପ୍ରତି ଷ୍ଟାଣ୍ଡ ଓ ଗ୍ୟାଲେରି ଉପରେ କଡ଼ା ନଜର ରଖିବା ପାଇଁ ସିସିଟିଭି କ୍ୟାମେରା ଲଗାଯାଇଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବାକୁ ପୋଲିସ ଛାଉଣୀ ହୋଇଥିବା ବେଳେ କ୍ରୀଡ଼ାବିତ୍ ଓ ସେମାନଙ୍କ ଅଫିସିଆଲ୍‌ଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିଭଳି ସଫଳତାର ସହ ଦୁଇଟି ମହାଆଡ଼ମ୍ବର ଉଦ୍‌ଘାଟନୀ ସମାରୋହ କରିଥିବା ଆୟୋଜକ ଓଡ଼ିଶା ଭବିଷ୍ୟତ ହୋଷ୍ଟ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି, ଯାହାକି ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ(ଏଫ୍‌ଆଇଏଚ୍)ର ସଭାପତି ନରିନ୍ଦର ବାତ୍ରା ମଧ୍ୟ ସ୍ୱୀକାର କରିଛନ୍ତି। ଏହାବ୍ୟତୀତ ଟୁଇଟର ଏବଂ ଫେସ୍‌ବୁକ୍‌ରେ ମଧ୍ୟ ଆୟୋଜକଙ୍କୁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟୁଛି।



ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି।
- କୋପରନିକସ



■ ଅସଜଡ଼ା ସୁରକ୍ଷା ବ୍ୟବସ୍ଥା

# ରାସ୍ତାରେ ଅଟକିଲେ ଦକ୍ଷିଣ ଆଫ୍ରିକା ଖେଳାଳି

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ଦକ୍ଷିଣ ଆଫ୍ରିକା ଏବଂ ପାକିସ୍ତାନ ହକି ଟିମ୍‌ର ଖେଳାଳିମାନେ ଗୁରୁବାର ଏସ୍ପ୍ଲାନେଡ୍ ମଲ୍‌କୁ ବୁଲିବାକୁ ଯିବା ସହ ଶପିଂ କରିଥିଲେ। ତେବେ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ମଲ୍‌କୁ ଆସିବା ସମୟରେ ସୁରକ୍ଷାରେ କେତେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଫଳରେ ଖେଳାଳିମାନେ ଆସିଥିବା ବସ୍‌ଟି ରାସ୍ତାରେ ଅଟକି ରହିଥିଲା। ଖେଳାଳିମାନେ ବସ୍ ଭିତରେ ବସି ରହିଥିଲେ।

ଗୁରୁବାର ଅପରାହ୍ଣ ପ୍ରାୟ ୧ଟା ୩୦ରେ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ଏକ ବସ୍‌ରେ ଏସ୍ପ୍ଲାନେଡ୍ ମଲ୍ ଆସିଥିଲେ। ରସୁଲଗଡ଼ରୁ ଯିବା ବେଳେ ଏସ୍ପ୍ଲାନେଡ୍ ସମ୍ମୁଖ ଡିଭାଇଡର ନିକଟରେ ବସ୍‌ଟି ବୁଲିପାରି ନ ଥିଲା।



ସୁରକ୍ଷାରେ ଅବ୍ୟବସ୍ଥା ହେତୁ ଖେଳାଳିଙ୍କ ବସ୍ ରାସ୍ତାରେ ଅଟକି ରହିଛି।

ଖେଳାଳିଙ୍କ ସୁରକ୍ଷା ଲାଗି ଏକ ଏସ୍କର୍ଟ ଭ୍ୟାନ ଆସିଥିଲେ ମଧ୍ୟ ଠିକ୍ ପଦକ୍ଷେପ ନ ନେବାରୁ ଏପରି ସମସ୍ୟା ଉପୁଜିଥିଲା। ପାଖାପାଖି ୬ରୁ ୭ ମିନିଟ୍ ଧରି ବସ୍‌ଟି ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିଲା। ଖେଳାଳିମାନେ ବସ୍ ଭିତରେ ବସି ରହିଥିଲେ। କିଛି ସମୟ ପରେ ବସ୍‌ଟି ଆଗକୁ ଯାଇ ବମିଖାଲ ଓଭରବ୍ରିଜ ନିକଟରେ ୟୁ ଟର୍ନ କରି ଏସ୍ପ୍ଲାନେଡ୍ ସମ୍ମୁଖକୁ ଆସିଥିଲା। ସ୍ଥାନୀୟ ଲୋକେ ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ସମାଲୋଚନା କରିଥିଲେ। ଖେଳାଳିମାନେ ପ୍ରାୟ ୨ ଘଣ୍ଟା ମଲରେ ବିତାଇବା ପରେ ହୋଟେଲକୁ ଫେରିଥିଲେ।

## ବସ୍‌ରେ ବସି ରହିଲେ

ଶପିଂ କରିବା ସହ ମଲରେ ଥିବା ରେଷ୍ଟୁରାଣ୍ଟରେ ବିଦେଶୀ କେଏଫ୍‌ସି ଡୋମିନସ ଏବଂ କଣ୍ଟିନେଣ୍ଟାଲ ଫୁଡ୍‌ର ମଜା ନେଇଥିଲେ।

ଅପରାହ୍ଣ ପ୍ରାୟ ୪ଟା ବେଳକୁ କଡା ସୁରକ୍ଷା ବଳୟ ଭିତରେ ପାକିସ୍ତାନର ଖେଳାଳିମାନେ ଏସ୍ପ୍ଲାନେଡ୍ ଆସିଥିଲେ। ପାକିସ୍ତାନ ଖେଳାଳିଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଖେଳାଳିମାନେ ମଲ୍‌ରୁ ପୋଷାକ କିଣିଥିବା ବେଳେ ରେଷ୍ଟୁରାଣ୍ଟରେ ପିଜା ବର୍ଗରର ମଜା ନେଇଥିଲେ। ସନ୍ଧ୍ୟା ପ୍ରାୟ ୬ଟା ବେଳକୁ ସେମାନେ କଡା ସୁରକ୍ଷା ବ୍ୟବସ୍ଥା ଭିତରେ ହୋଟେଲକୁ ଫେରିଥିଲେ।

# ଶ୍ରୀଉତ୍ସବ ପାଇଁ ଗଲା ମହାପ୍ରଭୁଙ୍କ ଆଜ୍ଞାମାଳ

ପୁରୀ ଅଫିସ,୨୯।୧୧

ଲକ୍ଷ୍ମୀ ପୁରାଣ ଓ ଏହା ମାଧ୍ୟମରେ ଆଧ୍ୟାତ୍ମିକ ଭାବଧାରା ସହିତ ଥିବା ସାମାଜିକ ବାର୍ତ୍ତାର ବିଶ୍ୱବ୍ୟାପୀ ପ୍ରଚାର ପ୍ରସାର ଉପଲକ୍ଷେ ଭୁବନେଶ୍ୱରରେ ଆୟୋଜିତ ହେଉଛି ଶ୍ରୀଉତ୍ସବ। ଏଥିପାଇଁ ଗୁରୁବାର ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ସଂକୀର୍ତ୍ତନ ଶୋଭାଯାତ୍ରାରେ ନିଆଯାଇଛି। ଆସନ୍ତା ଡିସେମ୍ବର ୧୩ ତାରିଖରେ ଶହୀଦ ନଗର ପୂଜା ମଣ୍ଡପରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ୧୦୮ ମହିଳା ଏକାଠି ବସି ମାଣବସା ଲକ୍ଷ୍ମୀପୂଜା ଓ ସାମୁହିକ ଲକ୍ଷ୍ମୀପୁରାଣ ପାଠ କରିବେ। ଏହି ଉପଲକ୍ଷେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ନିଆଯାଇ ଏହାର




ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ନିଆଯାଉଛି।

ଶୁଭାରମ୍ଭ କରାଯାଇଛି ବୋଲି ଶ୍ରୀଉତ୍ସବର ଅଧ୍ୟକ୍ଷା ଡ. ରୀନା ରାଉତରାୟ କହିଛନ୍ତି। ଓଡ଼ିଶା ସହିତ ବିଭିନ୍ନ ରାଜ୍ୟ ଓ ଦେଶ ବିଦେଶରେ ଏହି ଶ୍ରୀଉତ୍ସବ ପାଳନ କରାଯାଉଛି ବୋଲି ଏହାର ଆବାହକ ପିନାକୀ ମହାନ୍ତି ସୂଚନା ଦେଇଛନ୍ତି। ଶ୍ରୀଉତ୍ସବର କର୍ମକର୍ତ୍ତା ଚିଦାତ୍ମିକା ଖଟୁଆ, ଗୌରୀଶଙ୍କର ସିଂହାରୀ, ଜୟଶ୍ରୀ ମହାପାତ୍ର, ସଂଯୁକ୍ତା ମହଲ, ବିଥିକା ମହାନ୍ତି, କୁମୁଦିନୀ ଦାସ, ଅରବିନ୍ଦ ଅଗ୍ରୱାଲ, ରୁଦ୍ରନାରାୟଣ ମହାନ୍ତି, ଅନ୍ନଦାପ୍ରସନ୍ନ ଦାସ ପ୍ରମୁଖ ବଡ଼ଦାଣ୍ଡରେ ପଦଯାତ୍ରା କରି ସଚେତନତା ସୃଷ୍ଟି କରିଥିଲେ।

## ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ 'ମୋ ବସ' ସେବା

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ଶୁକ୍ରବାରଠାରୁ 'ମୋ ବସ' ସେବାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ରୁଟ-୧୧ ଶିଖରଚଣ୍ଡୀ ବିହାରଠାରୁ ଲିଙ୍ଗିପୁର ବସ୍ ଗଡ଼ିବ। ଏହି ରୁଟରେ ସମୁଦାୟ ୨୧ଟି ବସ ଚାଲିବ। ସେଥିରୁ ୧୪ଟି ସାଧାରଣ ଏବଂ ୭ଟି ଶୀତ ତାପ ନିୟନ୍ତ୍ରିତ ବସ୍। ଏହି ରୁଟରେ ୪୯ଟି ବସ ରହଣୀସ୍ଥଳ ରହିବ।

## ନବବଧୂଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ପୁରୁଣା ଭୁବନେଶ୍ୱର, ୨୯।୧୧ (ଡି.ଏନ୍.ଏ.)

ଲିଙ୍ଗରାଜ ଥାନା ରାଧାକୃଷ୍ଣନଗର ପ୍ଲଟ୍ ନଂ.୩୫୫ରୁ ମୀନା ଦେବନାଥ(୨୫) ନାମ୍ନୀ ଜଣେ ନବବଧୂଙ୍କ ମୃତଦେହକୁ ପୋଲିସ ଗୁରୁବାର ଜବତ କରିଛି। ତାଙ୍କ ଘର କେନ୍ଦ୍ରାପଡ଼ାର ରାମନଗରରେ। ବୁଧବାର ରାତିରେ ଛାତ ବିମ୍‌ରେ ମୀନା ଶାଢ଼ୀରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଶାଶୁଘର ଲୋକେ ଏହାକୁ ଆତ୍ମହତ୍ୟା କହୁଥିବାବେଳେ ପୋଲିସ ହତ୍ୟା ସନ୍ଦେହ କରିବା ସହ ଏକ ଅପମୃତ୍ୟୁ ମାମଲା(୩୧/୧୮) ରୁଜୁ କରି ତଦନ୍ତ ଚଳାଇଛି। ଘରେ ସ୍ୱାମୀ ଥିବାବେଳେ କିପରି ମୀନା ଆତ୍ମହତ୍ୟା କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶ୍ରୀଲିଙ୍ଗରାଜଙ୍କ ଜବରଦଖଲ ଜମି ଚିହ୍ନଟ ପରେ ପାଚେରି ହେବ

ପୁରୁଣା ଭୁବନେଶ୍ୱର, ୨୯।୧୧ (ଡି.ଏନ୍.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜବରଦଖଲ ଜାଗା ଚିହ୍ନଟ କରାଯିବ। ଏହାପରେ ସେଠାରେ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ନୋଟିସବୋର୍ଡ ଲଗାଯିବା ସହ ପାଚେରି କରାଯିବ। ପାଚେରି ପାଇଁ ଶ୍ରୀ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଗୁରୁବାର ସନ୍ଧ୍ୟାରେ ଟ୍ରଷ୍ଟବୋର୍ଡର ଏକ ବୈଠକ ବସି ଏହି ନିଷ୍ପତ୍ତି ହୋଇଛି। ଏଥିସହ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିଲା। ବୋର୍ଡ ସଭାପତି ତଥା ଏଡିଏମ୍ ଅରୁଣ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ୩ ପ୍ରମୁଖ ନିଯୋଗ ସମ୍ପାଦକଙ୍କ ସମେତ ମନ୍ଦିରର ଆଇନଜୀବୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ଏକ ଶପିଂ ମଲ୍‌ରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀଙ୍କୁ ଉପରିସ୍ଥ ଅଧିକାରୀ ଅସଦାଚରଣ କରିବା ସହିତ ଦରମା ଦେଉନାହାନ୍ତି। ଏ ନେଇ ୫ରୁ ଊର୍ଦ୍ଧ୍ୱ ମହିଳା କର୍ମଚାରୀ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ସମ୍ପୃକ୍ତ ଉପରିସ୍ଥ ଅଧିକାରୀ କାମ ବାହାନାରେ ଜଣେ ମହିଳା କର୍ମଚାରୀଙ୍କୁ ମଲ୍‌ରେ ସିସି କ୍ୟାମେରା ଲାଗି ନ ଥିବା ସ୍ଥାନକୁ ଡକାଇ ଅସଦାଚରଣ କରିଥିଲେ। ଏ ନେଇ କାହାକୁ ଜଣାଇଲେ ଚାକିରିରୁ ବାହାର କରିଦେବାକୁ ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ଜଣେ ମହିଳାଙ୍କୁ ସମାନ ଭାବେ ଅସଦାଚରଣ କରିଥିଲେ। ଏହାକୁ ନେଇ ଉଭୟ ମହିଳା ବିରୋଧ କରିଥିଲେ। ଫଳରେ ସେମାନଙ୍କ ସମେତ ଅନ୍ୟ ୩ ଜଣଙ୍କୁ ଦରମା ନ ଦେଇ ଚାକିରିରୁ ବାହାର କରିଦିଆଯାଇଥିଲା। ଏହା ପ୍ରତିବାଦରେ ସେମାନେ ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ଥାନା ଅଧିକାରୀ ମାନସ ରଞ୍ଜନ ଗଡନାୟକ କହିଛନ୍ତି, ମହିଳାମାନଙ୍କ ଅଭିଯୋଗ ଆଧାରରେ ଉକ୍ତ ମଲ୍‌ର କର୍ତ୍ତୃପକ୍ଷଙ୍କୁ ଥାନାକୁ ଡକାଯାଇଥିଲା। ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ମିଥ୍ୟା ବୋଲି ତଦନ୍ତରୁ ଜଣାପଡ଼ିଛି। ସେମାନଙ୍କ ବକେୟା ଦରମାକୁ ମଲ୍ କର୍ତ୍ତୃପକ୍ଷ ସନ୍ଧ୍ୟାରେ ଦେଇ ଦେଇଛନ୍ତି।

## ୩୯ ଗ୍ରାମ୍ ବ୍ରାଉନସୁଗାର ଜବତ

**୨ ବ୍ୟବସାୟୀ ଗିରଫ**

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ନୟାପଲ୍ଲୀ ଏବଂ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଗୁରୁବାର କ୍ୟୁଏଟି ଚଢ଼ାଉ କରି ୩୯ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ୨ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଭୋଇସାହିର ସନ୍ତୋଷ ବାରିକ ଏବଂ ଇନ୍‌ଫୋସିଟି କାନନବିହାର ଅଞ୍ଚଳର କୃଷ୍ଣଚନ୍ଦ୍ର ନାଥ। ସନ୍ତୋଷଙ୍କଠାରୁ ୧୧ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। କୃଷ୍ଣଚନ୍ଦ୍ରଙ୍କଠାରୁ ୨୮ ଗ୍ରାମ ବ୍ରାଉନସୁଗାର ସମେତ ୮୮ ହଜାର ଟଙ୍କା ଏବଂ ଗୋଟିଏ ବୁଲେଟ ଜବତ କରାଯାଇଛି। ସେମାନେ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଏଠାରେ ବ୍ୟବସାୟ କରୁଥିଲେ। କୃଷ୍ଣଚନ୍ଦ୍ର କଲେଜ ପଢୁଆ ପିଲାଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ସନ୍ତୋଷ ଭୋଇସାହିର ବେକାର ଯୁବକମାନଙ୍କୁ ବିକ୍ରି କରୁଥିଲେ। ଏପରି କି କୃଷ୍ଣଚନ୍ଦ୍ର ତାଙ୍କ ନିଶା ବ୍ୟବସାୟରେ କେତେଜଣ କଲେଜ ପିଲାଙ୍କୁ ସାମିଲ କରିଥିଲେ। ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ସେ କାନନବିହାର ରେଳ ଷ୍ଟେଶନ ନିକଟରେ ଜଣେ ଗ୍ରାହକଙ୍କୁ ବ୍ରାଉନସୁଗାର ଦେବା ପାଇଁ ଅପେକ୍ଷା କରିଥିବାବେଳେ କ୍ୟୁଏଟି ତାଙ୍କୁ ଧରିଥିଲା।

■ କୋଲକାତାରେ ଅଭିନେତ୍ରୀଙ୍କ ଘରୁ ଚୋରି

# ଭୁବନେଶ୍ୱରରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

କୋଲକାତାର ଅଭିନେତ୍ରୀ ଋତୁପର୍ଣ୍ଣା ସେନ୍‌ଗୁପ୍ତାଙ୍କ ଘରୁ ଚୋରି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଭୁବନେଶ୍ୱରରୁ ଗିରଫ କରାଯାଇଛି। କୋଲକାତା ଲାକି ଥାନା ପୋଲିସ କମିଶନରେଟ ପୋଲିସ ସହାୟତାରେ ହୋଟେଲ ଆର୍ଯ୍ୟ ପ୍ୟାଲେସରେ ଚଢ଼ାଉ କରି ବୋଧିସତ୍ତ୍ୱ ଭଟ୍ଟାଚାର୍ଯ୍ୟ ନାମକ ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କଠାରୁ ପୋଲିସ ନଗଦ ୬୦ ହଜାର ଟଙ୍କା, ଲାପଟପ ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। କୋଲକାତା ପୋଲିସ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ଟ୍ରାନ୍‌ଜିଟ୍ ରିମାଣ୍ଡରେ ନେଇଛି।

ପୋଲିସ ସୂଚନା ଅନୁଯାୟୀ, ଲାକି ଥାନା ଅଞ୍ଚଳରେ ରହୁଥିବା ଅଭିନେତ୍ରୀ ଋତୁପର୍ଣ୍ଣା ସେନ୍‌ଗୁପ୍ତା ଗତ ୧୫ ତାରିଖରେ ଘରେ ନ ଥିବାବେଳେ ବୋଧିସତ୍ତ୍ୱ ତାଙ୍କ ଘର କବାଟ ତାଡ଼ି ଦେଢ଼ଲକ୍ଷ ଟଙ୍କା, ଗୋଟିଏ ଲାପଟପ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରିନେଇଥିଲେ। ଋତୁପର୍ଣ୍ଣା ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୧୯୬/୧୮) ରୁଜୁ କରି ତଦନ୍ତ କରିଥିଲା। ଏହା ମଧ୍ୟରେ ଗତ ୨୦ ତାରିଖରେ ବୋଧିସତ୍ତ୍ୱ ଭୁବନେଶ୍ୱର ଚାଲିଆସି ହୋଟେଲ ଆର୍ଯ୍ୟ ପ୍ୟାଲେସରେ ଲୁଚି ରହିଥିଲେ। ତେବେ ଅଭିନେତ୍ରୀ ଋତୁପର୍ଣ୍ଣାଙ୍କ ଲାପ୍‌ଟପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିବା ଅଭିଯୁକ୍ତ ଜାଣିବା ପରେ ତାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଥିଲେ। ଲାପଟପ୍ ଓ ଗୁରୁତ୍ୱପୂର୍ଣ୍ଣ କାଗଜ ବାବଦକୁ ସେ ଋତୁପର୍ଣ୍ଣାଙ୍କଠାରୁ ୫ ଲକ୍ଷ ଟଙ୍କା ଦାବି କରିଥିଲେ। ଏ ନେଇ ଋତୁପର୍ଣ୍ଣା ପୋଲିସକୁ ଜଣାଇବା ସହ ତାଙ୍କ ନିକଟକୁ ଆସିଥିବା ଫୋନ ନମ୍ବର ଦେଇଥିଲେ। ପୋଲିସ ଫୋନ ନମ୍ବର ଟ୍ରାକ କରିବା ପରେ ଲୋକେଶନ ଭୁବନେଶ୍ୱରରେ ଦେଖାଇଥିଲା। ପରେ ସେଠାକାର ପୋଲିସ ଭୁବନେଶ୍ୱର ଆସି ଡିସିପିଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲା। ଡିସିପି ଅନୁପ କୁମାର ସାହୁ ସ୍ପେଶାଲ ସ୍କ୍ୱାଡ୍‌କୁ ତଦନ୍ତ ଦାୟିତ୍ୱ ଦେବା ସହ କୋଲକତା ପୋଲିସକୁ ସହାୟତା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ପେଶାଲ ସ୍କ୍ୱାଡ୍ ଟିମ୍ ବୁଧବାର ବିଳମ୍ବିତ ରାତିରେ ଉକ୍ତ ହୋଟେଲରେ ଚଢ଼ାଉ କରି ଅଭିଯୁକ୍ତ ବୋଧିସତ୍ତ୍ୱଙ୍କୁ ଗିରଫ କରିଥିଲା।

**ଲାପଟପ ପାଇଁ ମାଗୁଥିଲେ ୫ଲକ୍ଷ**










ପ୍ରୀତମ



ରିତେଶ



ସୁଚିତ୍ରା



ସ୍ନେହଲତା



ଅନିଲ



ପୂର୍ଣ୍ଣେନ୍ଦୁ



ନୀଳକଣ୍ଠ



ଲିପି



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ. ଗୋଲ୍ଡସ୍ମିଥ

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ-୨୦୧୮ର ଉଦ୍‌ଯାପନୀ ଦିବସ ସଭାକାର୍ଯ୍ୟ, ବାଲିଯାତ୍ରା ପଡ଼ିଆ, ଐତିହାସିକ ପଟିଆ ବନ୍ଧର କୁଆଖାଇ ନଦୀପଠା, ସକାଳ ୬ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଣିଜ୍ୟ ମେଳା ଓ ଉଦ୍‌ଯାପନ ଉତ୍ସବ, ରାତି ୭ଟା ୩୦।
- ଶହୀଦ ରଘୁ-ଦିବାକର ସ୍ମୃତି ସଂସଦ ଓ ରଣଭୂଇଁ ପକ୍ଷରୁ ଶହୀଦ ଦିବାକର ପରିଡ଼ାଙ୍କ ୧୦୮ତମ ଜୟନ୍ତୀ ପାଳନ, ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିସ୍ଥଳ, ଜନକଲ୍ୟାଣ ନିକଟ, ରେଡ୍ ନଂ. ୩, ୟୁନିଟ୍-୯, ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ, ଗଜପତି ଜିଲା ପକ୍ଷରୁ ଗଣଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଗଣତନ୍ତ୍ର ସୁରକ୍ଷା ଅଭିଯାନ ପକ୍ଷରୁ ପ୍ରତିବାଦ ସଭା, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୧ଟା।
- ଜାତୀୟ ଜନଜାତି କଳା ସାମଗ୍ରୀ ପ୍ରଦର୍ଶନୀର ଉଦ୍‌ଯାପନୀ ଦିବସ, ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସର, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସିଆର୍‌ପି ଛକ, ଅପରାହ୍ନ ୨ଟାରୁ ରାତି ୮ଟା।
- ସୋସାଇଟି ଫର୍ ଚିଲ୍ଡ୍ରେନ୍‌ର ୬ଷ୍ଠ ବାର୍ଷିକ ଉତ୍ସବ, ଉତ୍କଳ ଅଡିଟୋରିୟମ୍, ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ଲୁପ୍ତପ୍ରାୟ ଲୋକକଳା ଉତ୍ସବ ଉଦ୍‌ଯାପନ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

### କଟକ

- ନୃତ୍ୟ ମୟୂରୀ ପକ୍ଷରୁ ୨ୟ ମା' କଟକ ଚଣ୍ଡୀ ଫେଷ୍ଟିଭାଲ୍‌ର ଉଦ୍‌ଯାପନୀ ସନ୍ଧ୍ୟା, ଶହୀଦ ଭବନ, ସନ୍ଧ୍ୟା ୬ଟା ୩୦।

### ଖୋର୍ଦ୍ଧା

- ପଲ୍ଲିଶ୍ରୀ ମେଳା ଓ ଜିଲା ସଂସ୍କୃତି ମହୋତ୍ସବର ୫ମ ସନ୍ଧ୍ୟା, ହାବେଲୀ ପଡ଼ିଆ, ସନ୍ଧ୍ୟା ୬ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଶ୍ରୀଦେବୀଙ୍କ ମୂର୍ତ୍ତି ବିଘ୍ନ ପ୍ରସଙ୍ଗ

# ସରିଲା ଯାଞ୍ଚ, ରିପୋର୍ଟକୁ ଅପେକ୍ଷା

**ପୁରୀ ଅଫିସ,୨୯।୧୧**

ଶ୍ରୀମନ୍ଦିରରେ ପୂଜିତ ଶ୍ରୀଦେବୀ (ଲକ୍ଷ୍ମୀ)ଙ୍କ ସୁବର୍ଣ୍ଣ ପ୍ରତିମା ଗୁରୁବାର ମାଜଣା ମଣ୍ଡପରେ ମାଜଣା ସମୟରେ ଯାଞ୍ଚ ହୋଇଛି। ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ଉପସ୍ଥିତିରେ ଗଠିତ ୫ ଜଣିଆ କମିଟି ଏହି ଯାଞ୍ଚ କରିଛି। କମିଟି ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଗୁରୁବାର ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀ (ସରସ୍ୱତୀ) ମାଜଣା ମଣ୍ଡପକୁ ବିଜେ କରିଥିଲେ। ସେଠାରେ ବେଶ ମଇଲମ ହେବା ପରେ ମହାଜନ ସେବକମାନେ ମାଜଣା କରିଥିଲେ। ମାଜଣା ସମୟରେ ନୀତି ପ୍ରଶାସକଙ୍କ ଉପସ୍ଥିତିରେ ଛତିଶା ନିଯୋଗ ନାୟକ, ଭିତରଚ୍ଛ ମହାପାତ୍ର, ତଳୁଚ୍ଛ ମହାପାତ୍ର, ମହାଜନ ନିଯୋଗ ଓ ପୁଷ୍ପାଳକ ନିଯୋଗ ସଦସ୍ୟ ରହି ଶ୍ରୀଦେବୀଙ୍କ ପ୍ରତିମାର ସ୍ଥିତି ଯାଞ୍ଚ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀଦେବୀଙ୍କ ପ୍ରତିମା ବିଘ୍ନ ହୋଇଥିବା ଜଣାପଡିଛି। ଯାଞ୍ଚ ଟିମ୍‌ର ସଦସ୍ୟ ତଥା ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଆମେ ଯାଞ୍ଚ କରିଛୁ। ଖୁବ୍‌ଶୀଘ୍ର ରିପୋର୍ଟ ଦେବୁ। ଶ୍ରୀଦେବୀଙ୍କ ପ୍ରତିମା ବିଘ୍ନ ରହିଛି କି ପ୍ରଶ୍ନରେ ସେ ଏହାକୁ ଏଡ଼ାଇ ଯାଇ କହିଥିଲେ, ଆମେ ରିପୋର୍ଟରେ ଯାହା ଦେବୁ ତାହା ବାହାରେ ପ୍ରକାଶ କରିହେବ ନାହିଁ। ଅନ୍ୟପକ୍ଷରେ ନୀତି ପ୍ରଶାସକ ପ୍ରଦୀପ ଦାଶ କହିଛନ୍ତି, ପ୍ରକୃତପକ୍ଷେ ମୂର୍ତ୍ତି ବିଘ୍ନ ହୋଇଛି କି ନାହିଁ ତାହା ଜାଣିବା ପାଇଁ ଯାଞ୍ଚ ହୋଇଛି। କମିଟି ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ନବକଳେବର ସମୟରେ ଗଜପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂଜାପଣ୍ଡା, ମୁକ୍ତିମଣ୍ଡପ ସଦସ୍ୟମାନେ ଉପସ୍ଥିତ ଥିଲେ। ନୂତନ ଲକ୍ଷ୍ମୀ ମୂର୍ତ୍ତି ପ୍ରତିଷ୍ଠା ନେଇ ଆଲୋଚନା ମଧ୍ୟ ହୋଇଥିଲା। କାଳ ଅଶୁଦ୍ଧ ଏବଂ ବିଭିନ୍ନ କାରଣରୁ ଏହା ବନ୍ଦ ରହିଥିଲା। ବର୍ତ୍ତମାନ ପୁଣି ଏହାର ପ୍ରକ୍ରିୟା ଆରମ୍ଭ ହୋଇଛି।

### ନାରାୟଣ ମୂର୍ତ୍ତି ସଂକ୍ରାନ୍ତରେ ତଥ୍ୟ ମାଗିଲା ମନ୍ଦିର ପ୍ରଶାସନ

ଅମାବାସ୍ୟା ନାରାୟଣଙ୍କ ମୂର୍ତ୍ତି ରୁପାରେ ନିର୍ମିତ। କିଛିବର୍ଷ ପୂର୍ବେ ଏହି ମୂର୍ତ୍ତି ଚୋରି ହୋଇଯାଇଛି। ତେଣୁ ବର୍ତ୍ତମାନ ପିତ୍ତଳ ମୂର୍ତ୍ତି ପୂଜା କରାଯାଉଛି। ପ୍ରତିଷ୍ଠା ପାଇଁ ରୁପାର ନୂତନ ବିଗ୍ରହ ନିର୍ମାଣ କରିବାକୁ ପଡିବ। ଏଥିଲାଗି ପୂଜାପଣ୍ଡା ସାମନ୍ତଙ୍କୁ ଚିଠି ଲେଖାଯାଇଛି। ମୂର୍ତ୍ତି ଆକାର ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଛି। ସେମାନେ ତଥ୍ୟ ଦେବା ପରେ କେତେ ରୁପା ଲାଗିବ ଏବଂ ମୂର୍ତ୍ତି ତିଆରି ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

୧୯୭୦ ଦଶକରୁ ଲକ୍ଷ୍ମୀଙ୍କ ସୁବର୍ଣ୍ଣ ମୂର୍ତ୍ତି ତିଆରି ହୋଇ ଭଣ୍ଡାରଘରେ ରହିଛନ୍ତି। ତେବେ ଦୀର୍ଘବର୍ଷ ଧରି ପ୍ରତିଷ୍ଠା ନ ହେବା ଫଳରେ ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କ ପୁରୀ ଗସ୍ତ ବେଳେ କେତେଜଣ ସେବାୟତ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆମିକସ୍ କ୍ୟୁରି ଶ୍ରୀମନ୍ଦିର ପ୍ରଶାସନକୁ ଏ ସଂକ୍ରାନ୍ତରେ ଚିଠି କରିବା ପରେ ଏବେ ପୁଣି ଲକ୍ଷ୍ମୀଙ୍କ ମୂର୍ତ୍ତି ପ୍ରତିଷ୍ଠା ପ୍ରସଙ୍ଗ ଜୋର୍ ଧରିଛି।

# ଦୁର୍ଘଟଣାରେ ୨ ମୃତ

**ଖୁଣ୍ଟୁଣୀ, ୨୯।୧୧(ଡି.ଏନ୍.ଏ.)**

ଗୁରୁଡିଝାଟିଆ ଥାନା ଅଞ୍ଚଳରେ ବୁଧବାର ଓ ଗୁରୁବାର ୨ଟି ପୃଥକ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଛି। ଚୌଦ୍ୱାର ଥାନା ଅଧୀନ ନୁନ୍‌ଟିକିରି ଗ୍ରାମର ସୋମନାଥ ସାମଲ ଓ ତାଙ୍କ ସାନଭାଇ ବୁଧବାର ରାତିରେ ଖୁଣ୍ଟୁଣୀସ୍ଥିତ ଆରତି ଷ୍ଟିଲ୍ କାରଖାନାରୁ କାମ ସାରି ଘରକୁ ଫେରୁଥିଲେ। ସେହି ସମୟରେ ୫୫ନଂ. ଜାତୀୟ ରାଜପଥର କପୁରସିଂଠାରେ ସମ୍ମୁଖରୁ ଆସୁଥିବା ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସୋମନାଥଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସାନଭାଇ ଆହତ ହୋଇଛନ୍ତି। ଚିକିତ୍ସାଲାଗି ତାଙ୍କୁ କଟକ ପଠାଯାଇଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନା ପଠାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଚାଳକ ବଡମ୍ବା ଥାନା ଅଧୀନ ଗୋପ ଗ୍ରାମର ସମୀର ନାୟକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୧୧/୧୮) ରୁଜୁ ହୋଇଛି।

ସେହିପରି ଅନ୍ୟ ଦୁର୍ଘଟଣାଟି ଗୁରୁବାର ଭୋରରେ ଗୁରୁଡିଝାଟିଆ ଥାନା ସାଉରିଆ ଗ୍ରାମ ନିକଟରେ ଘଟିଛି। ଏହି ଥାନା ଅନ୍ତର୍ଗତ ଜୋସନ୍ଦା ଗ୍ରାମର ସୁରେଶ ବେହେରା ବାଇକ୍‌ରେ ବଜାରକୁ ଯିବାବେଳେ ସମ୍ମୁଖରୁ ଏକ ଟାଟା ଏସିଇ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଗାଡି ଫେରାର ହୋଇଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନା ପଠାଇବା ସହ ଥାନାରେ ଏକ ମାମଲା(ନଂ. ୧୧୨/୧୮) ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ଖୁବ୍‌ଶୀଘ୍ର ଜବତ କରାଯିବ ବୋଲି ଏଏସ୍‌ଆଇ ଗଦାଧର ଭୂୟାଁ କହିଛନ୍ତି।

GOVERNMENT OF ODISHA

**DAM REHABILITATION AND IMPROVEMENT PROJECT (DRIP)**

**World Bank - IBRD LOAN NO-7943-IN AND IDA CREDIT NO-4787-IN**

E-PROCUREMENT NOTICE / INVITATIONS FOR BIDS (IFB)
NATIONAL COMPETITIVE BIDDING
ITEM RATE e-TENDER

No.874-A:- e_mail = executiveengineereddckd@gmail.com

1. Name of the work : Electrical Works.
2. Total No. of Works : 01 No.
3. Estimated Cost : Approx. Estimated Cost Rs. 8.50
4. Bid Security : Rs. 17,000/-
5. Period of completion : 01(One) Calendar Months
6. Other details :

| Procurement Officer | Bid Identification No | Available of tender on-line for bidding | | Date & time of opening of tender in the office of the Sub-Divisional Officer, Satiguda Irrigation Sub-Division, Malkangiri |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Earth Dam Division, Chitrakonda, Dist.Malkangiri. | EE CKD NCB/01/ ORDRIP W-01/ 2018-19 (On Line) | 01.12.2018 at 11.30 AM | 10.12.2018 up to 5.00 PM | 12.12.2018 at 11.30 AM |

Further details can be seen from the e-procurement portal http://tendersorissa.gov.in.

32019/11/0006/1819 — Sd./- Executive Engineer, Earth Dam Division, Chitrakonda

**BERHAMPUR MUNICIPAL CORPORATION, GANJAM**

**INVITATIONS FOR BIDS (IFB)**

L. No. 19145/ X-E-3-31/2017 dated 24.11.18

Invitation for Bids
NATIONAL COMPETITIVE BIDDING THROUGH e-procurement

No.362-C:- Bid Identification No. BMC(BAM) 180/2018-19

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per annexure 'A'. | |
| 2 | Nature o work | Civil Work |
| 3 | No. of work | 1 (One) |
| 4 | Bid Cost | The bidder shall remit online the cost of bid document of amount through the process as mentioned in the DTCN as per Annexure 'A'. |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN, Bidders desirous to hire machineries or equipments from outside the state or owned but deployed outside the state are required to remit online 2% of the amount put to tender as Bid Security. Exemption from EMD is permissible as per codal provision of Govt. of Odisha. As per Annexure 'A'. |
| 6 | Class of Contractor | As per the Annexure 'A'. |
| 7 | Availability of Bid Documents in the website | From 15.05 hrs of Dt. 29.11.18 to 17.00 hrs of dt. 19.12.18 |
| 8 | Date & Time of opening of the Technical Bids | 11.30 hrs onwards on Dt. 20.12.18 |
| 9 | Date and time of opening of the Financial Bids | Shall be intimated to the responsive bidder after evaluation of technical Bid |
| 10 | Mode of submission of tender | Tender should submitted on line in www.tendersorissa.gov.in. |
| 11 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only. | |

13035/11/0159/1819 — Sd./- Commissioner, Berhampur Municipal Corporation

# କଲେଜ ଛକରେ ଗୁଳିମାଡ଼

**ପୁରୀ ଅଫିସ, ୨୯।୧୧:** ଟାଉନ ଥାନା ଅଧୀନ କଲେଜ ଛକରେ ଗୁରୁବାର ରାତିରେ ଗୁଳିମାଡ ହୋଇଛି। ଏଥିରେ କେହି ମୃତାହତ ହୋଇନାହାଁନ୍ତି। ଗୁଳି ମାଡ ଶୁଣି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, କଲେଜ ଛକରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏଥିରେ ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ଫାଙ୍କା ଗୁଳି ମାଡ କରାଯାଇଥିଲା। ଦୁଇ ରାଉଣ୍ଡ ଗୁଳି ଫୁଟାଯାଇଥିବା ବେଳେ ଗୁଳି ଶବ୍ଦ ଶୁଣି ସେହି ରାସ୍ତା ଦେଇ ଯାଉଥିବା ଲୋକେ ଭୟଭୀତ ହୋଇ ଦୌଡିଥିଲେ। ଗୁଳି ମାଡ ପରେ ଉଭୟ ଗୋଷ୍ଠୀ ସେଠାରୁ ଫେରାର ହୋଇଯାଇଥିଲେ।

# ଏସ୍‌ସିବିରେ ତୃତୀୟ ସ୍ୱାଇନ୍ ଫ୍ଲୁ ରୋଗୀଙ୍କ ମୃତ୍ୟୁ

**କଟକ ଅଫିସ, ୨୯।୧୧:** କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ସ୍ୱାଇନ୍ ଫ୍ଲୁ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ଘର ପୁରୀ ଜିଲା ପିପିଲି ଅଞ୍ଚଳରେ। ତିନିଦିନ ତଳେ ଏସ୍‌ସିବି ସ୍ୱାଇନ ଫ୍ଲୁ ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟା ୪୫ରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ମେଡିକାଲ ସୂତ୍ରରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ଏସ୍‌ସିବିରେ ସ୍ୱାଇନ୍ ଫ୍ଲୁ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି।

**ଆଲ୍ଲାହାବାଦ ବ୍ୟାଙ୍କ**
ଭୁବନେଶ୍ୱର ମୁଖ୍ୟ ଶାଖା
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୯୮୦୪୪

**ଗାଡ଼ି ନିଲାମ / ବିକ୍ରୟ ବିଜ୍ଞପ୍ତି**

ଆଗ୍ରହୀ ନିଲାମଧାରୀମାନଙ୍କ ଠାରୁ ନିମ୍ନଲିଖିତ ଗାଡ଼ିଗୁଡ଼ିକ ନିଲାମ ବିକ୍ରୟ ନିମିତ୍ତ ଜଉମୁଦ ଟେଣ୍ଡର ସହ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖାଙ୍କ ସପକ୍ଷରେ** ଡ୍ର କରାଯାଇ ଏବଂ **ଭୁବନେଶ୍ୱର ମୁଖ୍ୟ ଶାଖାରେ** ଦେୟ ଦର୍ଶାଇ ଆହ୍ୱାନ କରାଯାଉଛି। ଜଉମୁଦ ଟେଣ୍ଡରଗୁଡ଼ିକ **ଭୁବନେଶ୍ୱର ମୁଖ୍ୟ ଶାଖାରେ ତା.୧୩.୧୨.୨୦୧୮ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ।

| ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ଗାଡି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା | ଗାଡିର ଷ୍ଟକ୍‌ୟାର୍ଡ ଠିକଣା |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି,** ପିତା: ୰ ଉଦୟନାଥ ମହାନ୍ତି, ହାଉସ୍ ନଂ.: ଏଲ୍‌ବି-୧୩୧, ଲକ୍ଷ୍ମୀସାଗର ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୬ | ଅଶୋକ ଲେଲ୍ୟାଣ୍ଡ, ଚେଚିସ୍ ନଂ.: MB1KADYC0BPXB2115, ଇଞ୍ଜିନ ନଂ.: XBP109385, ବଡିର ପ୍ରକାର: ଟ୍ରକ, ଆର୍‌ସି ନଂ.: OR02BP4065, ଇନ୍ଧନ: ଡିଜେଲ୍, ନିର୍ମାଣ ବର୍ଷ: ୨୦୧୧ | ଟ.୩,୯୩,୦୦୦/- / ଟ.୩୯,୩୦୦/- | ମେସର୍ସ ସିଟି ଇନ୍‌ଭେଷ୍ଟିଗେସନ୍ ଆଣ୍ଡ୍ ଡିଟେକ୍ଟିଭ୍, ମୁଖ୍ୟ କାର୍ଯ୍ୟାଳୟ: ୨୮୩/ ୧୮୬୩, ଜୟଦୁର୍ଗା କମ୍ପ୍ଲେକ୍ସ, କଲ୍ୟାଣୀ ପ୍ଲାଜା ନିକଟ, ଏନ୍‌ଏଚ୍- ୫, ପାତ୍ରପଡା (ସନ୍ତୋଷୀ ମା' ମନ୍ଦିର), ଭୁବନେଶ୍ୱର, ମୋ.: ୭୬୦୯୦୩୪୯୯୫ |
| **ଋଣଗ୍ରହୀତା: ଶ୍ରୀ ସ୍ମୃତି ରଞ୍ଜନ ପଟ୍ଟନାୟକ,** ପିତା: ରାଜକିଶୋର ପଟ୍ଟନାୟକ, **ଠିକଣା-୧:** ପ୍ଲଟ୍ ନଂ.: ଏଲ୍‌ବି-୧୩୧, ଷ୍ଟେଜ୍-୪, ଲକ୍ଷ୍ମୀ ସାଗର, ଭୁବନେଶ୍ୱର, **ଠିକଣା-୨:** ଗ୍ରାମ/ପୋ.: ପରିଛଳ, ଭାୟା: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି,** ପ୍ଲଟ୍ ନଂ.: ଏଲ୍‌ବି-୧୩୧, ଷ୍ଟେଜ୍-୪, ଲକ୍ଷ୍ମୀ ସାଗର, ଭୁବନେଶ୍ୱର | ଅଶୋକ ଲେଲ୍ୟାଣ୍ଡ, ଚେଚିସ୍ ନଂ.: MB1KADYC2BPXB2133, ଇଞ୍ଜିନ ନଂ.: XBP109381, ବଡିର ପ୍ରକାର: ଟ୍ରକ, ଆର୍‌ସି ନଂ.: OR02BP4265, ନିର୍ମାଣ ବର୍ଷ: ୨୦୧୧ | ଟ.୩,୧୪,୦୦୦/- / ଟ.୩୧,୪୦୦/- | |

**ଟେଣ୍ଡର ଖୋଲାଯିବା ତାରିଖ ଏବଂ ସମୟ: ୧୪.୧୨.୨୦୧୮ ପୂର୍ବାହ୍ନ ୧୧.୩୦ଘଟିକା, ସ୍ଥାନ: ଭୁବନେଶ୍ୱର ମୁଖ୍ୟ ଶାଖା କାର୍ଯ୍ୟାଳୟ**

**ନିୟମ ଏବଂ ସର୍ତ୍ତାବଳୀ:**
**"Quotation for purchase of Vehicle No............"** ପ୍ରାପ୍ତ ଜଉମୁଦଦିଆ ଟେଣ୍ଡରଗୁଡିକ **ତା.୧୪.୧୨.୨୦୧୮ରିଖ ପୂର୍ବାହ୍ନ ୧୧.୩୦** ଘଟିକା ସମୟରେ **ଭୁବନେଶ୍ୱର ମୁଖ୍ୟ ଶାଖା** ଠାରେ ଖୋଲା ହେବ । ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ଯେ କୌଣସି କାର୍ଯ୍ୟ ଦିବସରେ **ତା.୧୨.୧୨.୨୦୧୮ରିଖ** ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଜଣାଇ ଗାଡ଼ିଗୁଡ଼ିକୁ ଯାଞ୍ଚ କରିପାରିବେ। ସର୍ବୋଚ୍ଚ ନିଲାମ ଡାକିଥିବା ନିଲାମଧାରୀ ଗାଡି ଷ୍ଟକ୍ ୟାର୍ଡରୁ **"ଯାହା ଯେପରି ଅଛି ଏବଂ ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ଗ୍ରହଣ କରିବେ । ସଫଳ ନିଲାମଧାରୀ ନିଲାମ ରାଶିର **୨୫% ବିଡ୍ ରାଶି (ଅମାନତ ରାଶି ଅନ୍ତର୍ଭୁକ୍ତ କରି)** ସେହିଦିନ ନିଲାମ ପରେ ଏବଂ ଅବଶିଷ୍ଟ ରାଶି **୧୫ ଦିନ ମଧ୍ୟରେ** ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା ସପକ୍ଷରେ** ଦେୟ ଦର୍ଶାଇ ଜମା କରିବେ । ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ ପ୍ରାପ୍ତ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ କେବଳ ଗ୍ରହଣ କରାଯିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନକଲେ ନିଲାମଧାରୀମାନେ ଜମା କରିଥିବା ଅମାନତ ରାଶି ସହ ଜମା କରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ। ଗାଡ଼ିର ମାଲିକାନା ପରିବର୍ତ୍ତନ / ବୈଧାନିକ ଦେୟ / ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ଯଦି କିଛି ଥାଏ, ତାହା ସଫଳ ନିଲାମଧାରୀ ବହନ କରିବେ । ଗାଡ଼ି ଗୁଡ଼ିକ **"ଯାହା ଯେପରି ଅଛି ଏବଂ ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଯାଞ୍ଚ ତାରିଖ ପୂର୍ବରୁ ବକେୟା ଥିବା ସରକାରୀ ଦେୟ ବିଷୟରେ ନିଶ୍ଚିତ ହେବା ଉଚିତ୍। ଯେ କୌଣସି ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ କୌଣସି ଗାଡ଼ି / ସମସ୍ତ ଗାଡ଼ି ଗୁଡ଼ିକର ନିଲାମ ପ୍ରକ୍ରିୟା ଗ୍ରହଣ / ନାକଚ / ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ ସେଥିପାଇଁ ବ୍ୟାଙ୍କ କାହା ନିକଟରେ ଦାୟୀ ହେବ ନାହିଁ। ଏହି ବିଜ୍ଞପ୍ତି ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କୁ ଜଣାଇଦିଆଯାଉଛି ଯେ ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ି ଗୁଡ଼ିକ ନିଲାମ କରାଯିବ । ନିଲାମ ପରେ ଯଦି କିଛି ବକକା ଦେୟ ରହିଗଲା ତାହା ସୁଧ ଏବଂ ଖର୍ଚ୍ଚ ସହ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୯.୧୧.୨୦୧୮** — **କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**

**THE ODISHA MINING CORPORATION LIMITED**

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**E-auction Notice (03.12.2018 – 51st E-auction)**
**IRON ORE CLO**

**No.CAD-1081:-** The Odisha Mining Corporation Ltd intends to sell various grades of Iron ore produced at different iron ore mines at Daitari and Gandhamardan Regions in Keonjhar District & Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 AM to 2.00 PM on 03.12.2018.

For details, please visit the website of MSTC i.e. www.mstcecommerce.com

**GM (S&M)**

30005/11/0139/1819

**OFFICE OF THE CHIEF ENGINEER**

DAM SAFETY, Secha Sadan, Unit – V, Odisha
BHUBANESWAR – 751001, Phone – 0674 2531935/
Fax – 0674 2531934, e-mail – cedamsafety.odisha@gmail.com

No.876-A:- **'e' Procurement Notice**

**WORLD BANK FUNDED PROJECT**

| | | |
|---|---|---|
| 1 | Nature of the works | Supply, Installation, Operation & Maintenance of Integrated Operation Control cum Training Centre of the State Dam Safety Organisation of Odisha under DRIP at Bhubaneswar. Project funded by World Bank |
| 2 | No of works | 01 (One) |
| 3 | Value of works | 670 lakhs |
| 4 | Period of completion | 6(Six) Calendar Month |
| 5 | Class of contractors | PSU of State or Central Government, Private Firm or Joint Ventures |
| 6 | Procurement Officer | CHIEF ENGINEER, DAM SAFETY, Secha Sadan, Unit – V, Odisha, BHUBANESWAR |
| 7 | Bid Identification No | OD/WRD/DRIP/CEDS/NCB/07/2018-19 |
| 8 | Availability of tender for On-line bidding | From 11.00hrs of 01.12. 2018 to 31.12.2018 up to 15.00hrs |
| 9 | Last date and time of seeking tender clarification | 07.12.2018 up to 17.00hrs |
| 10 | Pre Bid Conference | 10.12.2018 11.00hrs / O/O Chief Engineer, Dam Safety Conference Hall, Bhubaneswar. |
| 11 | Date and time of opening of Bid | 01.01.2019 at 11.00hrs |

Further details conditions can be seen from the Govt. website www.tendersorissa.gov.in.

32390/11/0001/1819 — CHIEF ENGINEER, DAM SAFETY, Odisha, BHUBANESWAR


## ଓଡ଼ିଶା
## ପ୍ରଗତିର ନୂତନ ପରିଭାଷା

- ବିଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ କୃଷି ଉତ୍ପାଦନ ଓ କୃଷକମାନଙ୍କ ଆୟ ଦ୍ୱିଗୁଣିତ । ବିଗତ ୬ ବର୍ଷରେ ରାଜ୍ୟକୁ ୪ ଥର ମିଳିଛି ସମ୍ମାନଜନକ 'କୃଷି କର୍ମଣ' ପୁରସ୍କାର ।
- ଅଧିକ ୭.୦୪ ଲକ୍ଷ ହେକ୍ଟର ଚାଷ ଜମି ପାଇଁ ଜଳସେଚନ ସୁବିଧା ସହିତ ୪୪ଟି 'ପାର୍ବତୀ ଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ' କାର୍ଯ୍ୟ ସମ୍ପୂର୍ଣ୍ଣ ।
- ରାଜ୍ୟରେ ୯ଟି ନୂତନ ସରକାରୀ ମେଡ଼ିକାଲ କଲେଜ ସ୍ଥାପନ କରିବା ପାଇଁ ସରକାରଙ୍କ ଐତିହାସିକ ନିଷ୍ପତ୍ତି । ତନ୍ମଧ୍ୟରୁ କୋରାପୁଟ ଓ ବାରିପଦାଠାରେ ୨ଟି ମେଡ଼ିକାଲ କଲେଜ ୨୦୧୭-୧୮ରୁ କାର୍ଯ୍ୟକ୍ଷମ । ବାଲେଶ୍ୱର ଓ ବଲାଙ୍ଗୀରରେ ନୂତନ ମେଡ଼ିକାଲ କଲେଜରେ ଶିକ୍ଷାଦାନ ଆରମ୍ଭ ।
- ରାଜ୍ୟରେ ଉନ୍ନତମାନର କ୍ୟାନ୍‌ସର୍ ଚିକିତ୍ସା ପାଇଁ 'ଓଡ଼ିଶା କମ୍ପ୍ରିହେନ୍‌ସିଭ୍ କ୍ୟାନ୍‌ସର୍ କେୟାର୍ ପ୍ରୋଗ୍ରାମ' ଆରମ୍ଭ । ଭୁବନେଶ୍ୱରଠାରେ ଟାଟା ଟ୍ରଷ୍ଟସ୍‌ଙ୍କ ମିଳିତ ସହଯୋଗରେ ହେବ ଅତ୍ୟାଧୁନିକ କ୍ୟାନ୍‌ସର୍ ଚିକିତ୍ସା ଓ ଗବେଷଣା କେନ୍ଦ୍ର ।
- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ' ଯୋଜନାରେ ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ପରିବାରର ମହିଳାମାନଙ୍କ ପାଇଁ ଅତିରିକ୍ତ ୨ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଉପଲବ୍ଧ ହେବ । ଉପକୃତ ହେବେ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ।



- ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ନୂତନ ଖାଦ୍ୟ ସୁରକ୍ଷା ଯୋଜନା ନିଜସ୍ୱ ସମ୍ବଳରୁ ଆରମ୍ଭ କଲେ ।
- ବିଦ୍ୟାଳୟର ବିକାଶରେ ପୁରାତନ ଛାତ୍ର ଏବଂ ଅଭିଭାବକମାନଙ୍କୁ ସାମିଲ କରିବା ପାଇଁ ଅଭିନବ ନାଗରିକ ସଂଯୋଗ କାର୍ଯ୍ୟକ୍ରମ 'ମୋ ସ୍କୁଲ' ।
- 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମରେ ୧୩୯ଟି ବ୍ଲକ୍ ପାଇଁ ୭୦୭ କୋଟି ଟଙ୍କାର ୨୮ ହଜାରରୁ ଊର୍ଦ୍ଧ୍ୱ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ଗ୍ରାମବାସୀଙ୍କ ସହିତ ସିଧାସଳଖ ଆଲୋଚନା ପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଞ୍ଜୁର ।
- ରାଜ୍ୟର ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରଦାନ ପାଇଁ ବିଶ୍ୱର ସବୁଠାରୁ ବଡ଼ ଅଭିଯାନ 'ଜାଗା' । ଉପକୃତ ହେବେ ପ୍ରାୟ ୨୫୦୦ ବସ୍ତିର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ବାସିନ୍ଦା ।
- ଗୁଣାତ୍ମକ ଦକ୍ଷତା ବିକାଶ ଏବଂ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରସ୍ତୁତି ନିମନ୍ତେ 'ସ୍କିଲ୍ଡ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଆରମ୍ଭ ।
- ଗ୍ରାମାଞ୍ଚଳରେ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବାରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ।
- ରାଜ୍ୟର ୪୭,୬୭୭ଟି ଗ୍ରାମକୁ ବିଦ୍ୟୁତ ଯୋଗାଣ । ୭୦ ଲକ୍ଷ ଘରୋଇ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ।
- ଦେଶର ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ଉଭୟ ଜାତୀୟ ମହିଳା ଓ ପୁରୁଷ ହକି ଦଳର ପ୍ରାୟୋଜକ ।
- ଐତିହାସିକ 'ଗୁରୁପ୍ରିୟା ସେତୁ' ମାଲକାନଗିରି ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ । ବିଚ୍ଛିନ୍ନାଞ୍ଚଳର ସାମୂହିକ ପ୍ରଗତି ନିମନ୍ତେ ୧୦୦ କୋଟି ଟଙ୍କାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସେତୁ'ର ଶୁଭାରମ୍ଭ ।



ଓଡ଼ିଶା ସରକାର
ସୂଚନା ଓ ଲୋକସମ୍ପର୍କ ବିଭାଗ

@Naveen_Odisha CMO.Odisha @CMO_Odisha


Creator of Prestige Jewellery
in Pure Gold & Diamond
SYNDICATE®
BEST IN GOLD & DIAMOND
www.syndicatejewellers.com
KOLKATA : 22, Camac Street, Block - A, 1st Floor, Kolkata -16, Ph. : 2281 4137/3596
KOLKATA CITY CENTRE-1 : E-105A, 1st Floor, City Centre, Salt Lake, Ph : 2358 6622/23
KOLKATA CITY CENTRE-2 : B-0003, Ground Floor, City Centre, Rajarhat, Ph : 2526 6082/83
SILIGURI • GUWAHATI • MUMBAI • RANCHI • BHUBANESWAR • BERHAMPUR

ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

# ତଥ୍ୟର ସତ୍ୟତା ନାହିଁ

## କୋଣାର୍କରୁ କାରୁକାର୍ଯ୍ୟପୂର୍ଣ୍ଣ ପଥର କଢ଼ାଯିବା ଘଟଣା

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

କୋଣାର୍କ ମନ୍ଦିରରୁ କାରୁକାର୍ଯ୍ୟପୂର୍ଣ୍ଣ ପଥରମୂର୍ତ୍ତି କଢାଯାଇଥିବା ଘଟଣାର କୌଣସି ସତ୍ୟତା ନାହିଁ। ଏନେଇ ନିର୍ଦ୍ଦିଷ୍ଟ ଏକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲେଖିଥିବା ପତ୍ରରେ ସତ୍ୟତା ନ ଥିବା କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମା ଜଣାଇଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କୋଣାର୍କ ମନ୍ଦିର ସଂରକ୍ଷଣ ଏକ ନିରନ୍ତର କାର୍ଯ୍ୟ। ଏହାର ସୁରକ୍ଷା ଲାଗି ବିଭିନ୍ନ ସମୟରେ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନିଆଯାଇଛି। ବିଂଶ ଶତାବ୍ଦୀ ପ୍ରାରମ୍ଭରେ ଜଗମୋହନ ମନ୍ଦିରର ବ୍ୟାପକ ଢାଞ୍ଚାଗତ ମରାମତି କାର୍ଯ୍ୟ କରାଯାଇଥିଲା। ୧୯୮୫ ପରେ ଏଏସ୍ଆଇ ଓଡ଼ିଶା ସର୍କଲ ଖୋଲିବାପରେ ସଂରକ୍ଷଣ କାର୍ଯ୍ୟ କରାଯାଇଥିଲା। ଏହାସହ ତିନୋଟି ଶିଡି ମରାମତି ଓ ଦୃଢ଼ୀକରଣ କାମକୁ ଉପଲବ୍ଧ ପ୍ରସ୍ତରରେ ସରଳ ଜିଓମେଟ୍ରିକାଲ ଡିଜାଇନ କରାଯାଇ ଉକ୍ତ କାର୍ଯ୍ୟ ସମ୍ପାଦନ କରାଯାଇଛି। ପରବର୍ତ୍ତୀ ସମୟରେ ଆବଶ୍ୟକତା ଆଧାରରେ ପ୍ରଚଳିତ ନୀତି ଅନୁଯାୟୀ ପଥର ନ ଥିବା ସ୍ଥାନରେ ସଂରକ୍ଷଣ କାର୍ଯ୍ୟ କରାଯାଇଛି। ଢାଞ୍ଚାର ସୁରକ୍ଷା ପାଇଁ ଯେଉଁଠାରେ କାରୁକାର୍ଯ୍ୟପୂର୍ଣ୍ଣ ପଥର ନାହିଁ ସେଠାରେ ସାଦା ପଥରରେ କାମ ହୋଇଛି। କୋଣାର୍କରେ ୪୦ପ୍ରତିଶତ କାରୁକାର୍ଯ୍ୟପୂର୍ଣ୍ଣ ପଥର ପରିବର୍ତ୍ତନ କରାଯିବା ଆଦୌ ସତ୍ୟନୁହେଁ। ଏପରି କିଛି ହୋଇନାହିଁ। ସମସ୍ତ କାର୍ଯ୍ୟ ଏଏସ୍ଆଇ ସଂରକ୍ଷଣ ନିୟମାବଳୀ ଓ ଅନ୍ତଃରାଷ୍ଟ୍ରୀୟ ସଂରକ୍ଷଣ ଚାର୍ଟର ଗାଇଡ୍‌ଲାଇନ ଆଧାରରେ କରାଯାଇଛି। ଏଠାରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ପଥରର ସୁରକ୍ଷା ପାଇଁ ଅଧିକ ଯତ୍ନ ନିଆଯାଇଛି। କାରୁକାର୍ଯ୍ୟପୂର୍ଣ୍ଣ ପଥରର କ୍ଷୟକୁ ରୋକିବାଲାଗି ଅନେକ ପଦ୍ଧତି ବ୍ୟବହାର କରାଯାଇ ସଂରକ୍ଷଣ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ଏଏସ୍ଆଇ ମହାନିର୍ଦ୍ଦେଶକ ଉଷା ଶର୍ମା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଏଏସ୍ଆଇର ସଂରକ୍ଷଣ କାର୍ଯ୍ୟ ବାଧିତହେବା ସମ୍ପର୍କିତ ରିପୋର୍ଟ ଦେବା ତଥା ବିଭିନ୍ନ ସ୍ଥାନରେ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ବେଳେ ସ୍ଥାନୀୟ ଅଫିସ୍‌କୁ ସମସ୍ୟା ଆସିବାପରେ ବୈଠକ କରାଯିବା ଆବଶ୍ୟକ। ଏଥିପାଇଁ ପାଢୀଙ୍କୁ ଉଷା ଶର୍ମା ଚିଠି ଲେଖିଛନ୍ତି। ରାଜ୍ୟ ସରକାରଙ୍କ ସୁବିଧା ଅନୁଯାୟୀ ସମୟ ସ୍ଥିର କରିବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିରେ ସେ ଲେଖିଛନ୍ତି,ଏଏସ୍ଆଇ ରାଜ୍ୟରେ ୭୯ଟି ସଂରକ୍ଷିତ କିର୍ତ୍ତୀରାଜିର ସଂରକ୍ଷଣ ମାନ୍ୟତା କାମ ହାତକୁ ନେଇଛି। ଏହା ମଧ୍ୟରୁ କୋଣାର୍କସ୍ଥିତ ସୂର୍ଯ୍ୟ ମନ୍ଦିର ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ପାଇଛି। ଅନ୍ତଃରାଷ୍ଟ୍ରୀୟ ମାନଦଣ୍ଡ ଅନୁସାରେ ଏଏସ୍ଆଇ ଏହାର କାର୍ଯ୍ୟ କରୁଛି। ସର୍କଲ ଅଫିସ୍ ଏହି ମନ୍ଦିରର ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ ଉପରେ ବିଶେଷ ଧ୍ୟାନ ଦେଉଛି। ରାଜ୍ୟର କିଛି ସ୍ଥଳରେ ଏଏସ୍ଆଇର ସଂରକ୍ଷଣ କାର୍ଯ୍ୟ ବାଧିତ ହୋଇଥିବାନେଇ ରିପୋର୍ଟ ଆସିଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହେବା ଆବଶ୍ୟକ। ଏଥିପାଇଁ ବୈଠକ ଆୟୋଜନ ପାଇଁ ସମୟ ଧାର୍ଯ୍ୟ କରିବାକୁ ପତ୍ରରେ ସେ ଉଲ୍ଲେଖ କରିଛନ୍ତି।

■ ଆଜି ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ

# ଐତିହ୍ୟସ୍ଥଳୀର ସୁରକ୍ଷା ନେଇ ଆଲୋଚନା କରିବେ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

କୋଣାର୍କ ମନ୍ଦିର ସହ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଐତିହ୍ୟସ୍ଥଳୀର ସୁରକ୍ଷା ପ୍ରସଙ୍ଗରେ ଆଲୋଚନା କରିବାକୁ ଶୁକ୍ରବାର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମାଙ୍କୁ ସାକ୍ଷାତ କରିବେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା। ମନ୍ତ୍ରୀ ପଣ୍ଡାଙ୍କ ସହ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଓ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀଙ୍କୁ ନେଇ ଏକ ଟିମ୍ ନୂଆଦିଲ୍ଲୀ ଯାଇ ସେଠାରେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ବର୍ଷାଜଳ ନିଷ୍କାସନ ସମେତ କୋଣାର୍କ ମନ୍ଦିରରେ ଲାଗିରହିଥିବା ବିଭିନ୍ନ ସମସ୍ୟା ଏହି ବୈଠକର ମୁଖ୍ୟ ପ୍ରସଙ୍ଗ ରହିଥିବା ବେଳେ ରାଜ୍ୟର ଅନ୍ୟ କେତେକ ଅବହେଳିତ ଐତିହ୍ୟସ୍ଥଳୀ ସମ୍ପର୍କରେ ମଧ୍ୟ ଆଲୋଚନା ହେବ। ବିଶେଷକରି ବଲାଙ୍ଗୀର ଜିଲାରେ ଥିବା ଐତିହାସିକ ରାଣୀପୁର ଝରିଆଲ ମନ୍ଦିର, ହରିଶଙ୍କର ମନ୍ଦିର ଏବଂ ବରଗଡ଼ ଜିଲାର ନୃସିଂହନାଥ ମନ୍ଦିର କଥା ଉଠାଇବେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ। ଖଣ୍ଡଗିରି–ଉଦୟଗିରିରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ରକୁ ଅନୁରୋଧ କରାଯିବ। ପୂର୍ବରୁ ରାଜ୍ୟ ସରକାର କେନ୍ଦ୍ରକୁ ପଠାଇଥିବା ଏକାଧିକ ଡିପିଆର୍ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ ବୋଲି ପର୍ଯ୍ୟଟନ ମନ୍ତ୍ରୀ ସୂଚନା ଦେଇଛନ୍ତି।


ଶିକ୍ଷା ଅଧିକାର

OFFICE OF THE HEADMASTER
KASTURABA GANDHI BALIKA VIDYALAYA, MAIDALPUR
BLOCK-PAPDAHANDI, DIST-NABARANGPUR, PIN-764071
Cell- 9178370505 (HM), E-mail: kgbvmaidalpur123@rediffmail.com

Letter No. 103/2018 Date: 28.11.2018

TENDER CALL NOTICE

Sealed tenders are invited from the registered / reputed firms who having valid PAN, GST registration for supply of Reading Writing Materials & Dress Materials to KGBV MAIDALPUR, Block-Papdahandi, Dist-Nabarangpur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV MAIDALPUR, Nabarangpur during office hours by 5.00 PM of Dt. 02.01.19. The bid document shall be opened at 10.00 AM on Dt. 05.01.2019 in the office of the District Project Coordinator, RTE-SSA, Dist-Nabarangpur in the presence of the bidders or their authorized representatives. Any SMC member/official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http.//www.opepa.in and nabarangpur.nic.in.

Sd./- Headmistress, K.G.B.V. Maidalpur, Papdahandi, Nabarangpur



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER
Indravati-Kolab Basin, Khatiguda, Dist-Nabarangpur (Odisha), Email: ceuiip@gmail.com, Fax: 06858224238, Phone: 06858224276

No. 1146 Dtd. 26.11.18

NOTICE INVITATION FOR BIDS (NIFB)
Corrigendum to e-Procurement Notice No. CE&BM, IKB-01/2018-19

No.875-A:- The rate of availability of Bid on-line has been rescheduled from 29.11.2018 at 10 AM to 10.12.2018 upto 05.00 PM instead of 20.11.2018 to 30.11.2018. The last date of seeking clarification has been rescheduled at 05.12.2018 instead of 26.11.2018. And the date of opening of Technical bid has been rescheduled to 11.12.2018 at 11.00 PM instead of 01.12.2018. Other details remain unchanged.

Sd./- Chief Engineer & Basin Manager,
32365/11/0006/1819 Indravati-Kolab Basin, Khatiguda



INVITATION FOR BIDS (IFB)
PANCHAYAT SAMITI, NAYAGARH
Tender Call Notice No.: 02/2018-19

No.: 2360 Dt.28.11.2018

Sealed tendes are invited from the Godrej Authorized dealers having GSTIN Certificate and PAN for supply of Godrej make Various Furniture Item/Office Gadjets intended for DPRC Building, Nayagarh. The prescribed quotation schedule & Detailed Quotation Call Notice can be obtained from the Office of the Block Development Officer during office hours from 30.11.2018 and close on 14.12.2018 on payment of Rs.4000/- (Four thousand) in shape of Cash or Bankers Cheque/ Bank Draft (Non-refundable) for issue of tender paper from any Nationalized Bank drawn in favour of Block Development Officer. The tender paper all required documents along with E.M.D. amounting Rs.40,000/- (Rupees fourth thousand) only in shape of Post Office Savings, Bank Account/National Saving Certificate/Post Office Time Deposit Account/Kisan Bikas Patra/Deposit Receipt of Schedule Bank duly pledged in favour of Block Development Officer, Nayagarh, Dist.- Nayagarh, Odisha should reached the undersigned on or before Dt.14.12.2018 at 5 P.M. The tender paper will be opened in presence of tenderer or authorized agent whosoever may be present by the undersigned on Dt.15.12.2018 at 3 P.M.

Sd./- Block Development Officer, Nayagarh



GOVERNMENT OF ODISHA
OFFICE OF THE SUPERINTENDING ENGINEER
BALANGIR (R&B) CIRCLE, BALANGIR
Mail ID: sepwdbalangir@gmail.com, Fax/Ph. No: 06652-231866

No.944-B:- e-Procurement Notice
BID IDENTIFICATION No: SE(R&B) BGR/14/2018-19

No. 2444 Dtd. 24.11.18

| | | | |
|---|---|---|---|
| 1. | The Superintending Engineer, Bolangir (R&B) Circle, Bolangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from B/A/ Special Class Contractors registered with the State Government and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed alogn with the bid. | | |
| 2. | Nature of Work | : | Bridge work |
| 3. | No. of tender | : | Bridge Work-02 Nos. |
| 4. | Tender Cost | : | Rs. 10,000/- |
| 5. | Class of Contractor | : | "B" Class, "A" Class & "Special" Class. |
| 6. | Date & Time of sale & Receipt of Bids | : | From Dt. 03.12.2018, 10.00 AM to Dt. 18.12.2018 upto 05.00 PM. |
| 7. | Date of opening Bid | : | Dt. 20.12.2018 at 11.30 AM |
| 8. | The bidders have to participate in ONLINE bidding only. Further details can be seen from the website http://tendersorissa.gov.in. All future corrigendum will be available on ONLINE MODE only. | | |

Sd./-Superintending Engineer,
34131/11/0039/1819 Balangir (R&B) Circle, Balangir



GOVERNMENT OF ODISHA No.: 1067-O
OFFICE OF THE EXECUTIVE ENGINEER, RURAL WORKS DIVISION, MOHANA
E-mail: rwdmohana@gmail.com
NATIONAL COMPETITIVE BIDDING THROUGH e-Procurement
Identification No. Online Tender - 05/MOHANA/2018-19

1. Name of the Work : Building Works
2. Total No. of Work : 05 (Five) Nos.
3. Estimated Cost : Varies from Rs.13.87 Lakhs to Rs.42.88 Lakhs
4. Class of Contractor : 'D', 'C' & 'B' Class Contractors
5. Period of Completion : As per Annexure
6. Other Details :

| Procurement Officer | Bid Identification No. | No. of Works | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 05/MOHANA / 2018-19 | 05 (Five) Nos. of Building Work | 01.12.2018 from 10.00 A.M. | 15.12.2018 upto 5.00 P.M. | 13.12.2018 upto 5.00 P.M. | 20.12.2018 at 11.30 A.M. |

Further details can be seen from the website: **www.tenderorissa.gov.in**.
25148/11/0008/1819 Sd./- Executive Engineer, R.W. Division, Mohana



OFFICE OF THE CHAIRMAN, P.G. COUNCIL
SHRI JAGANNATH SANSKRIT VISHVAVIDYALAYA
Shri Vihar, Puri-3, Odisha

No. 1060/PGC Dt.27.11.2018

CORRIGENDUM

In continuation to this office notification No. 1024/ PGC/2018 dt.09.11.2018, is notified for information of all concerned that the entrance examination for admission into Vishistacharya Course - 2019 will be followed by a Viva-voce Test for the candidates in the same day. All other terms and conditions as reflected in the previous notification remain unchanged.

Sd./- Prof. H.H. Hota, Chairman



GOVERNMENT OF ODISHA No.: 1090-O
OFFICE OF THE ENGINEER-IN-CHIEF, RURAL WORKS, BHUBANESWAR

Lr. No.: 29369 Dtd.: 28.11.18

CORRIGENDUM TO
"e" Procurement Notice for Road Works under Plan Roads
(Online - 07/2018-19 (Road) C.E., Plan Roads
Lr. No. 27974, Dt.12.11.2018

| Procurement Officer | Bid Identification | No. of Road Works | Availability of Tender Online for Bidding | |
|---|---|---|---|---|
| | | | From | To |
| Chief Engineer, Plan Roads, Odisha, Bhubaneswar | Online-07/2018-19 C.E., Plan Roads | 7 (Seven) Nos. | 3.12.2018 at 11.00 A.M. | 19.12.2018 upto 3.00 P.M. |

Last Date of seeking tender Clarification - 18.12.2018 upto 1.00 P.M.
Date & Time of Opening of Technical Bid - 20.12.2018 at 11.00 A.M.
Other details can be seen in the bidding documents, which is available in website: **www.tendersorissa.gov.in**.
All other details remain unaltered.
25123/11/0045/1819 Sd./- Chief Engineer, Plan Road, Odisha, Bhubaneswar



ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

କଟକ /ଭୁବନେଶ୍ୱର (ବରମୁଣ୍ଡା) – ରସୁଲଗଡ – କଞ୍ଚନା/ପିପିଲି / ପୁରୀ ମାର୍ଗରେ ଚୁଡାନ୍ତ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing)

ଏତଦ୍ୱାରା କଟକ / ଭୁବନେଶ୍ୱର (ବରମୁଣ୍ଡା) – ରସୁଲଗଡ – କଞ୍ଚନା / ପିପିଲି / ପୁରୀ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚୁଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ତା ୦୧.୧୨.୨୦୧୮ ରିଖରୁ ଲାଗୁ କରାଯିବ । ସମସ୍ତ ଯାତ୍ରୀବାହୀ ଯାନର ମାଲିକ ମାନଙ୍କୁ ସୁଚାଇ ଦିଆଯାଉଅଛି କି ସେମାନଙ୍କର ଯାତ୍ରୀବାହୀ ଯାନ ଗୁଡିକୁ ତା ୦୧.୧୨.୨୦୧୮ ରିଖ ଠାରୁ ଚୁଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ ଅନୁସାରେ ଚଳାଚଳ କରିବେ । ଚୁଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ ରାଜ୍ୟ ପରିବହନ ଆୟୁକ୍ତଙ୍କର ନିମ୍ନରେ ପ୍ରଦତ୍ତ ୱେବସାଇଟରେ ଉପଲବ୍ଧ ଅଟେ ।

1. www.odishatransport.gov.in
2. www.orissatransport.nic.in

ସଚିବ,
ରାଜ୍ୟ ପରିବହନ ପ୍ରାଧିକାରୀ,
ଓଡିଶା, କଟକ



COLLECTORATE, MALKANGIRI
(ST & SC Dev. Section)

Letter No.: 2679/2018 Date: 28.11.2018

ADVERTISEMENT

Application in prescribed proforma from intending candidates are invited to fill up the Post of Sikshya Sahayak (Junior Teacher) in ST & SC Development Department Schools of Malkangiri District. Application form alongwith details regarding educational qualification, eligibility criteria, selection procedure can be obtained from the District website i.e. **www.malkangiri.nic.in** or from the Office of the Distirct Welfare Officer, Malkangiri in the working days from 10.00 A.M. to 5.00 P.M. The last date of submission of application to District Welfare Officer, Malkangiri by Registered Post/Speed Post only is 22.12.2018 by 5.00 P.M.

By Order of Collector
Sd./- District Welfare Officer
Malkangiri



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ଇସ୍ତାହାର ସଂଖ୍ୟା: ୧୨୦୮ ତା: ୨୯।୧୧।୨୦୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଯେ ନିମ୍ନଲିଖିତ ଅଜଣା ଶିଶୁକୁ ଉଦ୍ଧାର କରାଯାଇ ଶିଶୁମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ପଞ୍ଚମହଲା ସ୍ଥିତ ଆଦୃତା ଶିଶୁ ସଦନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାରେ ରଖାଯାଇଅଛି । ଉକ୍ତ ଶିଶୁଟିର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ, ଫୋନ୍ ନଂ.– ୦୬୭୬୪–୨୩୦୩୨୯କୁ ଯୋଗାଯୋଗ କରନ୍ତୁ । ଏହି ସମୟ ପରେ ଉକ୍ତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍ – ୨୦୧୫ର ଧାରା ୩୮ (ଉପଧାରା–୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ ।

| କ୍ର.ସଂ. | ଶିଶୁଟିର ନାମ | ପୁଅ / ଝିଅ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|
| ୧. | ଲକ୍ଷ୍ମୀ | ଝିଅ | ନୂଆକ୍ଷେତ, ସାରୁଆଳୀ, ଥାନା: ବନ୍ତଳା, ଜିଲ୍ଲା: ଅନୁଗୋଳ | ୯୧/୨୦୧୮ ତା୧୫।୧୧।୧୮ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

ସ୍ୱା./– ଜିଲ୍ଲାପାଳ, ଅନୁଗୋଳ



ODISHA COAL AND POWER LTD.
Odisha Coal and Power Limited OCPL
(A Govt. of Odisha Company)
Zone - A, Ground Floor, Fortune Towers, Chandrasekharpur, Bhubaneswar - 751023, Odisha
Ph. No.: 0674-2300654 / 0674-2300664

NOTICE INVITING TENDER

NIT No.: OCPL/CONS-84/2018 Date: 30.11.2018

Sealed bids in prescribed format are invited from reputed Companies/Firms for execution of the following work at Hemgir, Sundargarh, Odisha:

| Sl. No. | Name of the Work | Cost of Tender Paper | BID Security | Last date of Sale of Tender Document | Date of Submission/ Opening |
|---|---|---|---|---|---|
| 1 | Selection of third party inspection agency for the Quality Assurance, Quality Control and Quantity Survey work for Construction of Manoharpur Township Complex at Sarbahal, Hemgir, Sundargarh, Odisha | Rs.11,800/- (Rupees Eleven thousand and eight hundred only) including GST @ 18% | Rs.1,00,000/- (Rupees One Lakh Only) | 10.12.2018 | 3.00 P.M. on 22.12.2018 3.30 P.M. on 22.12.2018 |

For details please visit our website i.e. **www.ocpl.org.in**. Any further clarifications may please be addressed to the undersigned at the above address or by email to: **a.kanungo@ocpl.org.in**.

Sd./- Addl. General Manager (Commercial & Contracts)
Tel.: 0674-2300964 (D)



NACO
National AIDS Control Organisation
India's voice against AIDS
Ministry of Health & Family Welfare, Government of India
www.naco.gov.in

OSACS

"ନିଜର ଏଚ୍.ଆଇ.ଭି. ସ୍ଥିତି ଜାଣିବା ପାଇଁ ସମସ୍ତଙ୍କୁ ପ୍ରୋତ୍ସାହିତ କରନ୍ତୁ"

- ଏଚ.ଆଇ.ଭି. ପରୀକ୍ଷଣ ରାଜ୍ୟର ୭୭୫ ସରକାରୀ ଏବଂ ୧୭୧ ବେସରକାରୀ ଡାକ୍ତରଖାନାରେ ମାଗଣାରେ ଉପଲବ୍ଧ.
- ଏଚ.ଆଇ.ଭି. ସଂକ୍ରମିତଙ୍କ ପାଇଁ ରାଜ୍ୟରେ ୧୫ଟି ଚିକିତ୍ସା (ଏ.ଆର.ଟି.) କେନ୍ଦ୍ର ଏବଂ ୧୯ଟି ଲିଙ୍କ୍ ଏ.ଆର.ଟି. କେନ୍ଦ୍ର କାର୍ଯ୍ୟ କରୁଅଛି ।
- ସମସ୍ତ ଗର୍ଭବତୀ ମହିଳାମାନେ ଏଚ୍.ଆଇ.ଭି. ପରୀକ୍ଷା କରାଇବା ନିତାନ୍ତ ଆବଶ୍ୟକ । ଗର୍ଭବତୀ ମା' ଗର୍ଭାବସ୍ଥାରେ ଏଚ.ଆଇ.ଭି. ଆକ୍ରାନ୍ତ ଥିବା ଜଣାପଡିଲେ, ତୁରନ୍ତ ଚିକିତ୍ସା କରାଯାଇ ଶିଶୁକୁ ଏଚ୍.ଆଇ.ଭି. ମୁକ୍ତ କରିହେବ ।
- ନିୟମିତ ଏବଂ ସଠିକ ଭାବେ କଣ୍ଡୋମ୍ ବ୍ୟବହାର ଦ୍ୱାରା ଆମେ ଏଚ୍.ଆଇ.ଭି. ସଂକ୍ରମଣକୁ ନିୟନ୍ତ୍ରଣ କରିପାରିବା ।
- ଏଚ୍.ଆଇ.ଭି. ସଂକ୍ରମିତ ବ୍ୟକ୍ତି ଯକ୍ଷ୍ମା ସହ–ସଂକ୍ରମଣରେ ପିଡୀତ ହୋଇପାରେ । ସେହିଭଳି ବ୍ୟକ୍ତିଙ୍କର ସିବିନାଟ୍ ମେସିନ୍ ଦ୍ୱାର ଯକ୍ଷ୍ମା ରୋଗର ପରୀକ୍ଷା କରାଯାଇ ସେମାନଙ୍କୁ ସଂପୂର୍ଣ୍ଣ ଚିକିତ୍ସା କରାଇବା ଆବଶ୍ୟକ ।

ବାର୍ଷିକ ୧୩୮୯ ଜଣ ବ୍ୟକ୍ତି ଏଡ୍‌ସରେ ମୃତ୍ୟୁବରଣ କରି ଥାନ୍ତି
ବାର୍ଷିକ ୨୪୨୨ ଜଣ ନୂତନ ଭାବେ ଏଚ.ଆଇ.ଭି. ସଂକ୍ରମିତ ହୋଇଥାନ୍ତି
୪୭୦୦୦ ଏଚ୍.ଆଇ.ଭି. ସଂକ୍ରମିତ ବ୍ୟକ୍ତିଙ୍କର ଚିହ୍ନଟ ହୋଇପାରିଛି

"1097"
ଏଚ୍.ଆଇ.ଭି. ଏବଂ ଏଡ୍‌ସ୍ ବିଷୟରେ ସବିଶେଷ ବିବରଣୀ ପାଇଁ ଫୋନ କରନ୍ତୁ

ବିଶ୍ୱ ଏଡ୍‌ସ୍ ଦିବସ, ୧ ଡିସେମ୍ବର, ୨୦୧୮

# ଆୟର୍ଲାଣ୍ଡ ବିପକ୍ଷରୁ ଅଷ୍ଟ୍ରେଲିଆର ଅଭିଯାନ



ଅଭ୍ୟାସ ସେସନ ଅବସରରେ ଅଷ୍ଟ୍ରେଲିଆ ହକି ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୨୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)** ଚଳିତ ହକି ବିଶ୍ୱକପ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଶୁକ୍ରବାର ତା'ର ଅଭିଯାନ ଆରମ୍ଭ କରିବ। ପୁଲ୍ ବି'ରେ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ଆୟର୍ଲାଣ୍ଡକୁ ଭେଟିବ। ପୂର୍ବରୁ କ୍ରମାଗତ ଦୁଇଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିବା ଅଷ୍ଟ୍ରେଲିଆ ଏଥର ହଟ୍ ଫେଭରାଇଟ୍ ବିବେଚିତ ହେଉଛି। ଏଥର ସଫଳ ହେଲେ ଅଷ୍ଟ୍ରେଲିଆ କ୍ରମାଗତ ୩ଥର ଟାଇଟଲ ହାସଲ ସହ ହାଟ୍ରିକ ଅର୍ଜନ କରିବ। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଆୟର୍ଲାଣ୍ଡ ଦଶମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ପୂର୍ବରୁ ୩ଥର ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ପ୍ରଥମେ ଅଷ୍ଟ୍ରେଲିଆ ୧୯୮୬ରେ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଏହା ପରେ ୨୦୧୦ ଓ ୨୦୧୪ରେ ମଧ୍ୟ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଆଧୁନିକ ହକିରେ ଅଷ୍ଟ୍ରେଲିଆ ଏକ ମହାଶକ୍ତି ଭାବେ ଉଭା ହୋଇଛି ଓ ସାରା ବିଶ୍ୱରେ ଏହି ଦଳ ତା'ର ଆଧିପତ୍ୟ ବିସ୍ତାର କରିବାରେ ସକ୍ଷମ ହୋଇଛି। ଯଦିଓ ଅଲିମ୍ପିକ୍ସରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ବିଶ୍ୱକପ୍ ଭଳି ସଫଳତା ହାସଲ କରିପାରନାହିଁ।

ଏହି ବିଶ୍ୱ ଚାମ୍ପିୟନ ଦଳର କେତେକ ଅଭିଜ୍ଞ ଖେଳାଳି ଅବସର ଘୋଷଣା କରିଛନ୍ତି। ଜେମି ଡୱେର ଓ ମାର୍କ ନୋଲ୍ସ ଭଳି ତାରକା ତଥା ଅଭିଜ୍ଞ ଖେଳାଳି ଏଥର ବିଶ୍ୱକପ୍ ଦଳରେ ସାମିଲ ହୋଇନାହାନ୍ତି। ଏଥର ଯୁବ ଖେଳାଳିଙ୍କ ଉପରେ ଅଷ୍ଟ୍ରେଲିଆ ଅଧିକ ଭରସା କରିଛି। ଶୁକ୍ରବାର ଆୟର୍ଲାଣ୍ଡକୁ ବୃହତ୍ ବ୍ୟବଧାନରେ ହରାଇ ଅଷ୍ଟ୍ରେଲିଆ ତା'ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିବା ଲକ୍ଷ୍ୟରେ ରହିଛି। ସବୁଠାରୁ ବଡ଼ କଥା ହେଉଛି ଅଷ୍ଟ୍ରେଲିଆର ୧୦ ଜଣ ଖେଳାଳି ଏଥର ବିଶ୍ୱକପ୍ ପଦାର୍ପଣ କରିବେ। ତେଣୁ ଅଷ୍ଟ୍ରେଲିଆ ପାଇଁ ନିଶ୍ଚୟ ସମସ୍ୟା ରହିଛି। କିନ୍ତୁ ଏହାକୁ ଅଷ୍ଟ୍ରେଲିଆ ଏକ ଚ୍ୟାଲେଞ୍ଜ୍ ରୂପେ ଗ୍ରହଣ କରିଛି ବୋଲି ଦଳର ଅଧିନାୟକ ଆରନ ଜାଲେୱସ୍କି କହିଛନ୍ତି। ଏଥରର ଅଷ୍ଟ୍ରେଲିଆ ଦଳ ସମ୍ପୂର୍ଣ୍ଣ ଭିନ୍ନ ବୋଲି ସେ କହିଛନ୍ତି। ଆମର ୧୦ଜଣ ଖେଳାଳି ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ତେଣୁ ଦଳଗତ ଭାବେ ଆମେ ବିଶ୍ୱକପ୍ ଜିତିବାର ପ୍ରଥମ ସୁଯୋଗ ହାସଲ କରିଛୁ। ଏକ ଯୁବ ଦଳ ହୋଇଥିବାରୁ ଆମେ ଏହାକୁ ଚାପ ହିସାବରେ ଗ୍ରହଣ ନ କରି ଏହାକୁ ଏକ ଚ୍ୟାଲେଞ୍ଜ୍ ହିସାବରେ ଗ୍ରହଣ କରିଛୁ ବୋଲି ସେ କହିଛନ୍ତି।

ର୍ୟାଙ୍କିଙ୍ଗ୍‌ରେ ଆୟର୍ଲାଣ୍ଡ ନିମ୍ନରେ ଥିଲେ ମଧ୍ୟ ଏହି ଦଳକୁ ଆଦୌ ହେୟ ମନେ କରିହେବ ନାହିଁ ବୋଲି ଅଷ୍ଟ୍ରେଲିଆ କୋଚ୍ କୋଲିନ୍ ବ୍ୟାଚ୍ କହିଛନ୍ତି। ଆୟର୍ଲାଣ୍ଡ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖୁଛି। ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା ୧୬ଟି ଯାକ ଦଳ ଚାମ୍ପିୟନ ହେବା ପାଇଁ ଏଠାକୁ ଆସିଛନ୍ତି ଓ ଏହି ଦଳଗୁଡିକ ଯେକୌଣସି ଦଳକୁ ହରାଇବା କ୍ଷମତା ରଖୁଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରୁ ଆୟର୍ଲାଣ୍ଡ ବିପକ୍ଷରେ ଆମେ ଖେଳିନାହୁଁ ବୋଲି ବ୍ୟାଚ୍ କହିଛନ୍ତି। ତେଣୁ ଆମେ ଆୟର୍ଲାଣ୍ଡକୁ ଆଦୌ ହେୟ ମନେ କରୁନାହୁଁ। ନିଜ ପ୍ରଦର୍ଶନ ନେଇ ଆମେ ଯତ୍ନବାନ ହେବୁ। ଆୟର୍ଲାଣ୍ଡ ନିଶ୍ଚିତ ଭାବେ କଡ଼ା ଟକ୍କର ଦେବ ଓ ଏହି ଦଳ ଏକ ବିପଜ୍ଜନକ ଦଳ ବୋଲି ବ୍ୟାଚ୍ କହିଛନ୍ତି।

ଅପରପକ୍ଷରେ ଆୟର୍ଲାଣ୍ଡ ପାଇଁ ଏହି ମ୍ୟାଚ୍‌ରେ ସେଭଳି କିଛି ହରାଇବାର ନାହିଁ। ତେଣୁ ଏହି ଦଳ ଉପରେ ଆଦୌ ଚାପ ନାହିଁ। ଏହା ପୂର୍ବରୁ ଅଷ୍ଟ୍ରେଲିଆ ଦୁଇଥର ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଥିଲା। ୧୯୭୮ ଓ ୧୯୯୦ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସେହିପରି ଶୁକ୍ରବାର ପୁଲ ବି'ର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଓ ଚାଇନା ପରସ୍ପରକୁ ଭେଟିବେ।



ଅଭ୍ୟାସରତ ଚାଇନା ଖେଳାଳି।

# ଇଂଲଣ୍ଡ ଫେଭରାଇଟ୍

**ଭୁବନେଶ୍ୱର, ୨୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)** ପୁଲ୍ ବି'ରେ ଶୁକ୍ରବାର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଓ ଚାଇନା ପରସ୍ପରକୁ ଭେଟିବେ। ପ୍ରଥମଥର ପାଇଁ ଚାଇନା ବିଶ୍ୱକପ୍ ଖେଳିବାକୁ ଯାଉଛି। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧୭ତମ ସ୍ଥାନରେ ଥିବା ଚାଇନା କିନ୍ତୁ ୧୬ଟି ଦଳକୁ ନେଇ ଖେଳାଯିବାକୁ ଥିବା ବିଶ୍ୱକପ୍ ଖେଳିବାକୁ ଯାଉଛି। ଲଣ୍ଡନ୍‌ରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ଅଷ୍ଟମ ସ୍ଥାନ ଅଧିକାର କରି ଅଭିଯାନ ଶେଷ କରିଥିବା ଚାଇନାକୁ ବିଶ୍ୱକପ୍ ଖେଳିବାର ସୁଯୋଗ ମିଳିଥିଲା। ତେବେ ଏହି ମେଗା ଇଭେଣ୍ଟରେ ଚାଇନା ଏକ ଉନ୍ନତ ଦଳ ଭାବେ ଉଭା ହେବାକୁ ଯାଉଛି। ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଥିବାରୁ ଆମ ଖେଳାଳିମାନେ ବେଶ୍ ଉତ୍ସାହିତ ଅଛନ୍ତି ବୋଲି କୋଚ୍ ସାଙ୍ଗ ରାଇଉଲ କିମ୍ କହିଛନ୍ତି। ଚାଇନାରେ ହକି ସେତେଟା ଲୋକପ୍ରିୟ ନୁହଁ। ୨୦୦୮ରେ ଚାଇନା ମହିଳା ବେଜିଂ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିବା ପରେ ହକିର ଲୋକପ୍ରିୟତା ବୃଦ୍ଧି ପାଇଥିଲା। ଚାଇନା ଏହି ମ୍ୟାଚ୍‌ରେ ଇଂଲଣ୍ଡକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ଇଂଲଣ୍ଡ ଅପେକ୍ଷାକୃତ ଶକ୍ତିଶାଳୀ ମନେ ହେଉଛି। ବିଶ୍ୱକପ୍‌ର ଗତ ଦୁଇଟି ସଂସ୍କରଣରେ ଇଂଲଣ୍ଡ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଗତ ଦୁଇଟି ବିଶ୍ୱକପ୍‌ରେ ଇଂଲଣ୍ଡ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ପୂର୍ବରୁ ୧୯୮୬ ବିଶ୍ୱକପ୍‌ରେ ଇଂଲଣ୍ଡ ରନର୍ସଅପ୍ ହୋଇଥିଲା। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇଂଲଣ୍ଡ ଭାରତକୁ ୨-୧ ଗୋଲରେ ହରାଇ ବ୍ରୋଞ୍ଜ୍ ପଦକ ଜିତିଥିଲା। ଚାଇନା ବିପକ୍ଷରେ ଇଂଲଣ୍ଡ ଫେଭରାଇଟ୍ ବିବେଚିତ ହେଉଛି। ତେଣୁ ଏହି ମ୍ୟାଚ୍ ଏକପାଖିଆ ହେବ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**

ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ
ପୁଲ୍-ବି
ସମୟ ଅପରାହ୍ନ- ୫ଟା

ଇଂଲଣ୍ଡ ବନାମ ଚାଇନା
ପୁଲ୍- ବି
ସମୟ- ରାତି ୭ଟା
ସ୍ଥାନ- କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ






# ଗୋଲ ବର୍ଷିଲା

## ଆର୍ଜେଣ୍ଟିନା ୪, ସ୍ପେନ୍ ୩

ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ମ୍ୟାଚରେ ସ୍ପେନକୁ ୪-୩ ଗୋଲରେ ପରାସ୍ତ କରିଛି ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେଭିୱେଟ ମୁକାବିଲାରେ ୮ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ୟୁରୋପୀୟ ଦଳ ବିପକ୍ଷରେ ଭାରି ପଡ଼ିଛି ବିଶ୍ୱର ୨ ନମ୍ବର ର୍‍ୟାଙ୍କଧାରୀ ଦକ୍ଷିଣ ଆମେରିକା ଦଳ। ସ୍ପିଡ୍ ଗେମ୍‌ର ଜ୍ୱଳନ୍ତ ନିଦର୍ଶନ ପ୍ରତିଫଳିତ ହୋଇଥିଲା ଏହି ମ୍ୟାଚରେ। ପ୍ରଥମ କ୍ୱାର୍ଟରରେ ୫ ଗୋଲ ବର୍ଷା ହେବାସହ ମ୍ୟାଚରେ ମୋଟ ୭ଟି ଗୋଲ ସ୍କୋର ହୋଇଥିଲା। କେବଳ ଦ୍ୱିତୀୟ କ୍ୱାର୍ଟରକୁ ଛାଡ଼ିଦେଲେ ଅନ୍ୟ ୩ଟି ଯାକ କ୍ୱାର୍ଟରରେ ଉଭୟ ଦଳ ପ୍ରତିପକ୍ଷ ଦଳର ନେଟ୍ ସ୍ପର୍ଶ କରିବାରେ ସକ୍ଷମ ହୋଇଥିଲେ। ଆର୍ଜେଣ୍ଟିନା ପକ୍ଷରୁ ଗୋଞ୍ଜାଲୋ ପିଲାଟ ଏବଂ ଅଗଷ୍ଟିନ ମାଜିଲ ୨ଟି ଲେଖାଏ ଗୋଲ ଦେଇଥିବାବେଳେ ସ୍ପେନ ପକ୍ଷରୁ ଏନରିକ୍ ଗୋଞ୍ଜାଲେଜ, ରୋମେଉ ଜୋସେଫ ଓ ରୁଇଜ୍ ଭିସେନ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଆର୍ଜେଣ୍ଟିନାର ଅଗଷ୍ଟିନ ମାଜିଲଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ତାଙ୍କୁ ୫୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ମ୍ୟାଚ ଆରମ୍ଭରେ ହକି ଇଣ୍ଡିଆ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଆର.କେ. ଶ୍ରୀବାସ୍ତବ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ଉଭୟ ଦଳ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିବାରୁ ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅଗ୍ରଣୀ ନେବା ଲକ୍ଷ୍ୟରେ ଉଭୟ ଦଳ ଉଦ୍ୟମ କରିଥିବାବେଳେ ପ୍ରଥମ ଗୋଲ ସ୍କୋର କରିଥିଲେ ସ୍ପେନର ଏନରିକ୍। ସେ ଏକ ଫିଲ୍ଡ ଗୋଲ ମାଧ୍ୟମରେ ସ୍ପେନକୁ ୧-୦ରେ ଆଗୁଆ କରାଇଥିଲେ। ମାତ୍ର ସ୍ପେନର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ଏହାର ଗୋଟିଏ ମିନିଟ ପରେ ଅର୍ଥାତ୍ ୪ର୍ଥ ମିନିଟରେ ଅଗଷ୍ଟିନ ମାଜିଲ ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ୧୦ମିନିଟର ସଂଘର୍ଷପରେ ୧୪ତମ ମିନିଟରେ ଆର୍ଜେଣ୍ଟିନା ଡିଫେଣ୍ଡର ଓ ଗୋଲକିପରଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ ସ୍ପେନର ରୋମେଉ ଜୋସେପ। ସ୍ପେନ୍‌କୁ ମିଳିଥିବା ପେନାଲ୍ଟି କର୍ନରକୁ ସେ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ମାତ୍ର ଏଥର ମଧ୍ୟ ଅଗ୍ରଣୀର ଫାଇଦା ନେଇପାରି ନ ଥିଲା ସ୍ପେନ। ୧ ମିନିଟ ପରେ ଅର୍ଥାତ୍ ୧୫ତମ ମିନିଟରେ ଆର୍ଜେଣ୍ଟିନାର ମାଜିଲ ବ୍ୟକ୍ତିଗତ ଦ୍ୱିତୀୟ ଫିଲ୍ଡ ଗୋଲ ଦେବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ପ୍ରଥମ କ୍ୱାର୍ଟରର ଇଞ୍ଜୁରି ଟାଇମ୍‌ରେ ଆର୍ଜେଣ୍ଟିନା ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଡିଫେଣ୍ଡର ଗୋଞ୍ଜାଲୋ ପିଲାଟ (୧୫ ଯୁକ୍ତ୧) ମିନିଟରେ ଏହାକୁ ଗୋଲରେ ପରିଣତ କରିବାରୁ ଆର୍ଜେଣ୍ଟିନାର ଅଗ୍ରଣୀ ବ୍ୟବଧାନ ୩-୨ରେ ପହଞ୍ଚି ଯାଇଥିଲା।

ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ଅନେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲ ସ୍କୋର କରିପାରି ନ ଥିଲେ। ତୃତୀୟ କ୍ୱାର୍ଟର ଅର୍ଥାତ୍ ମ୍ୟାଚର ୩୫ତମ ମିନିଟରେ ସ୍ପେନର ରୁଇଜ୍ ଭିସେନଙ୍କ ଫିଲ୍ଡ ଗୋଲ ମ୍ୟାଚକୁ ୩-୩ ସ୍ଥିତିକୁ ନେଇ ଆସିଥିଲା। ମ୍ୟାଚ ଜିତିବା ପାଇଁ ଉଭୟ ଦଳ ୪ର୍ଥ କ୍ୱାର୍ଟର ଆରମ୍ଭରୁ ଆକ୍ରମଣକୁ ଜୋରଦାର କରିଥିଲେ। ସ୍ପେନ ଖେଳାଳିଙ୍କ ତ୍ରୁଟି ଯୋଗୁ ୪୯ତମ ମିନିଟରେ ଆର୍ଜେଣ୍ଟିନାକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହି ସୁବର୍ଣ୍ଣ ସୁଯୋଗର ସଦ୍‌ବ୍ୟବହାର କରିଥିଲେ ପିଲାଟ। ସେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବାସହ ଆର୍ଜେଣ୍ଟିନାକୁ ୪-୩ରେ ଅଗ୍ରଣୀ କରାଇଥିଲେ। ଅବଶିଷ୍ଟ ସମୟରେ ମ୍ୟାଚକୁ ସମାନ ସ୍ତରକୁ ଆଣିବା ପାଇଁ ସ୍ପେନ ଖେଳାଳିମାନେ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ଆର୍ଜେଣ୍ଟିନା ଡିଫେଣ୍ଡରମାନେ ତାହା ହେବାକୁ ଦେଇ ନ ଥିଲେ। ମ୍ୟାଚ ଶେଷହେବାକୁ ମାତ୍ର ୧ସେକେଣ୍ଡ ବାକିଥିବାବେଳେ ସ୍ପେନ ପାଇଁ ବଡ଼ ସୁଯୋଗ ଆସିଥିଲା। ଆର୍ଜେଣ୍ଟିନା ଗୋଲପୋଷ୍ଟରେ ଗ୍ୟାପ୍ ଥିଲେ ହେଁ କ୍ରସ୍ ପାସ୍‌ରେ ଷ୍ଟିକ୍ ସଂଯୋଗ କରିପାରି ନ ଥିଲେ ଏନରିକ ଗୋଞ୍ଜାଲେଜ। ଶେଷ ହ୍ୱିସିଲ ବାଜିବା ସହ ଆର୍ଜେଣ୍ଟିନା ଖେଳାଳିମାନେ ଖୁସି ମନାଇଥିଲେ। ମ୍ୟାଚରେ ସ୍ପେନ ୨ଟି ପେନାଲ୍ଟି କର୍ନର ପାଇଥିବାବେଳେ ଏଥିରୁ ଗୋଟିଏକୁ ଗୋଲରେ ପରିଣତ କରିପାରିଥିଲା। ସେହିପରି ଆର୍ଜେଣ୍ଟିନାକୁ ମିଳିଥିବା ୩ଟି ପେନାଲ୍ଟି କର୍ନରରୁ ୨ଟି ଗୋଲ ହୋଇଥିଲା। ପୋଲାଣ୍ଡର ଗ୍ରୋଚଲ ମାର୍ସିନ ଓ ଭାରତର ଜାଭେଦ ଶେଖ୍ ଅମ୍ପାୟର ଦାୟିତ୍ୱ ନିର୍ବାହ କରିଥିଲେ।



### ହେଭିୱେଟ ଲଢ଼େଇରେ ଆର୍ଜେଣ୍ଟିନାର ବାଜିମାତ

ଗୋଞ୍ଜାଲୋ ପିଲାଟ୍-

### ଗୋଲ ସ୍କୋରର

**ମ୍ୟାଚ୍ ନଂ-୩**

**ଆର୍ଜେଣ୍ଟିନା**

ଅଗଷ୍ଟିନ ମାଜିଲ- ୪ର୍ଥ ଓ ୧୫ତମ ମିନିଟ୍

ଗୋଞ୍ଜାଲୋ ପିଲାଟ୍- ୧୫+ ଓ ୪୯ତମ

**ସ୍ପେନ**

ଏନରିକ୍ ଗୋଞ୍ଜାଲେଜ- ୩ୟ ମିନିଟ୍

ଜୋସେଫ୍ ରୋମେଉ- ୧୪ତମ

ଭିନସେନ ରୁଇଜ୍- ୩୫ତମ

## ଭାରତ-ମାଲେସିଆ ଭେଟ ଚାହାନ୍ତି ଓଲ୍ଟମାନ୍ସ



ଭୁବନେଶ୍ୱର, ୨୯।୧୧

କୋଚ୍ ପଦବୀରୁ ହକି ଇଣ୍ଡିଆ ମୋତେ ଆକସ୍ମିକ ବିଦା କରିଦେବା ଘଟଣା ଖୁବ୍ ବ୍ୟଥିତ କରିବା ସହ ଆଶ୍ଚର୍ଯ୍ୟ ଚକିତ କରିଥିଲା ବୋଲି କହିଛନ୍ତି କିମ୍ବଦନ୍ତୀ ଡଚ୍ କୋଚ୍ ରୋଲାଣ୍ଟ ଓଲ୍ଟମାନ୍ସ। ୨୦୧୩ରେ ଓଲ୍ଟମାନ୍ସ ହାଇପରଫର୍ମାନ୍ସ ଡାଇରେକ୍ଟର ଭାବେ ଭାରତ ଆସିଥିଲେ। ଭାରତୀୟ ହକିର ପୁନରୁତ୍ଥାନ କ୍ଷେତ୍ରରେ ତାଙ୍କର ବିଶେଷ ଭୂମିକା ରହିଥିଲା। ପରେ ସେ ପୁରୁଷ ଦଳର ମୁଖ୍ୟ କୋଚ୍ ପଦ ଅଳଙ୍କୃତ କରିଥିଲେ। ଓଲ୍ଟମାନ୍ସ ଭାରତୀୟ ହକି ସହ ୫ ବର୍ଷ ପାଖାପାଖି ଜଡ଼ିତ ରହିଥିଲେ। ମାତ୍ର ଫଳାଫଳ ନ ମିଳିବାରୁ ସେ ଜାତୀୟ ମହାସଂଘ ଦ୍ୱାରା ବହିଷ୍କୃତ ହୋଇଥିଲେ। ୬୪ବର୍ଷୀୟ ଓଲ୍ଟମାନ୍ସ ଏବେ ବିଶ୍ୱକପ୍ ଖେଳିବାକୁ ଆସିଥିବା ମାଲେସିଆ ଦଳର ମୁଖ୍ୟ କୋଚ୍ ଭାବେ ଭୁବନେଶ୍ୱର ଆସିଛନ୍ତି। ଭାରତରେ ମୋ ୫ ବର୍ଷିଆ କାର୍ଯ୍ୟକାଳକୁ ମୁଁ ବେଶ୍ ଉପଭୋଗ କରିଛି। ଭାରତର ହକି ଇତିହାସ ବେଶ୍ ସମୃଦ୍ଧ। ଭାରତୀୟ ହକିର ପୁନର୍ଜନ୍ମ କ୍ଷେତ୍ରରେ ମୁଁ ଯାହା କରିଛି, ସେଥିରେ ମୁଁ ସନ୍ତୁଷ୍ଟ। ଚଳିତ ବିଶ୍ୱକପ୍ ଟୁର୍ନାମେଣ୍ଟର ନକ୍‌ଆଉଟ୍ ପର୍ଯ୍ୟାୟରେ ଭାରତ ସହିତ ବର୍ତ୍ତମାନର ମୋ ମାଲେସିଆ ଦଳର ଭେଟ ହେବ ବୋଲି ମୁଁ ଆଶା କରୁଛି। ବିଶ୍ୱକପ୍‌ରେ ଭାରତର ସମ୍ଭାବନା ସମ୍ପର୍କରେ ସୂଚନା ଦେବାକୁ ଯାଇ ସେ କହିଛନ୍ତି, ୬ଟି ଶ୍ରେଷ୍ଠ ଦଳ ମଧ୍ୟରୁ ଜଣେ ଟାଇଟଲ ବିଜୟୀ ହେବ ବୋଲି ମୁଁ ମନେ କରୁଛି। ଭାରତ ହେଉଛି ବର୍ତ୍ତମାନ ବିଶ୍ୱର ୫ମ ର୍‍ୟାଙ୍କିଙ୍ଗପ୍ରାପ୍ତ ଦଳ। ଭାରତ ଛାଡ଼ିବା ପରେ ଓଲ୍ଟମାନ୍ସ ପାକିସ୍ତାନ ଟିମ୍ ସହିତ ୨ ବର୍ଷିଆ ଚୁକ୍ତି କରିଥିଲେ। ମାତ୍ର ସେ ୪ମାସ ପରେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଏସିଆନ ଗେମ୍ସ ପରେ ଓଲ୍ଟମାନ୍ସ ମାଲେସିଆ କୋଚ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ଦୁଇ ବର୍ଷ କାର୍ଯ୍ୟକାଳ ସମୟରେ ମାଲେସିଆକୁ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରାଇବା ସେ ଲକ୍ଷ୍ୟ ରଖିଛନ୍ତି।

## 'କେବଳ ଦଳର ବିଜୟ କଥା ଚିନ୍ତା କରିଥାଏ: ଅଗଷ୍ଟିନ ମାଜିଲ



ଭୁବନେଶ୍ୱର, ୨୯।୧୧

ଏକ ମ୍ୟାଚରେ କେତୋଟି ଗୋଲ ସ୍କୋର କଲି ସେଥିପ୍ରତି ମୋର ଧ୍ୟାନ ନ ଥାଏ ବରଂ ଦଳ କିପରି ବିଜୟ ହାସଲ କରିବ ସେଥିପ୍ରତି ଧ୍ୟାନ ଦେଇଥାଏ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ରେ ଗୁରୁବାର ଆର୍ଜେଣ୍ଟିନା-ସ୍ପେନ ମୁକାବିଲାର ମ୍ୟାନ ଅଫ୍ ଦି ମ୍ୟାଚ ଅଗଷ୍ଟିନ ମାଜିଲି ଏକଥା ପ୍ରକାଶ କରିଛନ୍ତି। ଆର୍ଜେଣ୍ଟିନା ଏହି ମ୍ୟାଚରେ ୪-୩ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ମାଜିଲି ବ୍ୟକ୍ତିଗତ ୨ଟି ଗୋଲ ସ୍କୋର କରିଥିଲେ। ମ୍ୟାଚ ପରେ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଆମେ ବିଜୟୀ ହୋଇଥିଲେ ହେଁ ପରବର୍ତ୍ତୀ ମ୍ୟାଚ ପାଇଁ ଆମକୁ କେତେକ କ୍ଷେତ୍ରରେ ସଜାଡ଼ିବାକୁ ପଡ଼ିବ। ସ୍ପେନ ଭଳି ଶକ୍ତିଶାଳି ଟିମ୍ ବିପକ୍ଷରେ ଖେଳିବାରେ ଆନନ୍ଦ ଥାଏ। ଡିଫେନ୍ସରେ ଆମେ ଶକ୍ତିଶାଳୀ ଥିଲୁ। ଗୋଟିଏ ମ୍ୟାଚରେ ୭ଟି ଗୋଲ ସ୍କୋର ବାସ୍ତବିକ ଦର୍ଶକଙ୍କ ପକ୍ଷେ ଉପଭୋଗ୍ୟ।

### ଦର୍ଶକ ନିରପେକ୍ଷ

ଗୁରୁବାର ଅନୁଷ୍ଠିତ ୨ଟି ଯାକ ମ୍ୟାଚରେ ଭାରତ ଖେଳୁ ନ ଥିଲା। ତେଣୁ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକମାନେ ଉଭୟ ମ୍ୟାଚରେ ନିରପେକ୍ଷତା ଅବଲମ୍ବନ କରିଥିଲେ। ଆର୍ଜେଣ୍ଟିନା ହେଉ କି ସ୍ପେନ, ନ୍ୟୁଜିଲାଣ୍ଡ କିମ୍ବା ଫ୍ରାନ୍ସ ମ୍ୟାଚର ପ୍ରତିଟି ମୁଭ୍‌ରେ ଏବଂ ଗୋଲ ସ୍କୋର ସମୟରେ ଦର୍ଶକମାନେ କୋଳାହଳ ମାଧ୍ୟମରେ ବିଦେଶୀ ଦଳଗୁଡ଼ିକୁ ଉତ୍ସାହିତ କରିଥିଲେ।

### ପ୍ରଥମ କ୍ୱାର୍ଟରରୁ ଗୋଲ ବର୍ଷାର ଆଭାସ

ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି): ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ ଆର୍ଜେଣ୍ଟିନା-ସ୍ପେନ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ୪ ମିନିଟ ମଧ୍ୟରେ ୨ଟି ଏବଂ ପ୍ରଥମ କ୍ୱାର୍ଟରରେ ୫ଟି ଗୋଲ ସ୍କୋର ହୋଇଥିଲା, ଯାହାକି ଉପସ୍ଥିତ ଦର୍ଶକଙ୍କୁ ମନୋରଞ୍ଜନର ବେଶ୍ ଖୋରାକ ଯୋଗାଇଥିଲା। ଏଥିସହ ମ୍ୟାଚରେ ଗୋଲ ବର୍ଷାର ଆଭାସ ମିଳିଥିଲା। ସମକକ୍ଷ ଦଳ ମଧ୍ୟରେ ଲଢ଼େଇ ଜୋରଦାର ହୋଇଥିବାରୁ ମ୍ୟାଚଟି ହାଇସ୍କୋରିଂ ହେବା ସ୍ପଷ୍ଟ ହୋଇଯାଇଥିଲା, ଯାହା ମ୍ୟାଚରେ ମଧ୍ୟ ପ୍ରତିଫଳିତ ହୋଇଥିଲା। ମୋଟ ୭ଟି ଗୋଲ ହୋଇଥିଲା ଏହି ମ୍ୟାଚରେ।



## ମନମୋହିଲେ ଭାରତୀୟ ବଂଶୋଦ୍ଭବ ଅରୁନ୍

ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ମହାକୁମ୍ଭର ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚରେ ଫ୍ରାନ୍ସକୁ ୨-୧ ଗୋଲରେ ନ୍ୟୁଜିଲାଣ୍ଡ ପରାସ୍ତ କରିଛି। ନ୍ୟୁଜିଲାଣ୍ଡର ଏହି ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଭାରତୀୟ ବଂଶୋଦ୍ଭବ ଅରୁନ ପାଞ୍ଜିଆ। ଅରୁନ୍ ବଲ୍ ପାଇବାମାତ୍ରେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ କୋହାହଳ ମାଧ୍ୟମରେ ତାଙ୍କୁ ଉତ୍ସାହିତ କରୁଥିବା ପରିଲକ୍ଷିତ ହୋଇଥିଲା। ନ୍ୟୁଜିଲାଣ୍ଡ ଦଳରେ ୨୪ ନମ୍ବର ଜର୍ସି ପରିହିତ ଅରୁନ ୧୯୮୯ ଏପ୍ରିଲ ୨୨ରେ ଅକ୍‌ଲାଣ୍ଡରେ ଜନ୍ମଗ୍ରହଣ କରିଥିଲେ। ସେ ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଏବଂ ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଜିତିଥିବା ନ୍ୟୁଜିଲାଣ୍ଡ ଦଳର ସଦସ୍ୟ ଥିଲେ।




### ଓଲିର ଟି-ଶାର୍ଟ ଉପହାର

ହକି ବିଶ୍ୱକପ ମ୍ୟାଚ ବିରତି ସମୟରେ ଦର୍ଶକଙ୍କର ମନୋରଞ୍ଜନ କରିଥିଲା ମାସ୍କଟ ଓଲି। ସେ ଷ୍ଟାଡିୟମ ପରିକ୍ରମା କରିବା ସହ ଏକ ବନ୍ଧୁକ ସଦୃଶ ଯନ୍ତ୍ର ମାଧ୍ୟମରେ ଗ୍ୟାଲେରୀରେ ଉପସ୍ଥିତ ଥିବା ଦର୍ଶକଙ୍କ ଆଡ଼କୁ ଟି-ଶାର୍ଟ ନିକ୍ଷେପ କରୁଥିବା ପରିଲକ୍ଷିତ ହୋଇଥିଲା। ଦର୍ଶକମାନେ ମଧ୍ୟ ଓଲିକୁ କରତାଳି ଓ କୋଳାହଳ ମାଧ୍ୟମରେ ଉତ୍ସାହିତ କରିଥିଲେ।

## ଆକର୍ଷଣରେ ଫ୍ୟାନ୍ ଭିଲେଜ



ଭୁବନେଶ୍ୱର, ୨୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍ ଇତିମଧ୍ୟରେ ଦ୍ୱିତୀୟ ଦିବସରେ ପହଞ୍ଚିଛି। ବିଶ୍ୱକପ୍‌ର ମ୍ୟାଚ୍ ଦେଖିବାକୁ ପ୍ରଶଂସକଙ୍କ ମଧ୍ୟରେ ଯେତିକି ଉତ୍ସାହ ଦେଖିବାକୁ ମିଳିଛି ସେତିକି ଭିଡ ଜମୁଛି ଫ୍ୟାନ୍ ଭିଲେଜ୍‌ରେ। କଳିଙ୍ଗ ଷ୍ଟାଡିୟମର ୩ ନମ୍ବର ଗେଟ୍ ନିକଟରେ ରହିଛି ଫ୍ୟାନ୍ ଭିଲେଜ। ୧୮ ହଜାର ବର୍ଗମିଟର ଏରିଆରେ ଏହି ଫ୍ୟାନ୍ ଭିଲେଜ ନିର୍ମାଣ କରାଯାଇଛି।

ପ୍ରଶଂସକମାନେ ଏହି ଫ୍ୟାନ୍ ଭିଲେଜ୍‌ରେ ଭରପୂର ମନୋରଞ୍ଜନ କରିବା ସହ ମଜା ନେଉଛନ୍ତି। ଏଥିରେ ଆଣ୍ଟି- ଗ୍ରାଭିଟି ଫଟୋ ବୁଥ୍ ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି। ପୁଣି ଏଥିରେ ୩୬୦ ଡିଗ୍ରୀ ଫଟୋ ବୁଥ୍ ମଧ୍ୟ ରହିଛି। ୩ ଓ ୪ ନମ୍ବର ଗେଟ୍‌ରେ ମଧ୍ୟରେ ଥିବା ଏହି ଫ୍ୟାନ୍ ଭିଲେଜ ଅପରାହ୍ନ ୧ଟାରେ ଖୋଲୁଛି। ଖାଦ୍ୟ ଓ ପାନୀୟ ପାଇଁ ବିଭିନ୍ନ ଷ୍ଟଲ ରହିଛି। ଏଥିରେ ଖାଣ୍ଟି ଓଡ଼ିଆ ଖାଦ୍ୟକୁ ମଧ୍ୟ ସାମିଲ କରାଯାଇଛି। ପୁଣି ଏହି ଭିଲେଜ୍‌ରେ ବଡ଼ ପର୍ଦ୍ଦାରେ ମ୍ୟାଚ୍‌ଗୁଡ଼ିକର ସିଧା ପ୍ରସାରଣ ମଧ୍ୟ କରାଯାଉଛି। ହାଫ୍ ଟାଇମ୍‌ରେ କ୍ରୀଡ଼ା ସମ୍ପର୍କିତ କୁଇଜ୍ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ଛୋଟପିଲାମାନଙ୍କ ପାଇଁ ଟ୍ରାମ୍ପୋଲିନ୍ ଓ ସାଇକେଲ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ପିଲାମାନେ ସାଇକେଲ ଚଢ଼ି ଭିଡିଓ ଗେମ୍ ଭଳି ରେସ୍‌ର ଅନୁଭବ କରିପାରିବେ।

ଏଥିସହିତ ଏହି ଫ୍ୟାନ୍ ଭିଲେଜ୍‌ରେ ୩ ଏ ସାଇଡ୍ ହକି ଟର୍ଫ ମଧ୍ୟ ବିଛା ଯାଇଛି। ପ୍ରଶଂସକମାନେ ଏହି ଟର୍ଫ୍‌ରେ ଖେଳିବାର ସୁଯୋଗ ହାସଲ କରିବେ ଓ ହକିର ପ୍ରକୃତ ମଜା ନେଇପାରିବେ। ଇଣ୍ଡିଆ ପୋଷ୍ଟର ଏକ ଷ୍ଟଲ ମଧ୍ୟ ଫ୍ୟାନ୍ ଭିଲେଜରେ ରହିଛି। ଏଠାରେ ହକି ବିଶ୍ୱକପ୍ ପାଇଁ ନୂଆ କରି ଲଞ୍ଚ୍ ହୋଇଥିବା ଷ୍ଟାମ୍ପ୍ ଓ କଲେକ୍ସନ ପାଇଁ ପୁରୁଣା ଷ୍ଟାମ୍ପ ସବୁ ଉପଲବ୍ଧ ହୋଇପାରିବ। ଘରୋଇ ଡାକ ଓ ଉପହାର ଦେବା ପାଇଁ ଏହି ଷ୍ଟାମ୍ପଗୁଡ଼ିକ ପ୍ରଶଂସକଙ୍କ ଦ୍ୱାରା ବ୍ୟବହୃତ ହୋଇପାରିବ।

ଜଗଲର, ମ୍ୟାଜିସିଆନ୍ ଓ ଅନ୍ୟ କଳାକାରମାନେ କଳା ପ୍ରଦର୍ଶନ କରି ପ୍ରଶଂସକଙ୍କ ମନୋରଞ୍ଜନ କରୁଛନ୍ତି ଏହି ଭିଲେଜ୍‌ରେ। ପ୍ରଶଂସକମାନେ ଓଡ଼ିଶା ହସ୍ତତନ୍ତ ଓ କ୍ରୀଡ଼ା ପୋଷାକ ମଧ୍ୟ କିଣିବାର ବ୍ୟବସ୍ଥା ରହିଛି। ସବୁ ବୟସ ବର୍ଗର ପ୍ରଶଂସକଙ୍କୁ ଦୃଷ୍ଟି ରଖି ଏହି ଫ୍ୟାନ୍ ଭିଲେଜ୍‌ରେ ବ୍ୟବସ୍ଥା କରାଯାଇଛି। ପ୍ରଥମଥର ପାଇଁ ଭାରତରେ ଫ୍ୟାନ୍ ଭିଲେଜର ବ୍ୟବସ୍ଥା କରାଯାଇଛି ଓ ଏହା ଅଶାତୀତ ଆଦୃତ ହୋଇପାରିଛି ବୋଲି ହକି ଇଣ୍ଡିଆ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ କହିଛନ୍ତି। ଟୁର୍ନାମେଣ୍ଟରେ ଏହି ଫ୍ୟାନ୍ ଭିଲେଜ ପ୍ରଶଂସକଙ୍କୁ ଏକ ଭିନ୍ନ ପ୍ରକାର ଅଭିଜ୍ଞତା ପ୍ରଦାନ କରିବ। ଏହାଦ୍ୱାରା ଦର୍ଶକମାନେ ଆନ୍ତର୍ଜାତିକସ୍ତରର ମ୍ୟାଚ୍‌ର ମଜା ନେବା ସଙ୍ଗେସଙ୍ଗେ କ୍ରୀଡ଼ା ଉତ୍ସବର ଏକ ଭିନ୍ନ ଅନୁଭବ ହାସଲ କରିବେ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଳ ଦେବ କହିଛନ୍ତି। ମ୍ୟାଚ୍ ଟିକେଟ ହାସଲ କରିଥିବା ପ୍ରଶଂସକମାନେ କେବଳ ଏହି ଫ୍ୟାନ୍ ଭିଲେଜ ବୁଲି ଦେଖିବାର ସୁଯୋଗ ହାସଲ କରିବେ। ବିଶ୍ୱକପ୍ ଆଗକୁ ବଢ଼ିବା ସଙ୍ଗେସଙ୍ଗେ ଏହି ଫ୍ୟାନ୍ ଭିଲେଜରେ ଭିଡ଼ ବଢ଼ିବ ବୋଲି ଆଶା କରାଯାଉଛି।






ନ୍ୟୁଜିଲାଣ୍ଡ ଓ ଫ୍ରାନ୍ସ ମଧ୍ୟରେ ବଲ୍ ପାଇଁ ସଂଘର୍ଷ।

# ଚାଇନାର ୧୮ ଖେଳାଳି ଗୋଟିଏ ରାଜ୍ୟର

ଭୁବନେଶ୍ୱର,୨୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପ୍‌ର ଚତୁର୍ଦ୍ଦଶ ସଂସ୍କରଣରେ ଅଂଶଗ୍ରହଣ କରିଥିବା ୧୬ଟି ଦଳ ମଧ୍ୟରୁ ଅନ୍ୟତମ ଦଳ ଚାଇନା ବିଷୟରେ ପ୍ରଶଂସକମାନେ ଗୋଟିଏ ମଜାଦାର କଥା ଜାଣି ନ ଥିବେ। ତାହା ହେଉଛି ଚାଇନାର ୧୮ ଜଣ ଖେଳାଳି ତା'ର ଗୋଟିଏ ରାଜ୍ୟରୁ ଆସିଛନ୍ତି। ଚାଇନାର କ୍ରୀଡ଼ା ସଂସ୍କୃତି ହେଉଛି ବିଶ୍ୱସ୍ତରର। ଏକଥା ସମସ୍ତଙ୍କୁ ଜଣା। କିନ୍ତୁ ହକି ଦଳର ୧୮ ଖେଳାଳି ଗୋଟିଏ ରାଜ୍ୟର ଏକଥା ବିଶ୍ୱାସ ହେଉ ନ ଥିଲେ ମଧ୍ୟ ସତ। ଉତ୍ତର ଚାଇନାସ୍ଥିତ ଏହି ରାଜ୍ୟର ନାମ ହେଉଛି 'ଇନର ମଙ୍ଗୋଲିଆ ଅଟୋନୋମସ ରିଜିୟନ'। ଅବଶ୍ୟ ଚାଇନାର ଉତ୍ତରରେ ଥିବା ଦେଶର ନାମ ମଙ୍ଗୋଲିଆ ରହିଛି। ଏହି ରାଜ୍ୟ ବା ପ୍ରୋଭିନ୍ସରେ ଅଧିକାଂଶ ଭାଗରେ ସବୁଜ ତୃଣଭୂମି ଓ ମରୁଭୂମି ରହିଛି। ପୁଣି ଗ୍ରେଟ୍ ୱାଲ୍ ଅଫ ଚାଇନାର ଅଧିକାଂଶ ଭାଗ ଏହି ରାଜ୍ୟରେ ରହିଛି। ଚାଇନାର ୩୪ଟି ରାଜ୍ୟରୁ ଇନର ମଙ୍ଗୋଲିଆ ହେଉଛି ଅନ୍ୟତମ। କିନ୍ତୁ ଏହି ରାଜ୍ୟରୁ ୧୮ଜଣ ଖେଳାଳି ଜାତୀୟ ଦଳରେ ସାମିଲ ହେବା ନିଶ୍ଚିତ ଭାବେ ଏକ ଭିନ୍ନ ତଥା ବଡ଼ ଖବର। ଏ ନେଇ ସୂଚନା ଦେଇଛନ୍ତି ଚାଇନା କୋଚ୍ ତଥା ଦକ୍ଷିଣ କୋରିଆର ପୂର୍ବତନ ହକି ଖେଳାଳି ସାଙ୍ଗ ରିଉଲ କିମ୍। କିମ୍ ପୂର୍ବରୁ ୨୦୦୦ ସିଡନୀ ଅଲିମ୍ପିକ୍ସରେ ଦକ୍ଷିଣକୋରିଆ ରୌପ୍ୟ ପଦକ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ହକି ବିଶ୍ୱକପ୍‌ରେ ଚାଇନା ପ୍ରଥମଥର ପାଇଁ ଅଂଶଗ୍ରହଣ କରିବାକୁ ଯାଉଛି। ୨୦୦୬ ଦୋହା ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ହାସଲ କରି ଚାଇନା ତା'ର ଇତିହାସର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଚାଇନାରେ ହକି ସେତେଟା ଲୋକପ୍ରିୟ କ୍ରୀଡ଼ା ନୁହଁ। କିନ୍ତୁ ଏହି ରାଜ୍ୟରେ ଦୌର ଅଧିବାସୀ ରୁହନ୍ତି। ଏଠାରେ ପାରମ୍ପରିକ କ୍ରୀଡ଼ା 'ବେଇକୋଉ' ଖେଳାଯାଇଥାଏ। ଏହା ଫିଲ୍ଡ ହକି ସହିତ ପ୍ରାୟ ମେଳ ଖାଇଥାଏ। ଗତ ୧୦୦୦ ବର୍ଷ ହେବ ହକି ସହ ପାଖାପାଖି ସମାନ ମନେ ହେଉଥିବା ଏହି କ୍ରୀଡ଼ା ଏଠାରେ ଖେଳାଯାଇଥାଏ। ତେଣୁ ହକି ଏଠାରେ ଚାଇନାର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅପେକ୍ଷାକୃତ ଅଧିକ ଲୋକପ୍ରିୟ। ପୁଣି ଆଧୁନିକ ହକି ୧୯୭୦ର ଚାଇନାରେ ଖେଳାଯିବା ଆରମ୍ଭ ହୋଇଥିଲା।

କିମ୍‌ଙ୍କ ତତ୍ତ୍ୱାବଧାନରେ ଦୋହା ଏସିଆଡରେ ଭାରତ ଓ ପାକିସ୍ତାନ ଭଳି ଦଳକୁ ହରାଇ ଚାଇନା ରୌପ୍ୟ ପଦକ ଜିତିଥିଲା। ହକି ଏହି ରାଜ୍ୟରେ ସବୁଠାରୁ ଲୋକପ୍ରିୟ ଖେଳ ସାବ୍ୟସ୍ତ ହୋଇଛି ବୋଲି କିମ୍ କହିଛନ୍ତି। ପାରମ୍ପରିକ ଖେଳ 'ବେଇକେଉ' କାରଣରୁ ଏଠାକାର ଯୁବ ପିଢ଼ି ହକିକୁ ଆପଣେଇଛନ୍ତି। ଶୁକ୍ରବାର ପୁଲ ବି'ରେ ଚାଇନା ଇଂଲଣ୍ଡ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ ଓ ହକି ବିଶ୍ୱକପ୍‌ରେ ପଦାର୍ପଣ କରିବ। ବିନା ଭୟ ଓ ଆତ୍ମବିଶ୍ୱାସର ସହ ଖେଳିଲେ ଚାଇନା ଗୋଟିଏ ଦୁଇଟି ବଡ଼ ଦଳକୁ ହରାଇ ବିପର୍ଯ୍ୟୟ ଘଟାଇପାରିବ ବୋଲି ସେ କହିଛନ୍ତି। ଆମେ ଖେଳାଳିମାନେ ମାନସିକ ଭାବେ ଭାରି ଦୃଢ଼ ଓ ସମସ୍ତଙ୍କ ଫିଟ୍‌ନେସ୍ ଉଚ୍ଚକୋଟୀର। ତେବେ ଗୋଟିଏ ଦୁର୍ବଳତା ହେଉଛି ଆମ ଖେଳାଳିମାନ ପାଖରେ ଅଭିଜ୍ଞତାର ଅଭାବ ରହିଛି। ଯଦି ପିଚ୍‌ରେ ଆମ ଖେଳାଳିମାନେ ବ୍ୟସ୍ତ ହେବ ତାହାଲେ କିଛି କରିପାରିବେ ନାହିଁ। କିନ୍ତୁ ଯଦି ସେମାନେ ନିର୍ଭୀକ ଖେଳ ପ୍ରଦର୍ଶନ କରିବେ ତାହାଲେ ଚାଇନା ଖେଳାଳିମାନେ କିଛି ବି କରିପାରିବେ ବୋଲି କିମ୍ କହିଛନ୍ତି।

# ନ୍ୟୁଜିଲାଣ୍ଡ ୨-୧ରେ ଫ୍ରାନ୍ସକୁ ହରାଇଲା

ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି)

**ଗୋଲ ସ୍କୋରର**
**ମ୍ୟାଚ୍ ନଂ-୪**
**ନ୍ୟୁଜିଲାଣ୍ଡ**
କେନ୍ ରସେଲ- ୧୬ତମ ମିନିଟ୍
ଷ୍ଟିଫେନ ଜିନେସ- ୫୬ତମ
**ଫ୍ରାନ୍ସ**
ଭିକ୍ଟର ଚାର୍ଲେଟ୍- ୫୯ତମ ମିନିଟ୍

ରସେଲ କେନ୍ ଓ ଷ୍ଟିଫେନ ଜେନେସଙ୍କ ଗୋଲ ବଳରେ ନ୍ୟୁଜିଲାଣ୍ଡ ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଫ୍ରାନ୍ସକୁ ୨-୧ ଗୋଲରେ ପରାସ୍ତ କରିଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଫ୍ରାନ୍ସ ପକ୍ଷରୁ ଅଧିନାୟକ ଭିକ୍ଟର ଚାର୍ଲେଟ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ବିଶ୍ୱ ର୍ୟାଙ୍କିଙ୍ଗର ୨୦ତମ ସ୍ଥାନରେ ଥିବା ଫ୍ରାନ୍ସ ୯ ନମ୍ବର ଦଳ ନ୍ୟୁଜିଲାଣ୍ଡ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଶେଷ ୫ ମିନିଟରେ ଦଳ ଉତ୍ସାହୀ ପ୍ରଦର୍ଶନ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ମ୍ୟାଚ ଆରମ୍ଭରେ ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ନ୍ୟୁଜିଲାଣ୍ଡର ଜେନେସଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

ଗୁରୁବାରର ଆର୍ଜେଣ୍ଟିନା-ସ୍ପେନ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ନ୍ୟୁଜିଲାଣ୍ଡ-ଫ୍ରାନ୍ସ ଦ୍ୱିତୀୟ ମ୍ୟାଚ ଅପେକ୍ଷାକୃତ ମାନ୍ଦା ରହିଥିଲା। ଆକ୍ରମଣାତ୍ମକ ଖେଳି କୌଣସି ଦଳ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୬ତମ ମିନିଟରେ ନ୍ୟୁଜିଲାଣ୍ଡ ପକ୍ଷରୁ ରସେଲ କେନ୍ ପ୍ରଥମ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ଏହାପରେ ଆଉ କେତେକ ସୁଯୋଗ ସୃଷ୍ଟି ହୋଇଥିଲେ ହେଁ କୌଣସି ଦଳ ଏହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ତୃତୀୟ କ୍ୱାର୍ଟରରେ ମଧ୍ୟ ଧିମା ଖେଳ ଦେଖିବାକୁ ମିଳିଥିଲା। ଫଳରେ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଫ୍ରାନ୍ସ ଗୋଲ ପରିଶୋଧ କରିବାକୁ ଜୋରଦାର ଉଦ୍ୟମ କରିଥିଲା। ଆକ୍ରମଣ ପ୍ରତିଆକ୍ରମଣ ମଧ୍ୟରେ ମ୍ୟାଚର ୫୬ତମ ମିନିଟରେ ଷ୍ଟିଫେନ ଜେନେସ ଗୋଟିଏ ଗୋଲ ଦେଇ ନ୍ୟୁଜିଲାଣ୍ଡ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ଅସହାୟ ମନେ ହୋଇଥିବା ଫ୍ରାନ୍ସ କିନ୍ତୁ ଶେଷ ୬ ମିନିଟରେ ଖୁବ୍ ଲଢ଼ିଥିଲା। ଦଳ ପାଇଁ ୫୪ତମ ମିନିଟରେ ଗୋଲ ପରିଶୋଧ କରିବାର ସୁବର୍ଣ୍ଣ ସୁଯୋଗ ଆସିଥିଲା। ମାତ୍ର ଖେଳାଳିମାନେ ତାହାର ସଦୁପଯୋଗ କରିପାରି ନ ଥିଲେ। ମ୍ୟାଚ ଶେଷହେବାକୁ ମାତ୍ର ୧ ମିନିଟ ଥିବାବେଳେ ଅର୍ଥାତ୍ ୫୯ତମ ମିନିଟରେ ଦଳକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରିଥିଲେ ଅଧିନାୟକ ଭିକ୍ଟର ଚାର୍ଲେଟ। ଫଳରେ ଶେଷ ୧ ମିନିଟର ଖେଳ ବେଶ୍ ଉତ୍ତେଜନାପୂର୍ଣ୍ଣ ରହିଥିଲା। ମାତ୍ର ନ୍ୟୁଜିଲାଣ୍ଡ ଡିଫେନ୍ସକୁ ଭେଦକରି ଫ୍ରାନ୍ସ ଆଉ ଗୋଲ ଦେଇ ପାରି ନ ଥିଲା। ଫଳସ୍ୱରୂପ ନ୍ୟୁଜିଲାଣ୍ଡ ୨-୧ ଗୋଲରେ ବିଜୟୀ ହୋଇଥିଲା। ନ୍ୟୁଜିଲାଣ୍ଡ ଏହାର ପରବର୍ତ୍ତୀ ମ୍ୟାଚ ଡିସେମ୍ବର ୩ରେ ଆର୍ଜେଣ୍ଟିନା ସହିତ ଖେଳିବ। ସେହିଦିନ ଅନ୍ୟ ଏକ ମ୍ୟାଚ ସ୍ପେନ ଓ ଫ୍ରାନ୍ସ ମଧ୍ୟରେ ଅନୁଷ୍ଠିତ ହେବ।

## ଜେଥ୍ରୋ ସମ୍ବର୍ଦ୍ଧିତ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପରେ ବୁଧବାର ଅନୁଷ୍ଠିତ ଭାରତ ବିପକ୍ଷ ମ୍ୟାଚରେ ଦକ୍ଷିଣ ଆଫ୍ରିକାର ଯୁଷ୍ଟିସ ଜେଥ୍ରୋ କ୍ୟାରିୟରର ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଗୁରୁବାର ନ୍ୟୁଜିଲାଣ୍ଡ-ଫ୍ରାନ୍ସ ମ୍ୟାଚ ପରେ ଶତକ ମ୍ୟାଚ ପାଇଁ ଜେଥ୍ରୋଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା। ଏପରି ପରିବେଶରେ ଖେଳିଥିବାରୁ ଏବଂ ୧୦୦ତମ ମ୍ୟାଚରେ ପଦାର୍ପଣ କରିଥିବାରୁ ଜେଥ୍ରୋ ଖୁସି ଜାହିର କରିଥିଲେ।



ଗୁରୁବାର ଏସ୍‌ପ୍ଲାନେଡ୍‌ରେ ଶପିଙ୍ଗ ଅବସରରେ ପାକିସ୍ତାନ ହକି ଖେଳାଳି।

# କାର୍ଲସେନଙ୍କୁ ଚେସ୍ ବିଶ୍ୱକପ୍

ନୂଆଦିଲ୍ଲୀ,୨୯।୧୧

ତିନି ଥର ଚେସ୍ ବିଶ୍ୱ ଚାମ୍ପିୟନ ଖେଳାଳି ମାଗନ୍‌ସ କାର୍ଲସେନ ବୁଧବାର ସଫଳତାର ସହ ବିଶ୍ୱକପ୍ ବଜାୟ ରଖିଛନ୍ତି। ୨୭ ବର୍ଷୀୟ ଡିଫେଣ୍ଡିଂ ଚାମ୍ପିୟନ ଫାଇନାଲରେ ଆମେରିକାର ଫାବିଆନୋ କାରୁଆନାଙ୍କୁ ହରାଇ ଦେଇଛନ୍ତି। ନରୱେର କାର୍ଲସେନ ଫାଇନାଲରେ କ୍ରମାଗତ ୩ଟି ରାପିଡ ଚେସ୍ ଟାଇବ୍ରେକର ରାଉଣ୍ଡ ଜିତିଥିଲେ। କ୍ରମାଗତ ଦ୍ୱିତୀୟ ଥର ବିଶ୍ୱକପ୍ ଜିତିବା ପରେ କାର୍ଲସେନ କହିଛନ୍ତି, ମୁଁ ବିଶ୍ୱ ଚାମ୍ପିୟନଶିପ୍‌ରେ ଯେତେ ଖେଳାଳିଙ୍କ ସହ ଖେଳିଛି, ସେମାନଙ୍କ ମଧ୍ୟରୁ କାରୁଆନା ଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀ। ଚଳିତ ଥର ବିଶ୍ୱକପ୍ ଜିତିବା ଲାଗି କଠିନ ପରିଶ୍ରମ କରିବାକୁ ପଡ଼ିଛି ବୋଲି ସେ କହିଛନ୍ତି। ତାଙ୍କୁ ଟାଇଟଲ ସହ ଟୁର୍ନାମେଣ୍ଟର ମୋଟ ପୁରସ୍କାର ରାଶିର ୫୫ ପ୍ରତିଶତ ମିଳିବ, ଯାହାକି ୧.୧୪ ନିୟୁତ ଆମେରିକୀୟ ଡଲାର। ଏହାର ପରିମାଣ ଭାରତୀୟ ମୁଦ୍ରାରେ ପ୍ରାୟ ୮ କୋଟି ଟଙ୍କା। ଅନ୍ୟପକ୍ଷରେ ଦୀର୍ଘ ୪୩ ବର୍ଷ ପରେ ପ୍ରଥମ ଆମେରିକୀୟ ଖେଳାଳି ଭାବେ କାରୁଆନା ଚେସ ବିଶ୍ୱକପ୍ ଜିତିବା ଲାଗି ଆଶା ରଖିଥିଲେ। ଅନ୍ତିମ ଥର ୧୯୭୨ ଶୀତଳ ଯୁଦ୍ଧ ବେଳେ ସୋଭିଏଟ ୟୁନିୟନର ବୋରିସ ସ୍ପାସକିଙ୍କୁ ହରାଇ ଆମେରିକାର ବବି ଫିସ୍କର ବିଶ୍ୱକପ୍ ହାତେଇଥିଲେ।

# ମିଡିଲଟନ ୪୨୫*

ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପରେ ଶୁକ୍ରବାର ଇଂଲଣ୍ଡ ଓ ଚାଇନା ମଧ୍ୟରେ ମୁକାବିଲା ହେବ।ଏଥିରେଆକର୍ଷଣରକେନ୍ଦ୍ରରେରହିବେ୩୪ ବର୍ଷୀୟ ଇଂଲଣ୍ଡ ମିଡ୍‌ଫିଲ୍ଡର/ଫରୱାର୍ଡ ବାରୀ ମିଡିଲଟନ। ମିଡିଲଟନ ହେଉଛନ୍ତି ଇଂଲଣ୍ଡର ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଖେଳାଳି। ସେ ଉଭୟ ଇଂଲଣ୍ଡ ଓ ଗ୍ରେଟ୍ ବ୍ରିଟେନ ପକ୍ଷରୁ ମୋଟ ୪୨୫ଟି ମ୍ୟାଚ ଖେଳି ସାରିଛନ୍ତି। ଚାଇନା ବିପକ୍ଷରେ ସେ ୪୨୬ତମ ମ୍ୟାଚ ଖେଳିବେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଜିତିଥିବା ଇଂଲଣ୍ଡ ଦଳର ସେ ଅଧିନାୟକ ଥିଲେ। ହକି ବିଶ୍ୱକପରେ ଚାଇନା ଶୁକ୍ରବାର ପଦାର୍ପଣ କରିବ। ଦଳକୁ ପ୍ରଥମ ମ୍ୟାଚରେ ଇଂଲଣ୍ଡ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ।



ତାମିଲନାଡୁର ଉଟିସ୍ଥିତ କ୍ରିସେଣ୍ଟ କ୍ୟାସେଲ ପବ୍ଲିକ ସ୍କୁଲ ପରିସରରେ ଓଡ଼ିଶା ହକି ବିଶ୍ୱକପ୍-୨୦୧୮ ଲାଗି ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇ ଆୟୋଜିତ ଏକ କାର୍ଯ୍ୟକ୍ରମ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୩୦/୨୦୧୮ Bhubaneswar, Friday, November 30 / 2018




# ବିପ୍ଳବ ଓଡ଼ିଶାକୁ ଅଗ୍ରଣୀ କରାଇଲେ

**କଟକ ଅଫିସ,୨୯।୧୧**

ତ୍ରିପ୍ସ ଗ୍ରାଉଣ୍ଡରେ ହେଉଥିବା ଓଡ଼ିଶା-ତ୍ରିପୁରା ବିପକ୍ଷ ମ୍ୟାଚ୍ ନିର୍ଣ୍ଣାୟକ ମୋଡ଼ରେ ରହିଛି। ୯୦ ରନ୍‌ରେ ପଛୁଆ ରହିଥିବା ଭ୍ରମଣକାରୀ ତ୍ରିପୁରା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୫ ଉଇକେଟ ବିନିମୟରେ ୧୩୦ ରନ୍ ସଂଗ୍ରହ କରିଛି। ହାତରେ ୫ ଉଇକେଟ ବାକିଥିବା ବେଳେ ତ୍ରିପୁରା ମାତ୍ର ୪୦ ରନ୍‌ର ଅଗ୍ରଣୀ ହାସଲ କରିଛି। ତୃତୀୟ ଦିବସରେ ଓଡ଼ିଶା ତ୍ରିପୁରାର ବଳକା ଉଇକେଟ ଶୀଘ୍ର ଅକ୍ତିଆର କରି ଘରୋଇ ମାଟିରେ ଚାଲିଥିବା ଏହି ମ୍ୟାଚ୍‌କୁ କବ୍‌ଜା କରିବା ଆଶାରଖିଛି। ତ୍ରିପୁରାର ପ୍ରଥମ ଇନିଂସ୍ ୧୨୨ ରନ୍ ଜବାବରେ ଓଡ଼ିଶା ପ୍ରଥମ ଇନିଂସ୍ ୨୧୨ ରନ୍‌ରେ ସୀମିତ ରହିଥିଲା। ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ସଂଘର୍ଷପୂର୍ଣ୍ଣ ୮୯ ରନ୍ ଇନିଂସ ଖେଳି ଓଡ଼ିଶାକୁ ୯୦ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ୍ ଅଗ୍ରଣୀ ଦେଇଥିଲେ।

ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୩ ଉଇକେଟ ବିନିମୟରେ ୧୦୧ ରନ୍ କରିଥିଲା। ଦ୍ୱିତୀୟ ଦିବସ ଖେଳ ଆରମ୍ଭ ହେବା ମାତ୍ରେ ଓଡ଼ିଶା ଅନ୍ୟ ଏକ ଉଇକେଟ ହରାଇଥିଲା। ଶୁଭ୍ରାଂଶୁ ୪୧ ରନ୍‌ରେ ପାଭିଲିୟନ ଫେରିଥିଲେ। ପରେ ମଧ୍ୟକ୍ରମରେ ଅଲ୍‌ରାଉଣ୍ଡର ଅଭିଷେକ ରାଉତ (୧ ରନ୍), ରାଜେଶ ମହାନ୍ତି (୦) ଓ ଉଇକେଟକିପର ସୁଜିତ ଲେଙ୍କା (୪ ରନ୍) ଦଳକୁ ନିରାଶ କରିଥିଲେ। ୧୩୭ ରନ୍‌ରେ ୭ ଉଇକେଟ ହରାଇ ଘରୋଇ ଦଳ ସଙ୍କଟରେ ପଡ଼ିଥିଲା। ମାତ୍ର ଅଧିନାୟକ ବିପ୍ଳବ ଗୋଟିଏ ପାର୍ଶ୍ୱରୁ ତ୍ରିପୁରାର ପେସ୍ ଆଟାକ୍‌କୁ ଧୈର୍ଯ୍ୟର ସହ ସମ୍ମୁଖୀନ କରିଥିଲେ। ୯୯ ବଲ୍‌ରୁ ବିପ୍ଳବ ଅର୍ଦ୍ଧଶତକ ହାସଲ କରିଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟରେ ବିପ୍ଳବଙ୍କ ଏହା ୧୮ତମ ଅର୍ଦ୍ଧଶତକ ଥିଲା। ଦେବବ୍ରତ ପ୍ରଧାନ ୭ ରନ୍‌ରେ ଆଉଟ ହେବା ପରେ ୮ମ ଉଇକେଟରେ ସୂର୍ଯ୍ୟକାନ୍ତ ପ୍ରଧାନ ଓ ବିପ୍ଳବଙ୍କ ମଧ୍ୟରେ ୪୭ ରନ୍‌ର ଭାଗୀଦାରି କରି ସ୍କୋରକୁ ୨୦୦ ରନ୍ ଅତିକ୍ରମ କରାଇଥିଲେ। ସୂର୍ଯ୍ୟକାନ୍ତ ୧୪ ରନ୍‌ରେ ଆଉଟ ହେବା ବେଳକୁ ଓଡ଼ିଶାର ଦଳୀୟ ସ୍କୋର ୨୧୨ ଥିଲା। ଏହାପରେ ବିପ୍ଳବ ୮୯ ରନ୍‌ରେ (୧୩ ଚୌକା)ଆଉଟ ହେବା ସହ ଓଡ଼ିଶାର ଇନିଂସ ସମାପ୍ତ ହୋଇଥିଲା। ତ୍ରିପୁରାର ଏମ.ବି. ମୁରାସିଂ ଓ ଏ.କେ. ସରକାର ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଓଡ଼ିଶା ପ୍ରଥମ ଇନିଂସ୍‌ରେ ୯୦ ରନ୍ ଅଗ୍ରଣୀ କରିଥିଲା।

ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ତ୍ରିପୁରା ଷ୍ଟମ୍ପ ଅପସାରଣ ସୁଦ୍ଧା ୨ୟ ଇନିଂସରେ ୫ ଉଇକେଟ୍ ହରାଇ ୧୩୦ ରନ କରିଛି। ବିଶାଲ ଘୋଷ ୪୮, ସ୍ମିତ ପଟେଲ ୨୯ ରନ କରିଥିବାବେଳେ ପ୍ରତ୍ୟୁଷ ସିଂ ୧୮ ରନ୍, ରଣା ଦତ୍ତ ୧୦ ରନ୍‌ରେ ଅପରାଜିତ ରହିଛନ୍ତି। ସଫଳ ବୋଲରଭାବେ ରାଜେଶ ମହାନ୍ତି ୩ଟି ଏବଂ ବସନ୍ତ ଓ ସୂର୍ଯ୍ୟକାନ୍ତ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ- ୨୧୨ରେ ଅଲ୍‌ଆଉଟ, ବିପ୍ଳବ ୮୯ରନ୍, ଶୁଭ୍ରାଂଶୁ ୪୧ରନ୍, ଏ.କେ ସରକାର ୩୩/୩, ମୁରା ସିଂ ୩୭/୩ ।

ତ୍ରିପୁରା ଦ୍ୱିତୀୟ ଇନିଂସ୍- ୧୩୦/୫, ବିଶାଲ ୪୮ରନ୍, ସ୍ମିତ୍ ୨୯ରନ୍, ରାଜେଶ ୪୨/୩, ବସନ୍ତ ୧୫/୧।




# କୋହଲିଙ୍କ ଅର୍ଦ୍ଧଶତକ

**ସିଡ୍‌ନୀ, ୨୯।୧୧(ପି.ଟି.)**

ଟେଷ୍ଟ ସିରିଜ ପୂର୍ବରୁ କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ବିପକ୍ଷରେ ଏଠାରେ ଚାଲିଥିବା ୪ ଦିବସୀୟ ଅଭ୍ୟାସ ମ୍ୟାଚ୍‌ରେ ଭାରତୀୟ ଦଳର ବ୍ୟାଟ୍ସମ୍ୟାନ ଭଲ ଫର୍ମର ସୂଚନା ଦେଇଛନ୍ତି। ଦ୍ୱିତୀୟ ଦିବସରେ ପାଞ୍ଚଜଣ ଭାରତୀୟ ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରିଛନ୍ତି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପକ୍ଷରୁ ଅଧିନାୟକ ବିରାଟ କୋହଲିଙ୍କ ସହ ପୃଥ୍ୱୀ ଶ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ ଓ ହନୁମା ବିହାରୀ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଫଳରେ ଭାରତ ପ୍ରଥମ ଇନିଂସରେ ୯୨ ଓଭରରେ ୩୫୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭ୍ରମଣକାରୀ ଭାରତ ପକ୍ଷରୁ ପୃଥ୍ୱୀ ସର୍ବାଧିକ ୬୬ ରନ୍ (୬୯ ବଲ୍, ୧୧ ଚୌକା) କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋହଲି ୬୪, ପୂଜାରା ୫୪, ହନୁମା ୫୩ ରନ କରିଥିଲେ। ସେହିଭଳି ରାହାନେ ୧୨୩ ବଲ୍‌ରୁ ଗୋଟିଏ ଚୌକା ସହ ୫୬ ରନ୍ କରି ରିଟାର୍ଡ ଆଉଟ୍ ହୋଇଥିଲେ। ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ ପାଇଁ ସଂଘର୍ଷ କରୁଥିବା ରୋହିତ୍ ଶର୍ମା ମଧ୍ୟକ୍ରମରେ ବ୍ୟାଟିଂ କରିବାକୁ ଆସି ୪୦ ରନ କରି ଆଉଟ୍ ହୋଇଥିବାବେଳେ ରିଷଭ ପନ୍ତ ୧୧ ରନ୍ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ଏକାଦଶ ପକ୍ଷରୁ ଆରୋନ ହାର୍ଡିଙ୍କୁ ସର୍ବାଧିକ ୪ଟି ଉଇକେଟ ମିଳିଥିଲା।

ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ଗୁରୁବାର ୨ୟ ଦିବସ ଖେଳ ଶେଷ ସୁଦ୍ଧା କୌଣସି ଉଇକେଟ ନ ହରାଇ ୨୪ ରନ୍ ସଂଗ୍ରହ କରିଛି।

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

# ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ଯୋଗାଯୋଗ: ଭୁବନେଶ୍ୱର:** ସାଇପ୍ରସାଦ ଦାଶ (୭୮୯୪୪୬୨୯୨୦), ସଞ୍ଜୟ ସାହୁ (୯୦୪୦୮୦୦୩୭୪), ସଞ୍ଜୟ ତୋଷ (୭୦୦୮୦୧୯୭୪୩) **କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫)
**ପୁରୀ/ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧) **ଖୋର୍ଦ୍ଧା:** ଅରବିନ୍ଦ ପାଠୀ (୭୦୦୮୯୫୦୪୨୫)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



“ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି।
- କୋପରନିକସ



■ ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ

# ପ୍ରଥମ ୩ ସ୍ଥାନରେ ବେସରକାରୀ ସ୍କୁଲ

■ ୩ୟ ଶ୍ରେଣୀରେ ଧରିତ୍ରୀ ମିଶ୍ର, ୫ମରେ ସୁନିତା ବେହେରା ପ୍ରଥମ
■ ମେରିଟ୍ ଲିଷ୍ଟରେ ସରକାରୀ ସ୍କୁଲ ପିଲା ସଂଖ୍ୟା ଅଧିକ

ନିଶ୍ଚିନ୍ତକୋଇଲି,୨୯।୧୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ପକ୍ଷରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମେଧାବୃତ୍ତି ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ଉଭୟ ୩ୟ ଓ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସରକାରୀ ସ୍କୁଲର ପିଲାମାନଙ୍କୁ ପଛରେ ପକାଇ ବେସରକାରୀ ସ୍କୁଲର ଛାତ୍ରୀଛାତ୍ର ଶ୍ରେଷ୍ଠ ୩ ସ୍ଥାନ ଅଧିକାର କରିଛନ୍ତି। ସୂଚନା ଅନୁଯାୟୀ, ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଥିବା ଶ୍ରେଷ୍ଠ ୭ଜଣଙ୍କ ମଧ୍ୟରେ କୁଟିଲୋ ଶିବାନନ୍ଦ ବିଦ୍ୟାମନ୍ଦିରର ଧରିତ୍ରୀ ମିଶ୍ର ୧ମ, କୁଟିଲୋ ଗଣପତି ଶିଶୁ ମନ୍ଦିରର ରବିକିଙ୍କର ବେହେରା ୨ୟ, ଶିବାନନ୍ଦ ବିଦ୍ୟାମନ୍ଦିରର ହିତେନ ଆଚାର୍ଯ୍ୟ ୩ୟ ଓ ଦିଲୀପ କୁମାର ସିଂ ୪ର୍ଥ ସ୍ଥାନରେ ରହିଛନ୍ତି। ସେହିପରି ଉଚ୍ଚ ପ୍ରାଥମିକ ତଥା ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ନତକାଇ ବୟେଜ ପ୍ରାଇମେରୀର ସୁନିତା ବେହୁରା ୧ମ, ସାନ୍ତପୁର ସରସ୍ୱତୀ ଶିଶୁ ମନ୍ଦିରର ଅନନ୍ୟା ଅଭିଲିପ୍ସା ସାହୁ ୨ୟ, କୁଟିଲୋ ଶିବାନନ୍ଦ ବିଦ୍ୟାମନ୍ଦିରର ରିତୁପର୍ଣ୍ଣା ନନ୍ଦ ୩ୟ, ସାନ୍ତପୁର ସରସ୍ୱତୀ ଶିଶୁ ମନ୍ଦିରର ଯାଜ୍ଞସେନୀ ଦାସ ଓ ନଗସପୁର ପ୍ରାଥମିକ ବିଦ୍ୟାଳୟର ଲକି ବେହେରା ଯୁଗ୍ମ ୪ର୍ଥ ସ୍ଥାନରେ ରହିଛନ୍ତି। ୩ୟ ଶ୍ରେଣୀରେ ମୋଟ୍ ୧୪ ଓ ୫ମ ଶ୍ରେଣୀରେ ୧୪ ଜଣ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ମେଧାବୃତ୍ତି ତାଲିକାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସରକାରୀ ସ୍କୁଲ ଅପେକ୍ଷା ବେସରକାରୀ ସ୍କୁଲ ମେଧା ବିକାଶରେ ଆଗରେ ଅଛନ୍ତି। ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ବହୁ ଯୋଜନା ହାତକୁ ନେଉଛନ୍ତି। ସର୍ବଶିକ୍ଷା ଅଭିଯାନରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ, ପୋଷାକ ଏବଂ ଜୋତା ଆଦି ଦିଆଯାଉଛି। ବିଦ୍ୟାଳୟ ଭିତ୍ତିଭୂମି ବିକାଶ ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରତିବର୍ଷ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଏପରିକି ସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ବେସରକାରୀ ସ୍କୁଲ ଅପେକ୍ଷା ଅଧିକ ଦରମା ମିଳୁଛି। ଏହା ସତ୍ତ୍ୱେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାନ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି ବୋଲି କେତେଜଣ ଅଭିଭାବକ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ରଞ୍ଜନ ଦାସ କୁହନ୍ତି, ସରକାରୀ ସ୍କୁଲରେ ସରକାର ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ମାତ୍ର ଯୋଜନାର ସଫଳ ରୂପାୟନ ହେଉଛି କି ନାହିଁ ତାହା ଦେଖୁନାହାନ୍ତି। ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏ ସମ୍ପର୍କରେ ମଣ୍ଡଳ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ କୁହନ୍ତି, ଯଦିଓ ମେଧା ତାଲିକାରେ ୧ମ, ୨ୟ, ୩ୟ ସ୍ଥାନରେ ବେସରକାରୀ ସ୍କୁଲ ଛାତ୍ରୀଛାତ୍ର ଅଛନ୍ତି, ତେବେ ମେରିଟ ଲିଷ୍ଟରେ ସରକାରୀ ବିଦ୍ୟାଳୟର ପିଲାଙ୍କ ସଂଖ୍ୟା ଅଧିକ ଅଛି। ସରକାରୀ ସ୍କୁଲ ଅପେକ୍ଷା ବେସରକାରୀ ସ୍କୁଲର ଅଭିଭାବକମାନେ ପିଲାମାନଙ୍କ ପ୍ରତି ଅଧିକ ଯତ୍ନବାନ ହେଉଥିବାରୁ ସେମାନେ ସଫଳତା ପାଉଛନ୍ତି।

## ସଂକ୍ଷେପରେ

### ଟାଟା ଏସିଇ ମାଡ଼ିଯିବାରୁ ଜଣେ ଗୁରୁତର, ୨ ଆହତ

ବାଙ୍କୀ, ୨୯।୧୧(ସ୍ୱ.ପ୍ର): ବାଙ୍କୀ କଟକ ମୁଖ୍ୟରାସ୍ତାର ଚାରିଘରିଆରେ ଗୁରୁବାର ସନ୍ଧ୍ୟାରେ ଏକ ଟାଟା ଏସିଇ ଭାରସାମ୍ୟ ହରାଇ ସାମ୍ନା ପଟୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେବା ସହ ୨ ପଥଚାରୀଙ୍କ ଉପରକୁ ମାଡି ଯାଇଛି। ଫଳରେ ବାଇକ୍ ଚାଳକ ବିଭୂତି ସାମନ୍ତରାୟ ଓ ପଥଚାରୀ ଶ୍ରୀଧର ଭୋଇ ଆହତ ହୋଇଥିବା ବେଳେ ଅନ୍ୟ ଜଣେ ପଥଚାରୀ ଅମିନ ଭୋଇ ଗୁରୁତର ହୋଇଛନ୍ତି। ବିଭୂତି ବଡମ୍ବାସ୍ଥିତ କଙ୍କଡାଯୋଡି ଗ୍ରାମର ହୋଇଥିବା ବେଳେ ଅମିନ ଓ ଶ୍ରୀଧର ଚାରିଘରିଆ ଗ୍ରାମର ବୋଲି ଜଣାପଡିଛି। ଡମପଡା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଅମିନଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ପୋଲିସ ଜବତ କରିଛି।

### ବସ୍ ଦୁର୍ଘଟଣାରେ ବୃଦ୍ଧ ଗୁରୁତର

ବଡ଼ମ୍ବା,୨୯।୧୧(ଡି.ଏନ୍.ଏ.): ବଡ଼ମ୍ବା ବ୍ଲକ ମାଣିଆବନ୍ଧ ଫାଣ୍ଡି ଅଧୀନ ବିଧାରପୁର ନିକଟରେ ଗୁରୁବାର ଏକ ଯାତ୍ରୀବାହୀ ଘରୋଇ ବସ୍ (ହରିଓମ୍) ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ କୁଆଁରପାଳ ପଞ୍ଚାୟତ ଅଧୀନ ଭାଗବତପୁର ଅଞ୍ଚଳର ନକୁଳ ବେହେରା(୫୮)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ବସ୍ କାଚ ଭାଙ୍ଗି ଦେଇଥିଲେ। ଖବରପାଇ ପୋଲିସ ବସ୍‌କୁ ଜବତ କରି ମାଣିଆବନ୍ଧ ଫାଣ୍ଡିରେ ରଖିଛି ବୋଲି ଫାଣ୍ଡି ଅଧିକାରୀ ବସନ୍ତ କୁମାର ଶତପଥୀ କହିଛନ୍ତି। ଦୁର୍ଘଟଣା ପରେ ବସ୍‌ର ସମସ୍ତ କର୍ମଚାରୀ ଫେରାର ହୋଇଯାଇଛନ୍ତି।

### ସିପିଆଇ କର୍ମୀଙ୍କ ବିକ୍ଷୋଭ

ସାଲେପୁର,୨୯।୧୧(ଡି.ଏନ୍.ଏ.): ସାଲେପୁର ବ୍ଲକ୍ ଅନ୍ତର୍ଗତ ଚମ୍ପତି ପଞ୍ଚାୟତର ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ଗୁରୁବାର ସିପିଆଇ ପକ୍ଷରୁ ସାଲେପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇ ନେତା ତଥା ମୁତାରିଫା ପଞ୍ଚାୟତ ସମିତିସଭ୍ୟ ଉଦୟ କେଶରୀ ବର୍ମାଙ୍କ ନେତୃତ୍ୱରେ ବହୁ ସିପିଆଇ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ଚମ୍ପତି ପଞ୍ଚାୟତ ଗୋପୀନାଥପୁର ମୌଜାର ମା'ମଙ୍ଗଳା ଗ୍ରାମର ଭୂମିହୀନମାନଙ୍କୁ ଜମିପଟ୍ଟା ପ୍ରଦାନ, ମୁତାରିଫା ପଞ୍ଚାୟତର ଆଠମାଣିଆ ଗ୍ରାମ ସମେତ ବିଭିନ୍ନ ଅଞ୍ଚଳର ରାସ୍ତା ସମସ୍ୟାର ସମାଧାନ, ମୁତାରିଫା ପଞ୍ଚାୟତର କାଜିବଜାର ନିକଟରେ ଥିବା ବାଣ ଗୋଦାମର ଅନୁମତି ବାତିଲ ଏବଂ ସାଲେପୁର ତହସିଲର ବିଭିନ୍ନ ଅଞ୍ଚଳରୁ ବେଆଇନ ମାଟି ଓ ବାଲି ଉଠାଣ ବନ୍ଦ କରିବା ଆଦି ଦାବି କରି ବିକ୍ଷୋଭ କରାଯାଇଥିଲା। କାର୍ଯ୍ୟକ୍ରମରେ ତ୍ରୈଲୋକ୍ୟ ନାଥ, ବିନୋଦ ବେହେରା, ରାମଚନ୍ଦ୍ର ବେହେରା, ଯୁବନେତା ସନାତନ ମଲ୍ଲିକ, ଆୟୁବ ଅହେମ୍ମଦ, ଅରକ୍ଷିତ ସେଠୀ, କୁନିଆ ଦାସ, ଝରଣା ମଲ୍ଲିକ, ପ୍ରତାପ ଚୁଲି, ପ୍ରଶାନ୍ତ ମିଶ୍ର ଓ ପରମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାଲେପୁର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ମୁକ୍ତ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଓଟିଇଟି ସୁଯୋଗ ଦେବାକୁ ବିରୋଧ



ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି।

ବାଙ୍କୀ, ୨୯।୧୧(ସ୍ୱ.ପ୍ର)

ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଶିକ୍ଷକତା ପାଠ ପଢ଼ିଥିବା ଛାତ୍ରୀଛାତ୍ରମାନେ ଓଟିଇଟିପ୍ରବେଶିକା ପରୀକ୍ଷା ଦେଇ ଶିକ୍ଷକତା କରିବାକୁ ସୁଯୋଗ ପାଇପାରିବେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ରଗଡି ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଗୁରୁବାର ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ଦେଇଛନ୍ତି। ଏହାଦ୍ୱାରା ବହୁ ଯୋଗ୍ୟ ଛାତ୍ରୀଛାତ୍ର ଶିକ୍ଷକତା କରିବାରୁ ବଞ୍ଚିତ ହେବେ ବୋଲି ଧାରଣାକାରୀମାନେ ଅଭିଯୋଗ କରିଛନ୍ତି। ଅର୍ଦ୍ଧ ପ୍ରଶିକ୍ଷିତ ବ୍ୟକ୍ତିଙ୍କୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବାକୁ ସେମାନେ ବିରୋଧ କରିଛନ୍ତି। ଧାରଣାଯୋଗୁ ବିଦ୍ୟାଳୟରେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଧାରଣାରେ ଅମର ଜ୍ୟୋତି ପାତ୍ର, ବିଶ୍ୱଜିତ୍ ପ୍ରଧାନ, ବିଷ୍ଣୁଚରଣ ସାହୁ, ସୁଧାଂଶୁ ଶେଖର ଦାସ, ରୁଦ୍ରନାରାୟଣ ସାମଲ ପ୍ରମୁଖ ସାମିଲ ହୋଇଛନ୍ତି। ସମାଧାନର ବାଟ ନ ବାହାରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି।

■ ଯୁବତୀଙ୍କୁ ଅପହରଣ ପରେ ପୋଡି ଜାଳିଦେବା ଉଦ୍ୟମ ଘଟଣା

## ଅଭିଯୁକ୍ତ ଗାଡ଼ିଚାଳକ ଗିରଫ

ମାହାଙ୍ଗା,୨୯।୧୧(ସ୍ୱ.ପ୍ର.)

ମାହାଙ୍ଗା ଥାନା ଅନ୍ତର୍ଗତ ଜୟପୁର ଫାଣ୍ଡି ଅଞ୍ଚଳର ଜଣେ ଯୁବତୀଙ୍କୁ ଉକ୍ତ ଅଞ୍ଚଳର କେତେଜଣ ଯୁବକ କାର ଯୋଗେ ଅପହରଣ କରି ନେବା ସହ ଜୋରଜବରଦସ୍ତ ଧର୍ମ ପରିବର୍ତ୍ତନ କରିବା ପାଇଁ ଚାପ ପ୍ରୟୋଗ କରିଥିଲେ। ଏଥିସହ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏନେଇ ପୀଡିତା ଗତ ୨ ତାରିଖରେ ମାହାଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ (ନଂ-୨୧୩/୧୮)ମାମଲା ରୁଜୁ କରାଯାଇଥିଲା। ମାତ୍ର ତଦନ୍ତରେ ବିଳମ୍ବ ହେବାରୁ ପୀଡିତା ଏସପିଙ୍କ ଦ୍ୱାରସ୍ଥ ହେବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ନ କଲେ ମାହାଙ୍ଗା ଥାନା ସମ୍ମୁଖରେ ଆତ୍ମାହୁତି ଦେବା ଲାଗି ଚେତାବନୀ ଦେଇଥିଲେ। ଏହି ଘଟଣାରେ ମାହାଙ୍ଗା ଥାନା ପକ୍ଷରୁ ଗୁରୁବାର ସମ୍ପୃକ୍ତ କାର ଚାଳକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ସେକ ସାକିର(୨୦)। ତେବେ ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ସହଯୋଗୀମାନେ ଏବେବି ଫେରାର ଥିବା ସୂଚନା ମିଳିଛି। ଘଟଣାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

## ଏକତା ସୂତ୍ରରେ ବାନ୍ଧୁଛି ଛାଡ଼ଖାଇ ଯାତ୍ରା


ଛାଡ଼ଖାଇ ଉତ୍ସବର ଷଷ୍ଠ ସନ୍ଧ୍ୟାରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ନରସିଂହପୁର,୨୯।୧୧(ଡି.ଏନ୍.ଏ.)

### ଛାଡଖାଇ ଉତ୍ସବର ଷଷ୍ଠ ସନ୍ଧ୍ୟା

ନରସିଂହପୁରରେ ଛାଡଖାଇ ଉତ୍ସବର ଷଷ୍ଠ ସନ୍ଧ୍ୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ କଟକ ଜିଲାପରିଷଦର ସଭାପତି ଜ୍ୟୋତିରେଖା ନାୟକ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଜିଲା ପରିଷଦ ସଭ୍ୟ ନିର୍ମଳ ଜେନା ଯୋଗଦେଇ ସମଗ୍ର ନରସିଂହପୁର ଅଞ୍ଚଳକୁ ଏକତା ସୂତ୍ରରେ ବାନ୍ଧି ରଖିବାର ମାଧ୍ୟମ ଛାଡଖାଇ ଯାତ୍ରା ବୋଲି ପ୍ରକାଶ କରିଥିଲେ। ଉତ୍ସବରେ ନରସିଂହପୁର ତହସିଲଦାର ରାଜ କିଶୋର ଜେନା ସଭାପତିତ୍ୱ କରିଥିଲେ। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଇନଜୀବୀ ଦେବଦତ୍ତ ମଳୟ କୁମାର ବରାଳ ସଂଯୋଜନା କରିଥିଲେ। ଏହି ଅବସରରେ ଛତ୍ରପୁରରୁ ଆସିଥିବା ମଡର୍ଣ୍ଣ ଡ୍ୟାନ୍ସ ଗ୍ରୁପର ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। କାର୍ଯ୍ୟକ୍ରମକୁ ପ୍ରାୟ ୪ ଊର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଥିଲେ। କଟକରୁ ଆସିଥିବା ସୁର ମନ୍ଦିର ନାଟ୍ୟ ଅନୁଷ୍ଠାନର କଳାକାରମାନେ କଳା ସଂଗୀତ ପରିବେଷଣ କରିଥିଲେ। ରାତ୍ର ୧୨ଟାରୁ ରୁପମହଲ ଅପେରା ଦଳ ସାରା ରାତି ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଥାନା ଅଧିକାରୀ ତଥା ଉତ୍ସବର ସମ୍ପାଦକ ନିହାର ରଞ୍ଜନ ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।







ପ୍ରୀତମ


ରିତେଶ


ସ୍ନେହଲତା


ସୁଚିତ୍ରା


ପୂର୍ଣ୍ଣେନ୍ଦୁ


ଅନିଲ


ନୀଳକଣ୍ଠ


ଲିପି



"ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି।
- କୋପରନିକସ



# ଯାଞ୍ଚବେଳେ ଧରାପଡ଼ିଲା ଗାଡ଼ି ଚୋର ଗ୍ୟାଙ୍ଗ୍

**କଟକ ଅଫିସ, ୨୯।୧୧**



ଜବତ ବାଇକ୍ ଓ ଗିରଫ ଅଭିଯୁକ୍ତ।

■ମାଷ୍ଟରମାଇଣ୍ଡ୍ ସମେତ ୪ ଗିରଫ
■ଗୋଟିଏ କାର୍, ୧୯ ବାଇକ୍ ଜବତ

ଚାଉଳିଆଗଞ୍ଜ ଥାନା ପକ୍ଷରୁ ଯାଞ୍ଚ ଚାଲିଥିବାବେଳେ ଧରାପଡ଼ିଲା ଆନ୍ତଃ ଜିଲା ଗାଡ଼ି ଚୋରି ଗ୍ୟାଙ୍ଗ୍। ପୋଲିସ ଗ୍ୟାଙ୍ଗ୍ ମୁଖ୍ୟଙ୍କ ସମେତ ୪ଜଣଙ୍କୁ ଗିରଫ କରିବା ସହ ଗୋଟିଏ କାର୍ ଓ ୧୯ ଚୋରା ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଦାମବାଡ଼ି ଥାନା ଅନ୍ତର୍ଗତ ବିଶିନଗର ଦାସସାହି ଅଞ୍ଚଳର କୈଳାସ କର ଓରଫ ଦୁଲିଆ(୩୪), କନ୍ଦରପୁର ଥାନା ଅନ୍ତର୍ଗତ ବିରିବାଟୀ ଅଞ୍ଚଳର ବିଦ୍ୟାଧର ବେହେରା ଓରଫ ବିଦ୍ୟା(୩୯), ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅନ୍ତର୍ଗତ ବଗଲପୁର ଅଞ୍ଚଳର ପ୍ରଭାତ ସାମଲ ଓରଫ କାଶୀ(୩୩), ତିର୍ତ୍ତୋଲ ଥାନା ଅନ୍ତର୍ଗତ ତେର୍ତ୍ତାଙ୍ଗ ଅଞ୍ଚଳର ପୁରୁଷୋତ୍ତମ ସାହୁ ଓରଫ ପୁରିଆ(୪୦)। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏମାନଙ୍କ ନାମରେ କଟକର ଚାଉଳିଆଗଞ୍ଜ, ମର୍କତନଗର, ବାଦାମବାଡ଼ି, ଜଗତ୍‌ସିଂହପୁରର ତିର୍ତ୍ତୋଲ ଓ ଭୁବନେଶ୍ୱର ଇନ୍‌ଫୋସିଟି ଥାନାରେ ବହୁ ଚୋରି ମାମଲା ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ପୋଲିସ ସୂଚନାନୁସାରେ, ବୁଧବାର ଚାଉଳିଆଗଞ୍ଜ ପୋଲିସ ସ୍ଥାନୀୟ ନୟାବଜାର ଛକଠାରେ ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ କାଶୀ ଏବଂ ଦୁଲିଆ ନମ୍ବର ବିହୀନ ଏକ ବାଇକରେ ଉକ୍ତ ବାଟ ଦେଇ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇ ଗାଡ଼ିର କାଗଜପତ୍ର ମାଗିଥିଲେ। ହେଲେ ସେମାନେ ଗାଡ଼ିର କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ସେମାନଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ଚୋରି ଗ୍ୟାଙ୍ଗ ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା। ଏହାପରେ ଚଢ଼ାଉ କରାଯାଇ ଗ୍ୟାଙ୍ଗ୍‌ର ଅନ୍ୟ ଦୁଇ ସଦସ୍ୟ ପୁରିଆ ଓ ବିଦ୍ୟାଙ୍କୁ ଗିରଫ କରି ଥାନାକୁ ଅଣାଯାଇଥିଲା। ଏହି ଦୁଇଜଣ ଚୋରି ବାଇକ୍‌କୁ ବିକ୍ରି କରିବା ଦାୟିତ୍ୱ ସମ୍ଭାଳୁଥିଲେ। ସମସ୍ତଙ୍କୁ ଜେରା ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗୋଟିଏ କାର୍, ୧୭ ବାଇକ ଓ ଗୋଟିଏ କଟର ମେଶିନକୁ ଜବତ କରିଥିଲା ପୋଲିସ। ଏ ନେଇ ପୋଲିସ ଏକ ମାମଲା (୨୨୫/୧୮) ରୁଜୁ କରି ଅଧିକ ଖୋଳତାଡ଼ କରୁଛି।



## ଚିତ୍ରେଶ୍ୱର ଗ୍ରାମରୁ ଅଜଗର ଉଦ୍ଧାର

**ଚୌଦ୍ୱାର,୨୯।୧୧(ଡି.ଏନ.ଏ.)**

ଚୌଦ୍ୱାର ପୌରପାଳିକା ଅଧୀନ ୧୫ନଂ. ୱାର୍ଡ ଚିତ୍ରେଶ୍ୱର ଗ୍ରାମରୁ ଗୁରୁବାର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, କାର୍ତ୍ତିକ ଚନ୍ଦ୍ର ରାଉତ ସକାଳେ ନିକଟସ୍ଥ ପୋଖରୀକୁ ମାଛ ଧରିବା ପାଇଁ ଯାଇଥିଲେ। ପୋଖରୀରେ ଜାଲ ପକାଇବାବେଳେ ଏହା ଭିତରେ ଉକ୍ତ ସାପ ପଡିଥିଲା। ଖବରପାଇ ଚୌଦ୍ୱାର ବନପାଳ ଓ କର୍ମଚାରୀ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଡମଣୀ ଜଙ୍ଗଲରେ ଛାଡିଥିବା ଜଣାପଡିଛି।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**କଟକ ସଦର, ୨୯।୧୧(ଡି.ଏନ୍.ଏ.):** ଋଣ କିସ୍ତି ଶୁଝି ନ ପାରି କିଶୋର ନଗର ଥାନା ନିକଟରେ ଗୁରୁବାର ସ୍ଥାନୀୟ କମରପଦାର ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ମହିଳା ଜଣକ ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା। ସେହି ଗ୍ରୁପ୍‌ର ସଭ୍ୟାମାନେ କନ୍ଦରପୁରର ଏକ ଘରୋଇ ବ୍ୟାଙ୍କରୁ ଋଣ ଆଣିଥିଲେ। ସଭ୍ୟାମାନେ ଋଣ କିସ୍ତି ମାସକୁ ମାସ ଦେଉଥିବାବେଳେ ଏକମାତ୍ର ଏହି ମହିଳା ଜଣକ ଖିଲାପିଥିଲେ। ତେଣୁ ଉକ୍ତ ଗୋଷ୍ଠୀ ପକ୍ଷରୁ ସମ୍ପୃକ୍ତା ମହିଳାଙ୍କ ବିରୋଧରେ ଏତଲା ଦିଆଯାଇଥିଲା। ପୋଲିସ ଆପୋସ ସମାଧାନ ପାଇଁ ଥାନାକୁ ଡାକିଥିଲା। ଗୁରୁବାର ମହିଳା ଜଣଙ୍କ ଥାନାକୁ ଆସିବା ପରେ ଅନ୍ୟ ସଭ୍ୟାମାନେ ତାଙ୍କୁ ଥଟ୍ଟା କରିଥିଲେ। ପରେ ସମ୍ପୃକ୍ତା ମହିଳା ରାଗରେ ବିଷ ପିଇଦେଇଥିଲେ। ହେଲେ ମହିଳା ଜଣକ ନିଜ ବିଷ ପିଇଲେ ନାଁ ତାଙ୍କୁ କେହି ବିଷ ପିଆଇ ଦେଇଛି ତାହାକୁ ଜାଣିବା ପାଇଁ ପୋଲିସ ଘଟଣାସ୍ଥଳରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମହିଳା ଜଣଙ୍କ ଅସୁସ୍ଥ ହେବା ପରେ ଥାନାର ଜଣେ ଏଏସ୍‌ଆଇ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ମଧ ସେ ନ ଆସିବାରୁ ଅଟୋରେ ତାଙ୍କୁ କଟକ ନିଆଯାଇଥିଲା।

### ରାସ୍ତା ନିର୍ମାଣକୁ ନେଇ ୨ଗୋଷ୍ଠୀ ଛକାପଞ୍ଝା

**କଣ୍ଟାପଡା, ୨୯।୧୧(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ପୋହଳ ଗ୍ରାମରେ ଏକ ଢଳେଇ ରାସ୍ତା ନିର୍ମାଣକୁ ନେଇ ଗ୍ରାମର ଦୁଇଗୋଷ୍ଠୀ ମଧରେ ଛକାପଞ୍ଝା ଆରମ୍ଭ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଏକ ଗୋଚର ଜମିରେ ଢଳେଇ ରାସ୍ତା ନିର୍ମାଣକୁ ଗୋଟିଏ ଗୋଷ୍ଠୀ ବିରୋଧ କରୁଥିବାବେଳେ ଆଉ ଏକ ଗୋଷ୍ଠୀ ଗ୍ରାମବାସୀଙ୍କ ପାଇଁ ରାସ୍ତାଟିର ଆବଶ୍ୟକତା ରହିଛି ବୋଲି ଦାବି କରିଛନ୍ତି। ୧୦ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତାଟି ନିର୍ମାଣ ସରିଥିବାବେଳେ ଏହାକୁ ବିରୋଧ କରି ଗୋଟିଏ ଗୋଷ୍ଠୀ ବିଡିଓ, ତହସିଲଦାରଙ୍କ ନିକଟରେ ଗତ ୨୪ ତାରିଖରେ ଅଭିଯୋଗ କରିଥିଲେ। ଅପରପକ୍ଷେ ଚାଷୀଙ୍କର ଆବଶ୍ୟକତା ସାଙ୍ଗକୁ ଗ୍ରାମ ଶ୍ମଶାନକୁ ଯାତାୟାତ ପାଇଁ ରାସ୍ତାଟିର ଆବଶ୍ୟକତା ରହିଛି ବୋଲି ରାସ୍ତା ନିର୍ମାଣକୁ ସମର୍ଥନ ଜଣାଇ ଅନ୍ୟ ଏକ ଗୋଷ୍ଠୀ ବିଡିଓ ଓ ଜିଲାପାଳଙ୍କ ନିକଟରେ ଗତ ୨୭ ତାରିଖରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ କେ. ଅଶୋକ କୁମାର କୁହନ୍ତି, ଉଭୟ ପକ୍ଷରୁ ଆସିଥିବା ଅଭିଯୋଗର ତଦନ୍ତ ପାଇଁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଥାନାଧିକାରୀଙ୍କ ବିରୋଧରେ ଡିସିପିଙ୍କୁ ଫେରାଦ ହେଲା ଚୌଦ୍ୱାର ସାମ୍ବାଦିକ ସଂଘ

**କଟକ ଅଫିସ, ୨୯।୧୧**

ଚୌଦ୍ୱାର ଥାନାଧିକାରୀ ଜମି ମାଫିଆ ଓ ଅସାଧୁ ବ୍ୟବସାୟୀଙ୍କ ସହ ଭିତିରି ସମ୍ପର୍କ ରଖି ଖବରଦାତାମାନଙ୍କ ବିରୋଧରେ ମାମଲା ରୁଜୁ କରୁଥିବା ଏବଂ ଜନସାଧାରଣଙ୍କୁ ଅଯଥା ମିଥ୍ୟା ମାମଲାର ଫସାଉଥିବା ଅଭିଯୋଗ ଆଣିଛି ଚୌଦ୍ୱାର ସାମ୍ବାଦିକ ସଂଘ। ସଂଘର ୩୦ରୁ ଊର୍ଦ୍ଧ୍ୱ ଖବରଦାତା ଗୁରୁବାର ଡିସିପି ଅଖିଳେଶ୍ୱର ସିଂଙ୍କୁ ଭେଟି ଏ ସଂକ୍ରାନ୍ତରେ ଅଭିଯୋଗ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଟାଙ୍ଗି-ଚୌଦ୍ୱାର ତହସିଲ ଅନ୍ତର୍ଗତ କେଦାରେଶ୍ୱର ମୌଜା ଓ ଚୌଦ୍ୱାର ପୌରପାଳିକାର ୧୦ନଂ. ୱାର୍ଡ ଗୁଣ୍ଡିଚାବିହାରରେ ଥିବା ସରକାରୀ ଜମିକୁ କେତେଜଣ ଜମି ମାଫିଆ କବ୍‌ଜା କରି ବିକ୍ରି କରୁଛନ୍ତି। ଏହାକୁ ଜଣେ ଯୁବତୀ ବେଆଇନ ଭାବେ କିଣିଥିଲେ। କେତେଜଣ ଖବରଦାତା ଖବର ସଂଗ୍ରହ କରିବାକୁ ଯାଇଥିବାବେଳେ ଯୁବତୀ ଜଣକ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାରୁ ସେଠାରେ ଉପସ୍ଥିତ ଥିବା ପୋଲିସ ତାଙ୍କୁ ଥାନାକୁ ନେଇଥିଲା। ମାତ୍ର ପରେ ଯୁବତୀ ଜଣକ ଥାନାରେ ଖବରଦାତା ଦୀପକ କୁମାର ମଙ୍ଗରାଜ, କୈଳାସ ଚନ୍ଦ୍ର ସାହାଣୀ, ସତ୍ୟବ୍ରତ ଦାସ , ପଦ୍ମନାଭ ବରାଳ, ସ୍ୱାଧୀନ ଦାସ ଓ ଅଜିତ ସ୍ୱାଇଁଙ୍କ ନାମରେ ଅସଦାଚରଣ ଅଭିଯୋଗ କରିଥିଲେ। ଥାନାଧିକାରୀ ଖବରଦାତାଙ୍କ ନାମରେ ମାମଲା ରୁଜୁ କରିଥିବାରୁ ଏ ନେଇ ସାମ୍ବାଦିକ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଥାନାଧିକାରୀ ବିଧିବଦ୍ଧ ତଦନ୍ତ ନ କରି ଅନେକ ସମୟରେ ମାମଲା ରୁଜୁ କରି ବସିପଡୁଥିବା ଏବଂ ମାଫିଆମାନଙ୍କୁ ସୁରକ୍ଷା ଯୋଗାଇ ଅର୍ଥ ରୋଜଗାର କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ତେବେ ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ଡିସିପି ସିଂ ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ ସଂକ୍ରାନ୍ତରେ ଥାନାଧିକାରୀଙ୍କ ମତାମତ ମିଳିପାରିନି।

# ବାଲିଯାତ୍ରାରେ ମୀରା ମସଲା ଷ୍ଟଲ୍




**କଟକ,୨୯-୧୧**

ମୀରା ମସଲା ପକ୍ଷରୁ କଟକର ବାଲିଯାତ୍ରାରେ ୩ଟି ଷ୍ଟଲ ସ୍ଥାପନ ହୋଇଛି । ଷ୍ଟଲଗୁଡିକରେ ଗ୍ରାହକଙ୍କ ଲାଗି କମ୍ପାନୀର କଚ୍ଚିଘାନି ସୋରିଷ ତେଲ, ରିଫାଇନ୍ ତେଲ, ରାଶି ତେଲ, ଜଡ଼ା ତେଲ ସମେତ ସର୍ବତି ଅଟା, ବେସନ, ଚୁଡ଼ା ପାଉଡର, ସତୁ ଏବଂ ବିଭିନ୍ନ ମସଲା ସୁଲଭ ମୂଲ୍ୟରେ ଯୋଗାଣ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗ୍ରାହକଙ୍କ ଲାଗି ଗୋଟିଏରେ ଗୋଟିଏ ମାଗଣା ଅଫର୍ ରହିଛି। ଷ୍ଟଲଗୁଡ଼ିକରେ ଗ୍ରାହକମାନଙ୍କ ଭିଡ଼ ଜମୁଥିବା କମ୍ପାନୀ ପ୍ରକାଶ କରିଛି। ଅଟା (୨ଟି ପ୍ୟାକ୍ ସହ ଗୋଟିଏ ଫ୍ରି), ବେସନ, ତେଲ ଏବଂ ୫ଟଙ୍କିଆ ଓ ୧୦ ଟଙ୍କିଆ ମସଲା ପାଉଚ୍‌କୁ ବାଦ୍ ମସଲା କ୍ରୟରେ ୧+୧ର ସ୍ପେଶାଲ ଅଫର୍ ରହିଛି। ସେହିଭଳି ନିର୍ଦ୍ଦିଷ୍ଟ କ୍ରୟ ଉପରେ ଗ୍ରାହକ ଆକର୍ଷଣୀୟ ଉପହାର ଲାଭ କରିପାରିବେ ବୋଲି କମ୍ପାନୀର ନିର୍ଦ୍ଦେଶକ ଅମିତ୍ ପାତ୍ର ସୂଚନା ଦେଇଛନ୍ତି । ଉତ୍ପାଦର ଶୁଦ୍ଧତା ଓ ଗୁଣାତ୍ମକ ମାନ ପ୍ରତି ସବୁବେଳେ ବିଶେଷ ଦୃଷ୍ଟି ଦିଆଯାଉଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପଳାଶ କୁମାର ପାତ୍ର କହିଛନ୍ତି। ଏଠାରେ ମୁଖ୍ୟ ପରିଚାଳକ ବିକାଶ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସପ୍ତମ ସନ୍ଧ୍ୟାରେ ଦର୍ଶକଙ୍କ ହୃଦୟ ଛୁଇଁଲେ ବାଘେଲ

**କଟକ ଅଫିସ, ୨୯।୧୧**



ଗଣକବି ବୈଷ୍ଣବ ପାଣି ମଞ୍ଚରେ ନାଟକ 'କପୋତ କକ୍ଷା'।

ଐତିହାସିକ କଟକ ବାଲିଯାତ୍ରାର ଗୁରୁବାର ସପ୍ତମ ସନ୍ଧ୍ୟାରେ ମଧ ଦୁଇ ପଡ଼ିଆରେ ଜନଗହଳି ରହିଥିଲା। ବାଲିଯାତ୍ରା ବୁଲାକୁ ବିଭିନ୍ନ ସାମଗ୍ରୀ କିଣା ସହ ଖାଦ୍ୟପେୟ, ଗପସପ, ଗୁଲିଖଟି ଜମିଥିଲା। କିଏ ବାଲିଯାତ୍ରା ପାନ ଖାଉଥିଲେ ତ ଆଉ କିଏ ସେଲ୍‌ଫି ନେବାକୁ ଭୁଲୁ ନ ଥିଲେ। ବିଶେଷକରି ପରିବାର ସହ ଆସିଥିବା ପିଲାମାନେ ବିଭିନ୍ନ ଖେଳର ମଜା ଉଠାଇଥିଲେ। ଏହି ଶୀତୁଆ ସନ୍ଧ୍ୟାକୁ ବେଶ୍ ମନୋରଞ୍ଜନ କରିଥିଲା ଗଣକବି ବୈଷ୍ଣବ ପାଣି ମଞ୍ଚ। ମଞ୍ଚରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ୍ ଗାୟିକା ପ୍ରତିଭା ସିଂ ବାଘେଲ। ତାଙ୍କ କଣ୍ଠରେ ଲଗ୍‌ଜା ଗଲେ ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁଥିଲା। କିଛି ସମୟ ପାଇଁ ମତୁଆଲା ହୋଇଯାଇଥିଲେ ଦର୍ଶକ। ସେହିଭଳି କଳାକାରଙ୍କ ଦ୍ୱାରା ପୌରାଣିକ ନାଟକକୁ ଲୋକେ ମନଭରି ଦେଖିଥିଲେ।








ପ୍ରୀତମ



ରିତେଶ



ସ୍ନେହଲତା



ସୁଚିତ୍ରା



ପୂର୍ଣ୍ଣେନ୍ଦୁ



ଅନିଲ



ନୀଳକଣ୍ଠ



ଲିପି



ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି।

- କୋପରନିକସ



■ ରାଜଧାନୀରେ ଅସଜଡ଼ା ସୁରକ୍ଷା ବ୍ୟବସ୍ଥା

# ରାସ୍ତାରେ ଅଟକିଲେ ଦକ୍ଷିଣ ଆଫ୍ରିକା ଖେଳାଳି

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ଦକ୍ଷିଣ ଆଫ୍ରିକା ଏବଂ ପାକିସ୍ତାନ ହକି ଟିମ୍‌ର ଖେଳାଳିମାନେ ଗୁରୁବାର ଏସ୍‌ପ୍ଲାନେଡ୍ ମଲ୍‌କୁ ବୁଲିବାକୁ ଯିବା ସହ ଶପିଂ କରିଥିଲେ। ତେବେ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ମଲ୍‌କୁ ଆସିବା ସମୟରେ ସୁରକ୍ଷାରେ କେତେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଫଳରେ ଖେଳାଳିମାନେ ଆସିଥିବା ବସ୍‌ଟି ରାସ୍ତାରେ ଅଟକି ରହିଥିଲା। ଖେଳାଳିମାନେ ବସ୍ ଭିତରେ ବସି ରହିଥିଲେ।

ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ରେ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ଏକ ବସ୍‌ରେ ଏସ୍‌ପ୍ଲାନେଡ୍ ମଲ୍ ଆସିଥିଲେ। ରସୁଲଗଡ଼ରୁ ଯିବା ବେଳେ ଏସ୍‌ପ୍ଲାନେଡ୍ ସମ୍ମୁଖ ଡିଭାଇଡର ନିକଟରେ ବସ୍‌ଟି ବୁଲିପାରି ନ ଥିଲା। ଖେଳାଳିଙ୍କ ସୁରକ୍ଷା ଲାଗି ଏକ ଏସ୍କର୍ଟ ଭ୍ୟାନ ଆସିଥିଲେ ମଧ୍ୟ ଠିକ୍ ପଦକ୍ଷେପ ନ ନେବାରୁ ଏପରି ସମସ୍ୟା ଉପୁଜିଥିଲା। ପାଖାପାଖି ୬ରୁ ୭ ମିନିଟ୍ ଧରି ବସ୍‌ଟି ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିଲା। ଖେଳାଳିମାନେ ବସ୍ ଭିତରେ ବସି ରହିଥିଲେ। କିଛି ସମୟ ପରେ ବସ୍‌ଟି ଆଗକୁ ଯାଇ ବମିଖାଲ ଓଭରବ୍ରିଜ ନିକଟରେ ୟୁ ଟର୍ନ କରି ଏସ୍‌ପ୍ଲାନେଡ୍ ସମ୍ମୁଖକୁ ଆସିଥିଲା। ସ୍ଥାନୀୟ ଲୋକେ ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ସମାଲୋଚନା କରିଥିଲେ। ଖେଳାଳିମାନେ ପ୍ରାୟ ୨ ଘଣ୍ଟା ମଲରେ ବିତାଇବା ପରେ ହୋଟେଲକୁ ଫେରିଥିଲେ। ଶପିଂ କରିବା ସହ ମଲରେ ଥିବା ରେଷ୍ଟୁରାଣ୍ଟରେ ବିଦେଶୀ କେଏଫ୍‌ସି ଡୋମିନସ ଏବଂ କଣ୍ଟିନେଣ୍ଟାଲ ଫୁଡ୍‌ର ମଜା ନେଇଥିଲେ। ଅପରାହ୍ନ ପ୍ରାୟ ୪ଟା ବେଳକୁ କଡା ସୁରକ୍ଷା ବଳୟ ଭିତରେ ପାକିସ୍ତାନର ଖେଳାଳିମାନେ ଏସ୍‌ପ୍ଲାନେଡ୍ ଆସିଥିଲେ। ପାକିସ୍ତାନ ଖେଳାଳିଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଖେଳାଳିମାନେ ମଲ୍‌ରୁ ପୋଷାକ କିଣିଥିବା ବେଳେ ରେଷ୍ଟୁରାଣ୍ଟରେ ପିଜା ବର୍ଗରର ମଜା ନେଇଥିଲେ। ସନ୍ଧ୍ୟା ପ୍ରାୟ ୬ଟା ବେଳକୁ ସେମାନେ କଡା ସୁରକ୍ଷା ବ୍ୟବସ୍ଥା ଭିତରେ ହୋଟେଲକୁ ଫେରିଥିଲେ।



ରାସ୍ତାରେ ଅଟକି ରହିଥିବା ଖେଳାଳିଙ୍କ ବସ୍।

## ସଂକ୍ଷେପରେ

### ଚୋରି: ୩ ମହିଳା ଅଟକ

ଖୋର୍ଦ୍ଧା ଅଫିସ,୨୯।୧୧: ଦୋକାନରେ ପଶି ଲୁଗାଚୋରି କରିବା ଅଭିଯୋଗରେ ଗୁରୁବାର ଜଙ୍କିଆ ଥାନା ପୋଲିସ ୩ଜଣ ମହିଳାଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଏହି ୩ଜଣ ମହିଳା ଜଙ୍କିଆ ବଜାରର କେତେକ ଲୁଗା ଦୋକାନକୁ ଯାଇ ଲୁଗା କିଣିବା ବାହାନାରେ ଲୁଗା ସମେତ କିଛି ସାମଗ୍ରୀ ଚୋରାଇ ନେଇଥିଲେ। ତେବେ ଏହି ମହିଳାମାନେ ଚୋରି କରୁଥିବା ଦେଖି ବ୍ୟବସାୟୀ ଏମାନଙ୍କୁ ଧରି ପୋଲିସର ଜିମା ଦେଇଛନ୍ତି। ଏମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଥିବା ବେଳେ ଘର ଖୋର୍ଦ୍ଧାର ଗୁରୁଜଙ୍ଗରେ ବୋଲି ଜଣାପଡିଛି।

### ୨ୟ ଦିନରେ ଡିଇଏଲଇଡି ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କ ଧାରଣା

ଖୋର୍ଦ୍ଧା ଅଫିସ,୨୯।୧୧: ଅଣ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ଓଟିଇଟି ପରୀକ୍ଷା ଦେବାର ସୁଯୋଗ ଦେବା ପରେ ପ୍ରତିବାଦ ଆରମ୍ଭ ହୋଇଛି। ଡିଇଏଲଇଡି ପ୍ରଶିକ୍ଷଣ ନେଉଥିବା ଖୋର୍ଦ୍ଧାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡାଏଟ୍)ର ଛାତ୍ରୀଛାତ୍ରମାନେ ସ୍ଥାନୀୟ ପ୍ରଶିକ୍ଷଣ କାର୍ଯ୍ୟାଳୟ ସମ୍ମୁଖରେ ଦେଇଥିବା ଧାରଣା ୨ୟ ଦିନରେ ପହଞ୍ଚିଛି। ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ସିଟି ଓ ବିଏଡ୍ ତାଲିମ ନ ନେଇ ରାଜ୍ୟର ଅଧିକାଂଶ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ଏହି ଅଣତାଲିମପ୍ରାପ୍ତ ଶିକ୍ଷକମାନେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ(ଏନ୍‌ଆଇଓଏସ୍)ରେ ଡିଇଏଲଇଡି ପ୍ରଶିକ୍ଷଣ ନେଉଥିଲେ ସେମାନେ ଓଟିଇଟି ପରୀକ୍ଷା ଦେବାକୁ ପଡିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେବା ପରେ ରାଜ୍ୟର ବିଭିନ୍ନ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଧାରଣା ଦିଆଯାଇଛି।

### ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଜଳଯାତ୍ରା

ଜଟଣୀ,୨୯।୧୧(ଡି.ଏନ୍.ଏ.): ଜଟଣୀ ଗୋଡ଼ାଧର୍ମସାଗରସ୍ଥିତ ତ୍ରିନାଥ ଦେବଙ୍କ ପୀଠସ୍ଥଳର ଚତୁର୍ଥ ବାର୍ଷିକ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଗୁରୁବାର ଜଳଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଗ୍ନିସ୍ଥାପନ, ଆଳତି, ଭାଗବତ ପାଠ ଓ ଅନ୍ୟ ପୂଜାନୀତି ସମ୍ପନ୍ନ କରାଯାଇଥିଲା। ଏହି ଯଜ୍ଞ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ‘ଛାତ୍ରୀଛାତ୍ରଙ୍କ ଉତ୍ସାହକୁ ବଢ଼ାଏ ପ୍ରତିଯୋଗିତା’

ବେଗୁନିଆ,୨୯।୧୧(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଁପୁର ଗ୍ରାମସ୍ଥିତ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ-୨୦୧୮ ଅନୁଷ୍ଠିତ ହୋଇଥିଲା। ବ୍ଲକ ଓଷ୍ଟାର ସଭାପତି ଗଣେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ବ୍ଲକ ଶିକ୍ଷା ଅଧିକାରୀ ଲଛମନ ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ କାର୍ଯ୍ୟକାରୀ ସଭାପତି କୁଳମଣି ମିଶ୍ର ମୁଖ୍ୟବକ୍ତା, ଶିକ୍ଷାବିତ୍ ଯୋଗୀନାଥ ସାହୁ, ଶରତ ରାୟ, ଜମ୍ବେଶ୍ୱର ମଙ୍ଗରାଜ, ସୁରେଖା ରଣା, ପରେଶ ଜଗଦେବ, ନଳିନୀକାନ୍ତ ପଣ୍ଡା, ହରିବନ୍ଧୁ ତ୍ରିପାଠୀ, ବଂଶୀଧର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକର ପ୍ରାୟ ୧୭୧ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ପାଠପଢା ସହ ବିଭିନ୍ନ ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ଉତ୍ସାହକୁ ବୃଦ୍ଧି କରିଥାଏ ବୋଲି ମୁଖ୍ୟ ଅତିଥି ପରିଡା କହିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ପ୍ରଶାନ୍ତ ଜଗଦେବ, ସରପଞ୍ଚ ସରୋଜିନୀ ଖୁଣ୍ଟିଆ, ଉପେନ୍ଦ୍ର ଦାଶ, ନୀଳମଣି ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବ୍ଲକ ଓଷ୍ଟାର ସମ୍ପାଦକ ରତିକାନ୍ତ କହଲସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସରକାରୀ ନିର୍ଦ୍ଦେଶକୁ ବେଖାତିର, ଚାଲିଛି ପଲିଥିନର ଅବାଧ ବ୍ୟବହାର

ବାଲୁଗାଁ,୨୯।୧୧(ଡି.ଏନ.ଏ.)

ରାଜ୍ୟରେ ପ୍ଲାଷ୍ଟିକ୍ ଓ ପଲିଥିନର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ ନିମନ୍ତେ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ପଲିଥିନ ବ୍ୟବହାର କଲେ ୩ରୁ ୭ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୫୦୦ମିଲିଲିଟର ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ୍, ଥାଳିଆ, ପାଣି ପାଉଚ୍ ଆଦି ସାମଗ୍ରୀ ବ୍ୟବହାର ଉପରେ ରାଜ୍ୟ ସରକାରଙ୍କର ତରଫରୁ କଟକଣା ଜାରି କରାଯାଇଛି । ହେଲେ ବାଲୁଗାଁ ଏନ୍‌ଏସି ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ସରକାରୀ ନିର୍ଦ୍ଦେଶକୁ ଖାତିର ନ କରି ପ୍ଲାଷ୍ଟିକ ଓ ପଲିଥିନର ଅବାଧ ବ୍ୟବହାର କରାଯାଉଛି। ସ୍ଥାନୀୟ ପ୍ରଶାସନ ଓ ଏନ୍‌ଏସି ପକ୍ଷରୁ ସଚେତନତା ରାଲି ସହ ବିଜୁ ଯୁବବାହିନୀ ଦ୍ୱାରା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇ ଜନସାଧାରଣଙ୍କୁ ପ୍ଲାଷ୍ଟିକର ଭୟାବହତା ବିଷୟରେ ଅବଗତ କରାଯାଇଥିଲା। ପ୍ଲାଷ୍ଟିକଠାରୁ ଦୂରେଇ ରହିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ମଧ୍ୟ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହା ସତ୍ତ୍ୱେ ବାଲୁଗାଁ ଅଞ୍ଚଳର ଲୋକମାନେ ପଲିଥିନକୁ ଦୂରେଇପାରୁ ନ ଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ମଧ୍ୟ ଅଦ୍ୟାବଧି କୌଣସି ସ୍ଥାନରେ ଚଢ଼ାଉ କରାଯାଇ ନାହିଁ। ତୁରନ୍ତ ପ୍ରଶାସନ ଏ ଦିଗରେ ପଦକ୍ଷେପ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ବ୍ଲକସ୍ତରୀୟ ଜନଶୁଣାଣି

ଜଟଣୀ,୨୯।୧୧(ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଗୁରୁବାର ସ୍ଥାନୀୟ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବ ୬ ମାସର ବ୍ଲକସ୍ତରୀୟ ଏହି କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ଲକର ୧୫ଟି ପଞ୍ଚାୟତରେ ହୋଇଥିବା କାର୍ଯ୍ୟର ତଥ୍ୟ ଉପସ୍ଥିତ ଥିବା ନିର୍ବାହୀ ଅଧିକାରୀ, ସାମାଜିକ ନିରୀକ୍ଷକ ଓ ସାଧନ କର୍ମୀ ଉପସ୍ଥାପନ କରିଥିଲେ। ସେହିପରି ଉଦ୍ୟାନ କୃଷି, ମତ୍ସ୍ୟ ଓ ଜଳସଂରକ୍ଷଣ ବିଭାଗର ଅଧିକାରୀମାନେ ସେମାନଙ୍କ ବିଭାଗ ଦ୍ୱାରା ଏହି ଯୋଜନାରେ ହୋଇଥିବା ବିଭିନ୍ନ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ଏଥିରେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ବିଡିଓ, ଏବିଡିଓ, ସରପଞ୍ଚ, ସମିତି ସଭ୍ୟ, ସାଧନ କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ, ଅଣକୁଶଳୀ ଶ୍ରମିକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆମ ପୋଲିସ କାର୍ଯ୍ୟକ୍ରମ

ବାଲୁଗାଁ,୨୯।୧୧(ଡି.ଏନ.ଏ.)-

ବାଲୁଗାଁ ଥାନା ଅତିଥି ଭବନ ପ୍ରକୋଷ୍ଠରେ ଗୁରୁବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲୁଗାଁ ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା, ବାଲୁଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଅଧାପକ ଅନଙ୍ଗଭୀମ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ୍ ସମସ୍ୟା ଆଦି ସମାଧାନ କରିବା ପାଇଁ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହିତ ସହରର ମୁଖ୍ୟ ସ୍ଥାନ ଗାନ୍ଧୀ ଛକ ଓ ଚିଲିକା କୂଳଠାରେ ସିସିଟିଭି କ୍ୟାମେରା ଲଗାଯିବା ପାଇଁ ସ୍ଥିର ହୋଇଛି । ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରହିପାରିଲେ ଆଇନଶୃଙ୍ଖଳା ପରିସ୍ଥିତ ସୁଧୁରିପାରିବ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା । ଶେଷରେ ବାଲୁଗାଁ ଥାନା ଅଧିକାରୀ ପାତ୍ର ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୨୯।୧୧:

ଖୋର୍ଦ୍ଧାରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ହାତୀ ଉପଦ୍ରବ ବନ୍ଦ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଏସ୍‌ୟୁସିଆଇ(ସି)ର ଖୋର୍ଦ୍ଧାର ଆଞ୍ଚଳିକ କମିଟି ପକ୍ଷରୁ ଅନୁଷ୍ଠିତ ଏହିବିକ୍ଷୋଭରେ ଚାଷୀ ଓ ସାଧାରଣ ଲୋକେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା, ପୁରୀ, ନୟାଗଡ ଜିଲାରେ ମେଡିକାଲ କଲେଜ ନ ଥିବା ବେଳେ କଟକ ଓ ବ୍ରହ୍ମପୁରରେ ମେଡିକାଲ କଲେଜ ରହିଛି। ଖୋର୍ଦ୍ଧା ସହରଠାରୁ କଟକ ୬୦ କିମି ଓ ବ୍ରହ୍ମପୁର ୧୩୦ କିମି ଦୂରତା। ଖୋର୍ଦ୍ଧା ମଧ୍ୟ ସ୍ଥଳରେ ରହିଛି। ଏହି ଅଞ୍ଚଳରେ ନାଇଜର, ଆଇଆଇଟି ଓ ଆଇଟିବିପି ଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ରହିଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ରହିଛି। ଏଭଳିସ୍ଥଳେ ଖୋର୍ଦ୍ଧାରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଦାବି ହୋଇଛି। ଅନ୍ୟପକ୍ଷରେ ହାତୀ ଉପଦ୍ରବ ଯୋଗୁ ହଜ, ସିକୋ, ନରଗଦା, ହୀରାପୁର, ନରଣଗଡ, କଁପୁର ପଞ୍ଚାୟତର ଧାନ ଫସଲ ପ୍ରତିବର୍ଷ ଉଜୁଡୁଛି। ହେଲେ କ୍ଷତିପୂରଣ ମିଳୁନି। ଏହାର ପ୍ରତିବାଦରେ ଆନ୍ଦୋଳନ ହୋଇଛି। ଏଥିରେ ଆଞ୍ଚଳିକ କମିଟିର ସମ୍ପାଦକ ଅଶୋକ ସାହୁ, ସଙ୍ଗଠକ ଓ ଛାତ୍ରନେତା ଜୟନ୍ତ ମହାନ୍ତି, କାର୍ତ୍ତିକ ଘଡେଇ ପ୍ରମୁଖ ଯୋଗ ଦେଇଥିଲେ।




ଏସୟୁସିଆଇ (ସି) ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ।






ପ୍ରୀତମ



ରିତେଶ



ସୁଚିତ୍ରା



ସ୍ନେହଲତା



ଅନିଲ



ପୂର୍ଣ୍ଣେନ୍ଦୁ



ନୀଳକଣ୍ଠ



ଲିପି



“ ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି।
- କୋପରନିକସ



# ଜବାବ ଦାଖଲ ସମୟ ପୂରିଲା

## କାର୍ଯ୍ୟାନୁଷ୍ଠାନ ଉପରେ ଏବେ ନଜର

**ପୁରୀ ଅଫିସ,୨୯।୧୧**

ବ୍ରହ୍ମ ବିଭ୍ରାଟ ନୋଟିସର ଜବାବ ଦାଖଲ ଲାଗି ଦିଆଯାଇଥିବା ୧୫ ଦିନର ସମୟ ଗୁରୁବାର ପୂରିଯାଇଛି। ଏହି ସମୟ ଅବଧି ମଧ୍ୟରେ ନୋଟିସ ଜାରି କରାଯାଇଥିବା ସେବକମାନେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଜବାବ ଦାଖଲ କରିସାରିଛନ୍ତି। ଏବେ କାର୍ଯ୍ୟାନୁଷ୍ଠାନ ଉପରେ ସମସ୍ତଙ୍କ ନଜର। ଏଭଳି ଏକ ସ୍ପର୍ଶକାତର ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ କ'ଣ କାର୍ଯ୍ୟାନୁଷ୍ଠାନ ନେଉଛି, ତାହାକୁ ନେଇ ଚାଲିଛି କଳ୍ପନାଜଳ୍ପନା। ଗତ ସେପ୍ଟେମ୍ବର ୨୭ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ୩ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ ୨ ମାସ ପୂରିଯାଇଛି। ତେଣୁ ଡିସେମ୍ବର ୨୭ ମଧ୍ୟରେ ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି କୁହାଯାଉଛି।

### ବ୍ରହ୍ମ ବିଭ୍ରାଟ ନୋଟିସ୍

ଏହି ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ଗତ ୧୪ ତାରିଖରେ ୯ ଦଇତାପତି ଏବଂ ଜଣେ ମହାରଣା ସେବକଙ୍କୁ ନୋଟିସ ଜାରି କରିଥିଲା। ୧୫ ଦିନ ମଧ୍ୟରେ ଅର୍ଥାତ୍ ନଭେମ୍ବର ୨୯ ତାରିଖ ମଧ୍ୟରେ ଜବାବ ଦାଖଲ କରିବାକୁ ନୋଟିସରେ ଉଲ୍ଲେଖ ରହିଥିଲା। ଏମାନଙ୍କ ମଧ୍ୟରୁ ୯ ଜଣ ଜବାବ ଦାଖଲ କରିଥିବା ବେଳେ ଜଣେ ଦଇତା ସେବକ ପୁରୀ ବାହାରେ ଥିବାରୁ ସମୟ ମାଗିଛନ୍ତି। ତେଣୁ ନୋଟିସର ଜବାବ ପ୍ରାୟ ସମସ୍ତେ ଦାଖଲ କରିଛନ୍ତି। ଏହାପରେ ଶ୍ରୀମନ୍ଦିର ପ୍ରଶାସନ ବ୍ୟକ୍ତିଗତ ଭାବେ ସମସ୍ତଙ୍କ ପକ୍ଷ ଶୁଣି ଯାହାକିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଚର୍ଚ୍ଚା ହେଉଛି। ତେବେ ନୋଟିସ ପାଇବା ପୂର୍ବରୁ ସୁଭଦ୍ରାଙ୍କ ବାଡ଼ର ମୁଖ୍ୟ ମହାରଣା ସେବକ କୃଷ୍ଣଚନ୍ଦ୍ର ମହାରଣା ବିଭ୍ରାଟ ପାଇଁ ଦଇତାଙ୍କୁ ଦାୟୀ କରିବା ସହ ଦାରୁ ଚୟନ ଓ ମାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେହିପରି ନୋଟିସ ପାଇବା ପରେ ଦଇତାପତି ନିଯୋଗ ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ର ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଥିଲେ। ଏହାକୁ ନେଇ ଗତ ୨୬ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଥିବା ସେବକଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୫ରେ ମହାପ୍ରଭୁଙ୍କ ନବକଳେବର ହୋଇଥିଲା। ଜୁନ୍ ୧୫ ନିଶାର୍ଦ୍ଧରେ ବ୍ରହ୍ମ ସଂସ୍ଥାପନ ହେବାର ଥିଲା। କିନ୍ତୁ ଏଥିରେ ଅହେତୁକ ବିଳମ୍ବ ହେଲା। ଜୁନ୍ ୧୬ ସ୍ପଷ୍ଟ ଦିବାଲୋକରେ ହେଲା ଘଟ ସଂସ୍ଥାପନ। କୋଟି କୋଟି ହିନ୍ଦୁଙ୍କ ଭାବାବେଗକୁ ଆଘାତ ଦିଆଯାଇଥିବା ନେଇ ଅଭିଯୋଗ ଉଠିବା ସହ ରାଜ୍ୟବ୍ୟାପୀ ବ୍ରହ୍ମ ବିଭ୍ରାଟକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଥିଲା।




ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ନିଆଯାଉଛି।

## ଶ୍ରୀଉତ୍ସବ ପାଇଁ ଗଲା ମହାପ୍ରଭୁଙ୍କ ଆଜ୍ଞାମାଳ

**ପୁରୀ ଅଫିସ,୨୯।୧୧**

ଲକ୍ଷ୍ମୀ ପୁରାଣ ଓ ଏହା ମାଧ୍ୟମରେ ଆଧ୍ୟାତ୍ମିକ ଭାବଧାରା ସହିତ ଥିବା ସାମାଜିକ ବାର୍ତ୍ତାର ବିଶ୍ୱବ୍ୟାପୀ ପ୍ରଚାର ପ୍ରସାର ଉପଲକ୍ଷେ ଭୁବନେଶ୍ୱରରେ ଆୟୋଜିତ ହେଉଛି ଶ୍ରୀଉତ୍ସବ। ଏଥିପାଇଁ ଗୁରୁବାର ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ସଂକୀର୍ତ୍ତନ ଶୋଭାଯାତ୍ରାରେ ନିଆଯାଇଛି। ଆସନ୍ତା ଡିସେମ୍ବର ୧୩ ତାରିଖରେ ଶହୀଦ ନଗର ପୂଜା ମଣ୍ଡପରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ୧୦୮ ମହିଳା ଏକାଠି ବସି ମାଣବସା ଲକ୍ଷ୍ମୀପୂଜା ଓ ସାମୁହିକ ଲକ୍ଷ୍ମୀପୁରାଣ ପାଠ କରିବେ। ଏହି ଉପଲକ୍ଷେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ନିଆଯାଇ ଏହାର ଶୁଭାରମ୍ଭ କରାଯାଇଛି ବୋଲି ଶ୍ରୀଉତ୍ସବର ଅଧ୍ୟକ୍ଷା ଡ. ରୀନା ରାଉତରାୟ କହିଛନ୍ତି। ଓଡ଼ିଶା ସହିତ ବିଭିନ୍ନ ରାଜ୍ୟ ଓ ଦେଶ ବିଦେଶରେ ଏହି ଶ୍ରୀଉତ୍ସବ ପାଳନ କରାଯାଉଛି ବୋଲି ଏହାର ଆବାହକ ପିନାକୀ ମହାନ୍ତି ସୂଚନା ଦେଇଛନ୍ତି। ଶ୍ରୀଉତ୍ସବର କର୍ମକର୍ତ୍ତା ଚିଦାତ୍ମିକା ଖଟୁଆ, ଗୌରୀଶଙ୍କର ସିଂହାରୀ, ଜୟଶ୍ରୀ ମହାପାତ୍ର, ସଂଯୁକ୍ତା ମହଲ, ବିଥିକା ମହାନ୍ତି, କୁମୁଦିନୀ ଦାସ, ଅରବିନ୍ଦ ଅଗ୍ରୱାଲ, ରୁଦ୍ରନାରାୟଣ ମହାନ୍ତି, ଅନ୍ନଦାପ୍ରସନ୍ନ ଦାସ ପ୍ରମୁଖ ବଡ଼ଦାଣ୍ଡରେ ପଦଯାତ୍ରା କରି ସଚେତନତା ସୃଷ୍ଟି କରିଥିଲେ।

## ଅସହାୟ ପରିବାରଙ୍କୁ ବିଜୁ ପକ୍କାଗୃହ

**ଗୋପ, ୨୯।୧୧(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ବେଣୀପୁର ଗ୍ରାମର ରୋଗଗ୍ରସ୍ତ କୈଳାସ ଦାସଙ୍କ ପରିବାର ଏକ ଭଙ୍ଗା ଘରେ ଅସହାୟ ଅବସ୍ଥାରେ ଥିବାବେଳେ କୌଣସି ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରୁ ନ ଥିଲେ। ରାଶନ କାର୍ଡରେ ମିଳୁଥିବା ୨୦କିଲୋ ଚାଉଳ ଦ୍ୱାରା ପରିବାରର ୪ଜଣଙ୍କ ଜୀବନ ବଞ୍ଚୁଥିବା ଖବର ଗୁରୁବାର ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ପରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଗୁରୁବାର ଅପରାହ୍ନରେ ଏହି ଅସହାୟ ପରିବାର ନିକଟରେ ପହଞ୍ଚି ବିଜୁ ପକ୍କା ଗୃହ କାର୍ଯ୍ୟାଦେଶ ଦେଇଥିବା ଜଣାପଡ଼ିଛି। ଅପରାହ୍ନରେ ବିଧାୟକ ଦାଶ ବ୍ଲକ ପକ୍ଷରୁ ବିଜୁ ପକ୍କା ଗୃହ ଯୋଜନା କାର୍ଯ୍ୟାଦେଶ ନଂ-୬କୁ କୈଳାସଙ୍କୁ ପ୍ରଦାନ କରିଥିଲେ। ଖୁବ୍ ଶୀଘ୍ର କୈଳାସଙ୍କ ଗୃହରେ ବିଦ୍ୟୁତ୍ ସଂଯୋଗ ପାଇଁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

## ଶିକ୍ଷକଙ୍କ ମାଡ଼ରେ ଛାତ୍ରଙ୍କ ପିଠି ଫାଟିଲା



**ପୁରୀ ଅଫିସ, ୨୯।୧୧**

ପୁରୀ ସହରରେ ଗୁରୁବାର ଏକ ଅଭବାନୀୟ ଘଟଣା ଘଟିଛି। କର୍ତିସାହିସ୍ଥିତ ଏକ ଘରୋଇ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ମାଡରେ ୫ମଶ୍ରେଣୀ ଛାତ୍ରଙ୍କ ପିଠିରେ ନୋଳା ଫାଟିଯାଇଛି। ଏ ନେଇ ଛାତ୍ରଙ୍କ ପରିବାର ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁରୁବାର ସ୍କୁଲ ଛୁଟି ପରେ କୌଣସି କାରଣକୁ ନେଇ ସମ୍ପୃକ୍ତ ଛାତ୍ରଙ୍କୁ ଜଣେ ଶିକ୍ଷକ ଏକ ପ୍ଲାଷ୍ଟିକ ପାଇପ୍‌ରେ ମାଡ଼ ମାରିଥିଲେ। ଛାତ୍ର ଜଣକ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିଲା।

## ଶିଶୁର ପରିଚୟକୁ ନେଇ ଦ୍ୱନ୍ଦ୍ୱ
## ବିନା ତଦନ୍ତରେ ଅନ୍ୟ ହାତକୁ ଟେକିଦେଲେ

**ପୁରୀ ଅଫିସ,୨୯।୧୧**

ନିମାପଡ଼ା ଥାନା ଅଞ୍ଚଳରୁ ଉଦ୍ଧାର ଜଣେ ଶିଶୁକୁ ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲ୍ୟୁସି) ବିନା ତଦନ୍ତରେ ନୟାଗଡ଼ ଜିଲାର ଜଣେ ବ୍ୟକ୍ତିଙ୍କୁ ପ୍ରଦାନ କରିଛି। ଏନେଇ ସିଡବ୍ଲ୍ୟୁସିର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କୌଣସି ଖବର ନ ଥିବା ନୟାଗଡ଼ ଡିସିପିଓ ପ୍ରୀତିକାନ୍ତ ପଣ୍ଡା ଏବଂ ଓ ସିଡବ୍ଲ୍ୟୁସି ଅଧକ୍ଷ ସ୍ୱଦେଶ ମିଶ୍ର କହିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ଗତ ୧୧ ମାସ ତଳେ ନିମାପଡା ଅଞ୍ଚଳର ଏକ ଅଙ୍ଗନୱାଡି କେନ୍ଦ୍ରକୁ ଜଣେ ମହିଳା ଏକ ନବଜାତ ଶିଶୁପୁତ୍ରକୁ ଟିକା ଦେବାକୁ ଆସିଥିଲେ। ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ସନ୍ଦେହ ହେବାରୁ ସେ ପୋଲିସ ଏବଂ ସିଡିପିଓଙ୍କୁ ଜଣାଇଥିଲେ। ପୋଲିସ ଏବଂ ସିଡିପିଓ ପହଞ୍ଚି ସମ୍ପୃକ୍ତା ମହିଳାଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇ ଶିଶୁକୁ ଉଦ୍ଧାର କରିଥିଲେ। ଶିଶୁକୁ ପୁରୀ ସିଡବ୍ଲ୍ୟୁସିରେ ହାଜର କରିବା ପରେ କଣାସ ଶିଶୁ ଯତ୍ନ ୟୁନିଟ୍‌ରେ ରଖାଯାଇଥିଲା।

### ସନ୍ଦେହ ଘେରରେ ସିଡବ୍ଲ୍ୟୁସିର ଭୂମିକା

ଏହାର କିଛି ଦିନ ପରେ ଜଣେ ନାବାଳିକା ଶିଶୁର ମା' ବୋଲି ଦାବି କରିଥିଲେ। ସେ ଦାଖଲ କରିଥିବା କାଗଜପତ୍ରରେ ଭୁଲ ତଥ୍ୟ ରହିଥିଲା। ସମ୍ପୃକ୍ତା ନାବାଳିକା ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ପୁଅ ସମ୍ପର୍କରେ ଆସିବା ପରେ ଶିଶୁକୁ ଜନ୍ମ ଦେଇଥିଲେ। ସମ୍ପୃକ୍ତ ପୁଅର ପରିବାର ଶିଶୁକୁ ଗ୍ରହଣ କରିବାକୁ ମନା କରିଥିବା ଡିସିପିଓ ମନୋଜ ତ୍ରିପାଠୀ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ବୁଧବାର ସମ୍ପୃକ୍ତ ନାବାଳିକାଙ୍କ ଜେଜେବାପା ପରିଚୟ ଦେଇଥିବା ନୟାଗଡ଼ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ପୁରୀ ଜିଲା ସିଡବ୍ଲ୍ୟୁସି ଶିଶୁକୁ ହସ୍ତାନ୍ତର କରିଛନ୍ତି। ପୁରୀ ସିଡବ୍ଲ୍ୟୁସିର ସଦସ୍ୟ ରମାକାନ୍ତ ପାତ୍ର କୁହନ୍ତି, ଶିଶୁକୁ ନାବାଳିକାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶିଶୁର ସୁରକ୍ଷା ଏବଂ ଯତ୍ନ ସମ୍ପର୍କରେ ପ୍ରତ୍ୟେକ ମାସରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଭୟାବହ ଅଗ୍ନିକାଣ୍ଡ: ୭ ଗାଈ ଜୀବନ୍ତ ଦଗ୍ଧ, ୮ ଗୁରୁତର

**ବ୍ରହ୍ମଗିରି, ୨୯।୧୧(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ହାଣ୍ଡିଆଳି ଗ୍ରାମରେ ବୁଧବାର ବିଳମ୍ବିତ ରାତ୍ରିରେ ଭୟାବହ ଅଗ୍ନିକାଣ୍ଡରେ ୭ଗାଈ ଜୀବନ୍ତ ଦଗ୍ଧ ହେବା ସହ ୮ଗୁରୁତର ହୋଇଛନ୍ତି। ଉକ୍ତ ଗ୍ରାମର ଅଖାରି ବେହେରାଙ୍କ ପରିବାର ଲୋକେ ରାତିରେ ନିଘୋଡ଼ ନିଦରେ ଶୋଇଥିବାବେଳେ ହଠାତ ଗୁହାଳ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଗୁହାଳ ଘରେ ୧୭ଟି ଗାଈ ରହିଥିଲେ। ଗୁହାଳ ଘରଟି ତାଙ୍କ ଘରଠାରୁ ଦୂରରେ ଥିବାରୁ ଅଗ୍ନିକାଣ୍ଡ ସମ୍ପର୍କରେ କେହି ଜାଣି ପାରି ନ ଥିଲେ। ଖବର ପାଇ ଗ୍ରାମର ଲୋକେ ଓ ଅଗ୍ନି ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## କୋଣାର୍କ ମହୋତ୍ସବ: ୨ରେ ସାହିତ୍ୟ ଆସର
## ସାହିତ୍ୟ ସହିତ ଚିତ୍ରକଳାର ହେବ ଯୁଗଳବନ୍ଦୀ

**କୋଣାର୍କ, ୨୯।୧୧(ଡି.ଏନ୍.ଏ.)**

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆସନ୍ତା ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କ ମହୋତ୍ସବ ଆୟୋଜିତ ହେବ। ଏହି ଅବସରରେ ୨ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ 'ସାହିତ୍ୟ ଆସର' ଓ 'ଚିତ୍ରକଳା ପ୍ରଦର୍ଶନୀ' ଆୟୋଜିତ ହେବ। ପର୍ଯ୍ୟଟନ ବିଭାଗ ଓ କୋଣାର୍କ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ସାରସ୍ୱତ ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଦୁଇଶହରୁ ଅଧିକ ସାହିତ୍ୟିକ ଯୋଗଦେଇ ଆଲୋଚନାଚକ୍ର ଓ କବିତାପାଠରେ ଅଂଶଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ଯୁବା ଚିତ୍ରଶିଳ୍ପୀ ବି.ବିନିତା କୁମାରୀଙ୍କ ଦ୍ୱାରା ପ୍ରସ୍ତୁତ ୮୦ଟି ଆକର୍ଷଣୀୟ ଚିତ୍ରକଳା ପ୍ରଦର୍ଶିତ ହେବ। ସାହିତ୍ୟ ସହିତ ଚିତ୍ରକଳାର ଯୁଗଳବନ୍ଦୀକୁ ଦେଶବିଦେଶର ପର୍ଯ୍ୟଟକ ଓ ସାରସ୍ୱତ ସାଧକମାନେ ଉପଭୋଗ କରିବାର ଅପୂର୍ବ ସୁଯୋଗ ପାଇବେ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ଅତିଥି, ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଐତିହ୍ୟ ବିଷାରଦ ଡ.ସୁରେନ୍ଦ୍ର କୁମାର ମିଶ୍ର, ଗବେଷକ ତଥା କବି ଡ. ଅବଦୁଲ ଓସିଦ୍ ଖାଁ ଓ କବି ଡ. ଅରୁନ୍ଧତୀ ଦେବୀ ଯୋଗଦେବେ। ଏହି ଅବସରରେ କୋଣାର୍କ ସାହିତ୍ୟ ସଂସଦର ମୁଖପତ୍ର 'ଧରମା'ର ଚତୁର୍ଥ ସଂଖ୍ୟା ଓ କବୟିତ୍ରୀ କଳ୍ପନା ମିଶ୍ରଙ୍କ ରଚିତ ଶିଶୁ କବିତା ପୁସ୍ତକ 'ସୁନାର ହସ'କୁ ଉନ୍ମୋଚନ କରାଯିବ। ଓଡ଼ିଆ ଭାଷା ଓ ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଓ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।






ପ୍ରିତମ



ରିତେଶ



ସୁଚିତ୍ରା



ସ୍ନେହଲତା



ଅନିଲ



ପୂର୍ଣ୍ଣେନ୍ଦୁ



ନୀଳକଣ୍ଠ



ଲିପି